
ବର୍ଷ: 3 ସଂଖ୍ୟା: 3

1-15 ଅଗଷ୍ଟ, 2022

(ନିଃଶୁଳ୍କ)

# ନ୍ୟୁ ଇଣ୍ଡିଆ ସମାଚାର




ଆମକୁ ଫଲୋ କରନ୍ତୁ @NISPIBIndia

आज़ादी का अमृत महोत्सव

# ବିକାଶ ଓ ଐତିହ୍ୟ ଏକ ସଙ୍ଗେ


ସ୍ୱାଧୀନତାର 75ତମ ବର୍ଷକୁ ଅମୃତ ମହୋତ୍ସବ ଭାବେ ପାଳନ କରି ସ୍ୱର୍ଣ୍ଣିମ ଭାରତ ଆଡ଼କୁ ଅଗ୍ରସର ଭାରତ ନିଜ ସମୃଦ୍ଧ ଐତିହ୍ୟ ଏବଂ ବିକାଶକୁ ଏକ ନୂଆ ଅଧ୍ୟାୟରେ ଉତାରି ସମଗ୍ର ବିଶ୍ୱ ପାଇଁ ସାଜିଛି ଆଶାର ଆଲୋକ।



# ତ୍ରିରଙ୍ଗା ପାଇଁ ଯାହାଙ୍କ ପାଖରେ
# ଋଣୀ ରହିଥିବ ରାଷ୍ଟ୍ର...

ଭାରତର ଜାତୀୟ ପତାକା ହେଉଛି ତ୍ରିରଙ୍ଗା। ତିନୋଟି ରଙ୍ଗରେ ସଜ୍ଜିତ ଏହି ପତାକା କେବଳ ଭାରତର ଗୋଟିଏ ଧ୍ୱଜା ନୁହେଁ, ବରଂ ଭାରତର ସମ୍ମାନ, ଶୌର୍ଯ୍ୟ ଓ ଶକ୍ତିର ପ୍ରତୀକ। ଏହା 130 କୋଟିରୁ ଅଧିକ ଭାରତୀୟଙ୍କ ସାହସ, ଶୌର୍ଯ୍ୟ, ଆକାଂକ୍ଷା ଓ ପବିତ୍ରତାର ପ୍ରତୀକ। ଏହି ତ୍ରିରଙ୍ଗା ପତାକାକୁ ପ୍ରଥମେ କିଏ ସଜାଇଥିଲେ ଜାଣିଛନ୍ତି? ସେ ହେଉଛନ୍ତି ପିଙ୍ଗଳି ଭେଙ୍କିୟା। । 2 ଅଗଷ୍ଟ 1876 ଦିନ ଆନ୍ଧ୍ରପ୍ରଦେଶର କୃଷ୍ଣା ଜିଲ୍ଲାରେ ଜନ୍ମିତ ପିଙ୍ଗଳି ଭେଙ୍କିୟାଙ୍କୁ ଜାତୀୟ ପତାକା ତିଆରିର ଦାୟିତ୍ୱ ଖୋଦ୍ ରାଷ୍ଟ୍ରପିତା ମହାତ୍ମା ଗାନ୍ଧି ଦେଇଥିଲା। 1921ରେ ସେ ଏହି ପତାକା ତିଆରି କାର୍ଯ୍ୟ ସମାପ୍ତ କରିଥିଲେ।1931 ମସିହାରେ ଏଥିରେ କିଛି ସଂଶୋଧନ କରାଯାଇଥିଲା। 22 ଜୁଲାଇ 1947 ଦିନ ତ୍ରିରଙ୍ଗାକୁ ଭାରତର ରାଷ୍ଟ୍ରୀୟ ଧ୍ୱଜ ଭାବେ ସ୍ୱୀକାର କରାଯାଇଥିଲା।

## ଏମିତି ଥିଲା ତ୍ରିରଙ୍ଗା ବିକାଶର ଯାତ୍ରା






"ଆନ୍ଧ୍ରପ୍ରଦେଶ ହେଉଛି ବୀର ଏବଂ ଦେଶଭକ୍ତିର ଭୂମି। ଏଠି ପିଙ୍ଗଳି ଭେଙ୍କିୟାଙ୍କ ଭଳି ନାୟକଙ୍କ ଜନ୍ମ ହୋଇଛି, ଯିଏ ଦେଶ ପାଇଁ ପତାକା ପ୍ରସ୍ତୁତ କରିଛନ୍ତି। ଏହା କନ୍ନେଗଣ୍ଟି ହନୁମନ୍ତୁଲ କଣ୍ଟୁକୁରି, ବିରେସଲିଙ୍ଗମ ପନ୍ତୁଲୁ ଏବଂ ପୋଟି ଶ୍ରୀରାମୁଲୁଙ୍କ ଭଳି ବୀରଙ୍କ ଜନ୍ମଭୂଇଁ। -ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ନ୍ୟୁ ଇଣ୍ଡିଆ
# ସମାଚାର
ବର୍ଷ: 3 ସଂଖ୍ୟା: 3 | 1-15 ଅଗଷ୍ଟ, 2022

**ସମ୍ପାଦକ**
**ଜୟଦୀପ ଭଟନାଗର**
ପ୍ରମୁଖ ମହାନିର୍ଦ୍ଦେଶକ,
ପତ୍ର ସୂଚନା କାର୍ଯ୍ୟାଳୟ,
ନୂଆଦିଲ୍ଲୀ

**ବରିଷ୍ଠ ଉପଦେଷ୍ଟା ସମ୍ପାଦକ**
ସନ୍ତୋଷ କୁମାର

**ବରିଷ୍ଠ ସହାୟକ ଉପଦେଷ୍ଟା ସମ୍ପାଦକ**
ବିଭୋର ଶର୍ମା

**ସହାୟକ ଉପଦେଷ୍ଟା ସମ୍ପାଦକ**
ଅଖିଳେଶ କୁମାର
ଚନ୍ଦନକୁମାର ଚୌଧରୀ

**ଭାଷା ସମ୍ପାଦକ**
ସୁମିତ କୁମାର (ଇଂରାଜୀ),
ଜୟପ୍ରକାଶ ଗୁପ୍ତା (ଇଂରାଜୀ),
ଅନିଲ ପଟେଲ (ଗୁଜରାଟି),
ନଦୀମ ଅହମ୍ମଦ (ଉର୍ଦ୍ଦୁ),
ପୌଲମୀ ରକ୍ଷିତ (ବାଂଲା),
ହରିହର ପଣ୍ଡା (ଓଡ଼ିଆ)

**ସିନିୟର ଡିଜାଇନର**
ଶ୍ୟାମଶଙ୍କର ତିୱାରୀ
ରବୀନ୍ଦ୍ରକୁମାର ଶର୍ମା

**ଡିଜାଇନର**
ଦିବ୍ୟା ତଲ୍ୱାର, ଅଭୟ ଗୁପ୍ତା



**13ଟି ଭାଷାରେ ଉପଲବ୍ଧ ନ୍ୟୁ ଇଣ୍ଡିଆ ସମାଚାରକୁ ପଢ଼ିବାଲାଗି କ୍ଲିକ୍ କରନ୍ତୁ।**
https://newindiasamachar.pib.gov.in/news.aspx
**ନ୍ୟୁଇଣ୍ଡିଆ ସମାଚାରର ପୁରୁଣା ସଂଖ୍ୟା ପଢ଼ିବାଲାଗି କ୍ଲିକ୍ କରନ୍ତୁ:**
https://newindiasamachar.pib.gov.in/archive.aspx

**ଲଗାତାର ଅପଡେଟ୍ ପାଇଁ 'ନ୍ୟୁ ଇଣ୍ଡିଆ ସମାଚାର'କୁ ଫଲୋ କରନ୍ତୁ** @NISPIBIndia

## ଭିତର ପୃଷ୍ଠାରେ
# ଅମୃତ ମହୋତ୍ସବରୁ ସ୍ୱର୍ଣ୍ଣିମ ଭାରତଆଡ଼କୁ






**କଭରଷ୍ଟୋରି** | ସ୍ୱାଧୀନତାର 75ତମ ବର୍ଷରେ କିପରି ସମସ୍ତଙ୍କ ସହଯୋଗରେ ଏକ ଉତ୍ସବକୁ ସଂକଳ୍ପରେ ବଦଳାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରର ବିକାଶକୁ ନୂଆ ଦିଗ ଦେଖାଇଛନ୍ତି। 16-36

**ଅତୀତ ଓ ଭବିଷ୍ୟତର ସମ୍ପର୍କ ସୂତ୍ର**



ସାତ ଦଶନ୍ଧି ଧରି ଭାରତରଯାତ୍ରାକୁ ପ୍ରତିବିମ୍ବିତ କରୁଛି ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ। 38-42

**ମୋର ମିତ୍ର, ଶିଞ୍ଜୋ ଆବେ...**



ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ନିଧନରେ ପ୍ରଧାନମନ୍ତ୍ରୀଙ୍କ ବ୍ଲଗ୍। 51-52

**ସମାଚାର ସାର** | 4-5

**ଯାହାଙ୍କୁ ରାଷ୍ଟ୍ରପିତା, ରାଷ୍ଟ୍ର କବିର ଆଖ୍ୟା ଦେଇଥିଲେ**
ବ୍ୟକ୍ତିତ୍ୱ ପୃଷ୍ଠାରେ ଏଥର ପଢ଼ନ୍ତୁ ମୈଥିଳି ଶରଣ ଗୁପ୍ତଙ୍କ କାହାଣୀ | 6-7

**ବିକାଶର ଏକ ନୂଆ ସକାଳ**
ଜମ୍ମୁ-କଶ୍ମୀର, ଲଦାଖ: ପରିବର୍ତ୍ତନର ତିନି ବର୍ଷ | 8-11

**ନମଃ ଶିବାୟ**
ଦେଓଘରରେ ନୂଆ ବିମାନବନ୍ଦର ଓ ଝାଡ଼ଖଣ୍ଡକୁ ବିକାଶର ଉପହାର। 12-13

**ସେମି କଣ୍ଡକ୍ଟର ନିର୍ମାଣର କେନ୍ଦ୍ର ହେବ ଗୁଜରାଟ**
ଗାନ୍ଧିନଗରରେ ଡିଜିଟାଲ୍ ଇଣ୍ଡିଆ ସପ୍ତାହ ଆୟୋଜନ। 14-15

**ଭିତ୍ତିଭୂମି, ଶିକ୍ଷା ସହ ସ୍ୱାସ୍ଥ୍ୟ ପାଇଁ ପ୍ରିକସନ୍ ଡୋଜ୍**
କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି । 37

**ନୂଆ ଶିକ୍ଷା, ନୂଆ ନୀତି, ନୂଆ ଭାରତର ନିର୍ମାଣ**
ଶିକ୍ଷା ସମାବେଶରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ। 43-4

**ଅନ୍ତର୍ଭୁକ୍ତି ସମାଜରେ ଅନ୍ତିମ ବ୍ୟକ୍ତିଯାଏ ବିକାଶର ରାସ୍ତା**
ଅରୁଣ ଜେଟ୍‌ଲୀ ସ୍ମୃତି ବକ୍ତୃତାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ବୋଧନ | 45-46

**ବିକାଶର ଏକ୍ସପ୍ରେସ୍‌ୱେରେ ଯୋଡ଼ିହେଲା ଆଉ ଏକ ସଫଳତା**
ବୁନ୍ଦେଲଖଣ୍ଡକୁ ବିକାଶର ନୂଆ ରାସ୍ତା। 47-48

**କୌଶଳରୁ ରୋଜଗାର ଆଡ଼କୁ...**
ପ୍ରଧାନମନ୍ତ୍ରୀ ଦକ୍ଷ ଯୋଜନାକୁ 1ବର୍ଷ। 49-50

**Published & Printed by Satyendra Prakash,** Principal Director General, on behalf of Central Bureau of Communication **Printed at** Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-121003, **Communication Address :** Room No–278, Central Bureau of Communication, 2nd Floor, Soochna Bhawan, New Delhi -110003. **e-Mail:** response-nis@pib.gov.in, **RNI No. :** DELODI/2020/78831

# ସମ୍ପାଦକଙ୍କ କଲମରୁ...

ସାଦର ନମସ୍କାର।

**"ଉତ୍ସବେନ ବିନା ଯସ୍ମାତ୍ ସ୍ଥାପନମ୍ ନିଷ୍ଫଳମ୍ ଭବେତ୍"**

ଅର୍ଥାତ୍, କୌଣସି ପ୍ରୟାସ ବା କୌଣସି ସଂକଳ୍ପ ବିନା ଉତ୍ସବରେ ସଫଳ ହୁଏ ନାହିଁ। ଯେତେବେଳେ ଏକ ସଂକଳ୍ପ, ଉତ୍ସବର ରୂପ ନେଇଥାଏ, ସେତେବେଳେ  କୋଟି କୋଟିଙ୍କ ସଂକଳ୍ପ ଯୋଡ଼ି ହୋଇଯାଏ।  କୋଟି କୋଟି ଲୋକଙ୍କ ଶକ୍ତି ସେଥିରେ ଏକତ୍ରିତ ହୁଏ।  ସ୍ୱାଧୀନତାର ଅମୃତ ମହୋତ୍ସବ ଏହି ଜନ ଭାଗିଦାରୀ  ଚିନ୍ତାଧାରାକୁ ଭିତ୍ତିକରିଛି। ଅର୍ଥାତ୍  ଏଠି  'ସବ୍କା ପ୍ରୟାସ'  ହୋଇଛି ମୂଳ ମନ୍ତ୍ର। ଏହି ଭାବନାକୁ ସାଙ୍ଗରେ ନେଇ ସ୍ୱାଧୀନତାର 75 ତମ ବର୍ଷକୁ ଅମୃତ ମହୋତ୍ସବ ନାମରେ ନାମିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ବିକାଶ ଯାତ୍ରା ତଥା ଏକ ସୁବର୍ଣ୍ଣ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଏକ ଅଦ୍ୱିତୀୟ ପଦକ୍ଷେପ ନେଇଛନ୍ତି। ଯଦି ଆଜି ଜଣେ ଶିଶୁ ସ୍ୱାଧୀନତା ସଂଗ୍ରାମ ସହିତ ନିଜକୁ ଜଡ଼ିତ କରେ, ତା'ହେଲେ ତାର ସମଗ୍ର ଜୀବନ ଭାରତର ବିକାଶ ପାଇଁ ଉତ୍ସର୍ଗୀକୃତ ହେବ। ଭାରତର ନୂତନ ପିଢ଼ିକୁ ଦେଶ ସହିତ ଯୋଡ଼ିବା ପାଇଁ ସ୍ୱାଧୀନତାର ଅମୃତ ଉତ୍ସବ ଏକ ସୁବର୍ଣ୍ଣ ସୁଯୋଗ ପାଲଟିଛି। ଏଇ 75 ବର୍ଷରେ ଦେଶ ଅନେକ ସଫଳତା ହାସଲ କରିଛି ଏବଂ ଆମେ ଭାରତକୁ ଶୀର୍ଷ ଦେଶଙ୍କ ମଧ୍ୟରେ ସ୍ଥାନିତ କରିବାରେ ସଫଳ ହୋଇଛୁ। ସମସ୍ତଙ୍କ ଉଦ୍ୟମଦ୍ୱାରା ଦେଶ ପ୍ରତ୍ୟେକ କ୍ଷେତ୍ରରେ ଅନେକ କିର୍ତ୍ତୀମାନ ହାସଲ କରିଛି।

ଭାରତ ସରକାର ସ୍ୱାଧୀନତାର 75ତମ ବର୍ଷକୁ  ଅନନ୍ୟ ପ୍ରତୀକ ଭାବେ ପାଳନ କରିଛନ୍ତି। ଏହିକ୍ରମରେ ଭବିଷ୍ୟତ ପାଇଁ ନୂତନ ପଦକ୍ଷେପ, କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗୀତା ସହିତ   ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାଲାଗି ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ଆସନ୍ତା 25 ବର୍ଷ ଅର୍ଥାତ୍ 2047କୁ ଯେତେବେଳେ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ ସେତେବେଳକୁ ଭାରତ ବିଶ୍ୱର ଶୀର୍ଷରେ ରହିଥିବ। ସେଇଥିପାଇଁ  ଆସନ୍ତା 25 ବର୍ଷକୁ ଅମୃତକାଳ ନାଁ ଦେଇ ଅମୃତ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରାରେ ନିଜର ସାମର୍ଥ୍ୟ ସହିତ ପ୍ରଗତି ପାଇଁ ଅଧୀର ଭାରତ ଆତ୍ମନିର୍ଭର ହେବା ପାଇଁ ସଂକଳ୍ପବଦ୍ଧ ରହିଛି। ଆଜି ବିକାଶଯାତ୍ରା କାଲିର ନୂଆ ଭାରତର ସମୃଦ୍ଧ ଏବଂ ଗୌରବଶାଳୀ ପରମ୍ପରା ଭାବେ ମୁଣ୍ଡ ଟେକୁଛି।

ଏହି 15 ଅଗଷ୍ଟରେ, ସ୍ୱାଧୀନତାର 75 ବର୍ଷ ପୂରଣ ଅବସରରେ, ଭାରତ କିପରି ଏହି ସ୍ୱାଧୀନତାର ଅମୃତ ମହୋତ୍ସବକୁ ଜନଭାଗିଦାରୀ ଦ୍ୱାରା ଅମୃତ ସଙ୍କଳ୍ପରେ ପରିଣତ କରିଛି, ତାହା ଏଥରର  କଭରଷ୍ଟୋରି ଭାବେ ସ୍ଥାନୀତ ହୋଇଛି।

ଏହି ସଂଖ୍ୟାରେ ସାମିଲ୍ ରହିଛି ରାଷ୍ଟ୍ରକବି  ତଥା ହିନ୍ଦୀ ସାହିତ୍ୟର ମହାନ କଥାକାର ମୈଥିଳି ଶରଣ ଗୁପ୍ତଙ୍କ ବ୍ୟକ୍ତିତ୍ୱର କାହାଣୀ।  ଏହା ସହ ଆପଣ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟର ବିଶେଷତ୍ୱକୁ ମଧ୍ୟ ଏହି ସଂଖ୍ୟାରେ ପଢ଼ିପାରିବେ। ଜମ୍ମୁ-କଶ୍ମୀରରେ ଧାରା 370 ରଦ୍ଦ ହେବାର ତିନି ବର୍ଷ ପରେ, ଏହି କେନ୍ଦ୍ରଶାସିତ ଅଞ୍ଚଳରେ ବିକାଶର ଏକ ନୂତନ ସକାଳ, ବିଭାଜନ ବିଭୀଷିକା ସ୍ମୃତି ଦିବସ ଏବଂ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାଷ୍ଟ୍ରକୁ ଉତ୍ସର୍ଗୀକୃତ ବିକାଶ କାର୍ଯ୍ୟକ୍ରମସବୁ ମଧ୍ୟ ଏହି ସଂଖ୍ୟାରେ  ସାମିଲ ରହିଛି।

ଆସନ୍ତୁ ସ୍ୱାଧୀନତା, ଏକତା, ବିକାଶ ଏବଂ ଗଣତନ୍ତ୍ରର 75 ବର୍ଷ ପୂର୍ତ୍ତି ପାଳନ କରିବା।

**ଓଡ଼ିଆ, ହିନ୍ଦି, ଇଂରାଜୀ ଏବଂ ଅନ୍ୟ 10ଟି ଭାଷାରେ ଲପଲବ୍ଧ ଏହି ପତ୍ରିକା ପଢ଼ିବା/ଡାଉନ୍‌ଲୋଡ୍ କରିବାପାଇଁ  କ୍ଲିକ୍ କରନ୍ତୁ:**
https://newindiasamachar.pib.gov.in/news.aspx

**(ଜୟଦୀପ ଭଟନାଗର)**




# ଚିଠିବାକ୍ସ

## ଆମ ଲେଖନୀ କ୍ଷମତା ବିକାଶରେ ଉପଯୋଗୀ ନ୍ୟୁଇଣ୍ଡିଆ ସମାଚାର

ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକା ମୁଁ ନିୟମିତ ଭାବେ ପଢୁଛି। ପତ୍ରିକାରେ ଦିଆଯାଉଥିବା ତଥ୍ୟ ସରଳ, ଏବଂ ଉତ୍କୃଷ୍ଟ ରହୁଛି। ଏହା ଆମର ଲେଖିବା କ୍ଷମତାର ବିକାଶ କରୁଚି। ଦେଶ ବିକାଶ ଇଞ୍ଜିନରେ ଉପଯୋଗୀ ନବସୃଜନକୁ ଏହା ବର୍ଣ୍ଣନା କରିବା ସହ ଏହି ପତ୍ରିକାରୁ ଦେଶର ସାମାଜିକ, ଆର୍ଥିକ, ରାଜନୈତିକ, ଐତିହାସିକ ଏବଂ ବୈଦେଶିକ ସମ୍ବନ୍ଧର ସମସାମୟିକ ସୂଚନା ମିଳିପାରୁଛି।

**ହନ୍ୱନ୍ତ ସିଂହ ରାଠୋର,**
hanwantsinghrathore0@gmail.com

## କଭରଷ୍ଟୋରିର ଚୟନ ଓ ପ୍ରକାଶନ ଅତ୍ୟନ୍ତ ଆକର୍ଷଣୀୟ

ଦୁନିଆର ସବୁଠାରୁ ବଡ଼ ଯୁବବହୁଳ ଦେଶ ଭାବେ ଭରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏଠାରେ କୌଶଳ ବିକାଶକୁ ପ୍ରାଧାନ୍ୟ ଦେଇ ଏକ ନୂଆ ଦିଗ ଉନ୍ମୋଚନ କରିଛନ୍ତି। ଏଠାରେ ନିଜ ପ୍ରତିଭାର ବିକାଶ କରି ଯୁବ ପ୍ରତିଭା ନିଜର ବିକାଶ ପାଇଁ ନୂଆ ଦ୍ୱାର ଉନ୍ମୋଚନ କରୁଛନ୍ତି। କୌଶଳ ବିକାଶ ମିଶନର ସାତବର୍ଷ ପୂରା ହେବା ଅବସରରେ ଏହାର ସମ୍ପୂର୍ଣ୍ଣ ଯାତ୍ରାକୁ ନ୍ୟୁ ଇଣ୍ଡିଆ ସମାଚାରର ସମ୍ପାଦକୀୟ ଟିମ୍ ଏହାର 1-15 ଜୁଲାଇ ସଂଖ୍ୟାରେ ବହୁତ ସୁନ୍ଦର ଭାବେ ପ୍ରକାଶିତ କରିଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ସ୍ତମ୍ଭରେ ପ୍ରତିରକ୍ଷା କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟିକୁ ବର୍ଣ୍ଣନା କରାଯାଇଛି। ଅମୃତ ମହୋତ୍ସବ, କୋଭିଡ୍ ବିରୁଦ୍ଧରେ ଯୁଦ୍ଧ ଏବଂ ପ୍ରଧାନମନ୍ତ୍ରୀଙ୍କଦ୍ୱାରା ବିଭିନ୍ନ ବିକାଶମୂଳକ ଯୋଜନାର ସମ୍ଭାର ଏହି ସଂଖ୍ୟାରେ ସାମିଲ୍ କରାଯାଇଛି ଯେଉଁଥିପାଇଁ ପୂରା ସମ୍ପାଦକୀୟ ଟିମ୍‌କୁ ହାର୍ଦ୍ଦିକ ଅଭିନନ୍ଦନ।

**ଚୌଧରୀ ଶକ୍ତି ସିଂହ, ଆଡ୍‌ଭୋକେଟ୍**
shaktisinghadv@gmail.com

## ପୂରା ପଢ଼ିବାକୁ ମନହୁଏ

ପ୍ରଥମଥର ପାଇଁ ନ୍ୟୁ ଇଣ୍ଡିଆ ସମାଚାର ପଢ଼ିବାର ସୁଯୋଗ ମିଳିଲା। ଏଥିରେ ବହୁତ ତଥ୍ୟପୂର୍ଣ୍ଣ ସନ୍ଦର୍ଭକୁ ସରଳ ଭାବେ ବର୍ଣ୍ଣନା କରାଯାଇଛି। ସମ୍ପୂର୍ଣ୍ଣ ମାଗାଜିନ୍‌ରେ କୌଣସି ବି ଗୋଟିଏ ପୃଷ୍ଠାକୁ ଛାଡ଼ିବାକୁ ଇଚ୍ଛା ହୁଏ ନାହିଁ। ପତ୍ରିକାର ସମ୍ପାଦନ ଅତ୍ୟନ୍ତ ନିଷ୍ଠାର ସହ କରାଯାଉଥିବା ଏଥିରୁ ଅନୁମାନ କରାଯାଏ। ମୋର ବିଶ୍ୱାସ ଯେ ସବୁ ବର୍ଗରୁ ଏହି ପତ୍ରିକାକୁ ପ୍ରଶଂସା ମିଳିବ। ଦୟାକରି ଏହି ଗୁଣବତ୍ତା ବଜାୟ ରଖିବେ।

**ବିନୟ ଥତ୍ତେ,**
vinay.thattey@gmail.com

## ଭଲ ପତ୍ରିକା ନ୍ୟୁ ଇଣ୍ଡିଆ ସମାଚାର

ନ୍ୟୁ ଇଣ୍ଡିଆ ସମାଚାର 1-15 ଜୁଲାଇ ସଂଖ୍ୟା ପାଇଲି। ଏହା ଏକ ବହୁତ ଭଲ ପତ୍ରିକା। ଏହାକୁ ପୂରା ପଢ଼ିବାକୁ ମନ କରେ। ଏହି ସଂଖ୍ୟାରେ କୌଶଳ ବିକାଶ ଉପରେ କେନ୍ଦ୍ରୀଭୂତ ଷ୍ଟୋରୀ ବହୁତ ଭଲଲାଗିଲା। ଏହାସହ ଅମୃତ ମହୋତ୍ସବ ଶୃଙ୍ଖଳାରେ ସ୍ୱାଧୀନତା ସଂଗ୍ରାମର ନାୟକଙ୍କ କାହାଣୀ ପଢ଼ି ବିଶେଷ ଆନନ୍ଦ ମିଳିଲା। ପତ୍ରିକାରେ ଡିଜିଟାଲ୍ ଇଣ୍ଡିଆଠୁ ନେଇ ଅନ୍ୟ ସମସ୍ତ ରିପୋର୍ଟ ବହୁତ ଭଲ ଲାଗିଲା।

**ସୁରଭି ସ୍ନେହା,**
snehasurabhi5@gmail.com

**ଆମକୁ ଫଲୋ କରନ୍ତୁ @NISPIBIndia**

**ଚିଠି ପଠାଇବାର ଠିକଣା: ରୁମ୍ ନଂ: -278, କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ସୂଚନା ଭବନ, ନୂଆଦିଲ୍ଲୀ,- 110003। ଇମେଲ: response-nis@pib.gov.in**



## ବିଶ୍ୱ ବଜାରରେ ଭାରତୀୟ ଖେଳଣା

# ପିଏମ୍ ମୋଦୀଙ୍କ ଆହ୍ୱାନ ଆଣିଲା ସଫଳତା, ଭାରତୀୟ ଖେଳଣାର ରପ୍ତାନୀ 61 ପ୍ରତିଶତ ବୃଦ୍ଧି

ଅଗଷ୍ଟ 2020ର କଥା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଭାରତୀୟ ଜନସାଧାରଣଙ୍କୁ କହିଥିଲେ, ବିଶ୍ୱ ଖେଳଣା ଶିଳ୍ପର ଶିଳ୍ପ ମୂଲ୍ୟ ହେଉଛି ପ୍ରାୟ 7 ଲକ୍ଷ କୋଟି ଟଙ୍କା। ଏଥିରେ ଭାରତୀୟ ଖେଳଣା ଶିଳ୍ପର ଅଂଶ ନଗଣ୍ୟ। କିନ୍ତୁ ଯେଉଁ ଦେଶରେ ବିଶାଳ ଐତିହ୍ୟ, ପରମ୍ପରା, ବିବିଧତା, ଯୁବ ଜନସଂଖ୍ୟା ଅଛି, ସେହି ଦେଶର ଭାଗିଦାରୀ ଏତେ କମ୍। ଏହା ଶୁଣି ଆମକୁ ଭଲ ଲାଗୁ ନଥିବ। ଆମକୁ ,କାଠି ମିଶି ଆଗକୁ ବଢ଼ାଇବାକୁ ହେବ।' ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନ ଖେଳଣା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ନେଇ ଏକ ନୂତନ କାହାଣୀ ଲେଖାହେଲା। ଏକ ମାସର ଟୟକାଥନ, ଦେଶର ପ୍ରଥମ ଟୟ ଫେୟାର, 100% ବିଦେଶୀ ପୁଞ୍ଜି ବିନିଯୋଗ ଅନୁମତି, ଖେଳଣା କ୍ଲଷ୍ଟର, ବିଦେଶୀ ଖେଳଣା ଆମଦାନୀ ଉପରେ ବାଧ୍ୟତାମୂଳକ ପ୍ରମାଣପତ୍ର, ଭାରତୀୟ ଖେଳଣାରେ ନୂତନତା ଏବଂ ଡିଜିଟାଲ ଖେଳ କ୍ଷେତ୍ରରେ ନୂତନ ପ୍ରାରମ୍ଭ ଦେଖିବାକୁ ମିଳିଲା। ଏହି ପଦକ୍ଷେପଗୁଡ଼ିକର ପ୍ରଭାବ ବର୍ତ୍ତମାନ ଦୃଶ୍ୟମାନ ହେଉଛି। ଭାରତରେ, ଯେଉଁଠାରେ 2018-19ରେ 371 ନିୟୁତ ଡଲାର ଖେଳଣା ଆମଦାନୀ ହୋଇଥିଲା, 2021-22 ମସିହାରେ ଏହି ଆମଦାନୀ 70 ପ୍ରତିଶତ ହ୍ରାସ ପାଇ 110 ମିଲିୟନ ଡ଼ଲାରରେ ପହଞ୍ଚିଛି। ଏହା ସହିତ, 2018-19 ରେ ଭାରତୀୟ ଖେଳଣା ରପ୍ତାନି 202 ନିୟୁତ ଥିଲାବେଳେ ତାହା 61% ବୃଦ୍ଧି ହୋଇ 2021-22 ରେ 326 ମିଲିୟନ ଡଲାରରେ ପହଞ୍ଚିଛି।

# ଜାତୀୟ ସୁରକ୍ଷାକୁ ମଜବୁତ ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସହ ଜଡ଼ିତ75 ଟି ଉତ୍ପାଦ

ଭବିଷ୍ୟତର ଯୁଦ୍ଧରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ ପ୍ରତିରକ୍ଷା ଉତ୍ପାଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହାକୁ ଧ୍ୟାନରେ ରଖି ପ୍ରତିରକ୍ଷା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାକୁ 2018ରେ ଏଆଇ ଟାସ୍କ ଫୋର୍ସ ଗଠନ କରାଯାଇଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପାଇଁ ଭାରତରେ ଉତ୍ପାଦନକୁ ପ୍ରାଥମିକତା ଦିଆଗଲା, ତା'ପରେ ନୂତନତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଷ୍ଟାର୍ଟଅପ୍ ଏବଂ ବିଦେଶୀ ପୁଞ୍ଜି ବିନିଯୋଗର ରାସ୍ତା ଖୋଲାଗଲା। ଏହି କାରଣରୁ, ଗୋଟିଏ ପଟେ ଭାରତୀୟ ପ୍ରତିରକ୍ଷା ସାମଗ୍ରୀର ରପ୍ତାନିକୁ ଉତ୍ସାହିତ କରାଯାଇଛି, ଅନ୍ୟପକ୍ଷରେ ସେନାର ଅତ୍ୟାଧୁନିକ ଯନ୍ତ୍ରପାତିର ଆବଶ୍ୟକତା ପୂରଣ ହେଉଛି। 2021-22 ଆର୍ଥିକ ବର୍ଷରେ ପ୍ରତିରକ୍ଷା ରପ୍ତାନି ସର୍ବାଧିକ 13,000 କୋଟି ଟଙ୍କା ଅତିକ୍ରମ କରିଛି। ଏଥିମଧ୍ୟରୁ 70% ଅବଦାନ ଘରୋଇ କ୍ଷେତ୍ରରୁ ଏବଂ ଅବଶିଷ୍ଟ 30% ସରକାରୀ କ୍ଷେତ୍ରରୁ ଆସିଛି। ଏହି ପର୍ଯ୍ୟାୟରେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସହିତ ଜଡ଼ିତ 75 ଟି ଉତ୍ପାଦ / ପ୍ରଯୁକ୍ତିବିଦ୍ୟାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଜୁଲାଇ 11 ରେ ଉନ୍ମୋଚନ କରିଛନ୍ତି। ଏହି ଉତ୍ପାଦଗୁଡ଼ିକରେ ଏଆଇ ପ୍ଲାଟଫର୍ମ ଅଟୋମେସନ୍; ସ୍ୱାୟତ, ମାନବରହିତ, ରୋବୋଟିକ୍ସ ସିଷ୍ଟମ୍; ବ୍ଲକ ଚେନ୍ ଆଧାରିତ ଅଟୋମେସନ୍; କମାଣ, ନିୟନ୍ତ୍ରଣ, ସଂଚାର, କମ୍ପ୍ୟୁଟର ଏବଂ ଇଣ୍ଟେଲିଜେନ୍ସ, ନିରୀକ୍ଷଣ ଏବଂ ଅନୁସନ୍ଧାନ, ସାଇବର ସୁରକ୍ଷା, ମାନବ ବ୍ୟବହାର ସମ୍ବନ୍ଧିତ ବିଶ୍ଳେଷଣ, ବୁଦ୍ଧିମାନ ମନିଟରିଂ ସିଷ୍ଟମ୍; ଘାତକ ସ୍ୱୟଂଶାସିତ ଅସ୍ତ୍ର ପ୍ରଣାଳୀ; ଲଜିଷ୍ଟିକ୍ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନା ସହିତ ଜଡ଼ିତ ଉତ୍ପାଦ ଏବଂ ସିଷ୍ଟମ୍ ଅନ୍ତର୍ଭୁକ୍ତ।



# ନୂତନ ସଂସଦ ଗୃହର ଛାତ ଉପରେ ଜାତୀୟ ଚିହ୍ନ ଅଶୋକ ସ୍ତମ୍ଭ ଉନ୍ମୋଚିତ

ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ର ଏବଂ ଏହି ଗଣତନ୍ତ୍ରର ମନ୍ଦିର ହେଉଛି ସଂସଦ। ଏହାର ନିର୍ମାଣ ଏକ ନୂତନ ତଥା ଆତ୍ମନିର୍ଭରଶୀଳ ଭାରତର ମୌଳିକ ଚିନ୍ତାଧାରାର ପ୍ରତିଫଳନ ଭାବରେ ଆରମ୍ଭ ହୋଇଥିଲା। ଏହି ଆରମ୍ଭ 11 ଜୁଲାଇରେ ଏକ ନୂତନ ମାଇଲଖୁଣ୍ଟ ଲାଭ କଲା ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ନୂତନ କୋଠାର ଶୀର୍ଷରେ ନିର୍ମିତ ଭାରତର ଜାତୀୟ ପ୍ରତୀକ ଅଶୋକ ସ୍ତମ୍ଭକୁ ଉନ୍ମୋଚନ କରିଥିଲେ। ପିତ୍ତଳରେ ନିର୍ମିତ ଏହି ଜାତୀୟ ଚିହ୍ନର ଉଚ୍ଚତା 21 ଫୁଟ, ଓଜନ 9500 କିଲୋଗ୍ରାମ ଏବଂ ବ୍ୟାସ 3.3 ରୁ 4.3 ମିଟର। ନୂତନ ସଂସଦ ଗୃହ ଏକ ନୂତନ ଭାରତର ଆକାଂକ୍ଷା ପୂରଣ କରୁଥିବାବେଳେ ଏହି ଜାତୀୟ ପ୍ରତୀକ ଆମକୁ ଭାରତର ଏକତା, ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପ୍ରେରଣା ଯୋଗାଇବ।

## ଭାରତରେ ମିଠା ବିପ୍ଳବ: ବିଶ୍ୱର ଶ୍ରେଷ୍ଠ 10 ମହୁ ଉତ୍ପାଦକ ଦେଶଙ୍କ ମଧ୍ୟରେ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ କୃଷକଙ୍କ ଆୟ ବୃଦ୍ଧି ପାଇଁ ପାରମ୍ପରିକ ଚାଷ ବ୍ୟତୀତ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟକୁ ପ୍ରୋତ୍ସାହିତ କରାଯାଉଛି। ମହୁ ଉତ୍ପାଦନ ସେଥିମଧ୍ୟରୁ ଗୋଟିଏ। ମହୁ ଉତ୍ପାଦନ କରିକୃଷକମାନେ କେବଳ ରୋଜଗାର ପାଇନାହାଁନ୍ତି, ବରଂ ସେମାନଙ୍କର ମହୁ ବିଦେଶକୁ ମଧ ରପ୍ତାନି ହେଉଛି। ବାସ୍ତବରେ, ଦେଶରୁ ଉତ୍ପାଦିତ ପ୍ରାୟ 50 ପ୍ରତିଶତ ମହୁ ପ୍ରତିବର୍ଷ ରପ୍ତାନି ହୋଇଥାଏ | ଦେଶରେ 'ମିଠା ବିପ୍ଳବ' କୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିବାର ଫଳାଫଳ ହେଉଛି ଯେ 2013 ରେ, ଯେଉଁଠାରେ ମହୁ ରପ୍ତାନି 124 କୋଟି ଟଙ୍କା ଥିଲା, 2022 ମସିହାରେ ଏହା 309 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ଅର୍ଥାତ୍ ମହୁ ରପ୍ତାନିରେ 149 ପ୍ରତିଶତ ବୃଦ୍ଧି ଘଟିଥିଲା। ଏହା ସ୍ୱୟଂ ଏକ ରେକର୍ଡ଼। ଭାରତ ଏବେ ବିଶ୍ୱର ନବମ ବୃହତ୍ତମ ମହୁ ରପ୍ତାନକାରୀ ଦେଶ।

# ଷ୍ଟାର୍ଟଅପ୍ ମାନ୍ୟତାରେ ଗୁଜରାଟ-କର୍ଣ୍ଣାଟକ ପ୍ରଥମ ସ୍ଥାନରେ

କିଛିବର୍ଷ ପୂର୍ବେ ଷ୍ଟାର୍ଟଅପ୍ ଭଳି ଶବ୍ଦ ଭାରତରେ ନୂଆ ପ୍ରାୟ ଥିଲା। କେହି ଯେମିତି ଏହାକୁ ଶୁଣି ନଥିଲେ। ମେକ୍ ଇନ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ ଭଳି ଅଭିଯାନ ଦ୍ୱାରା ଏହି ଶବ୍ଦ ଏବେ ଅନେକଙ୍କ ପାଇଁ ପ୍ରେରଣାର ଉସ୍ର ହୋଇଛି। ଗତ 8 ବର୍ଷ ମଧ୍ୟରେ ଭାରତର ଏହି ପଦକ୍ଷେପ ଏବେ ବିଶ୍ୱରେ ଭାରତକୁ ଷ୍ଟାର୍ଟଅପ୍ ରାଜଧାନୀ ଭାବେ ପରିଚିତ କରିବାକୁ ଯାଉଛି। ଆଜି 73,079 ଷ୍ଟାର୍ଟଅପ୍ ଏବଂ 101 ୟୁନିକର୍ନ ସହିତ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ବ୍ୟବସ୍ଥାରେ ପରିଣତ ହୋଇଛି। ରାଜ୍ୟଗୁଡିକରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସମ୍ପ୍ରସାରଣ ପାଇଁ 2018ରେ ଏହି ମାନ୍ୟତା ପ୍ରଦାନ ଆରମ୍ଭ କରାଯାଇଥିଲା। ସମ୍ପ୍ରତି, 2021 ରେ ଷ୍ଟାର୍ଟଅପ୍ କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ଏକ ତାଲିକା ପ୍ରକାଶ ପାଇଛି। ଏଥିରେ ଗୁଜରାଟ ଏବଂ କର୍ଣ୍ଣାଟକ ପ୍ରଥମ ସ୍ଥାନରେ ରହିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ୱେବସାଇଟ୍ ଅନୁଯାୟୀ, ଗୁଜୁରାଟରେ 14,200 ରୁ ଅଧିକ ଷ୍ଟାର୍ଟଅପ୍ ଯଥା 6.70 ପ୍ରତିଶତ ଅଛି। କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଉତ୍ତର-ପୂର୍ବ ରାଜ୍ୟ ବର୍ଗରେ ମେଘାଳୟ ଶୀର୍ଷରେ ରହିଛି। ଏହି ମାନ୍ୟତା ଅନୁଷ୍ଠାନିକ ସମର୍ଥନ, ନବସୃଜନ ଏବଂ ଉଦ୍ୟୋଗର ପ୍ରୋତ୍ସାହନ, ବଜାର ପ୍ରବେଶ, ଇନକ୍ୟୁବେସନରେ ସହଯୋଗ, ଆର୍ଥିକ ସହାୟତା ଏବଂ ପରାମର୍ଶଦାତା ଭଳି କାରଣ ଉପରେ ଆଧାରିତ ଥିଲା। ଏହି ମାନ୍ୟତା ସମ୍ପର୍କିତ ସମ୍ପୂର୍ଣ୍ଣ ତାଲିକା https://www.pib.gov.in/PressReleasePage.aspx?PRID=1839259 ରେ ଉପଲବ୍ଧ। •

# ଯାହାଙ୍କୁ ରାଷ୍ଟ୍ରପିତା 'ରାଷ୍ଟ୍ରକବି' ଆଖ୍ୟା ଦେଇଥିଲେ

**ଜନ୍ମ: 3 ଅଗଷ୍ଟ 1886 | ମୃତ୍ୟୁ: 12 ଡିସେମ୍ବର 1964**



**ମୈଥିଳି ଶରଣ ଗୁପ୍ତ, ହିନ୍ଦି ଭାଷା ସାହିତ୍ୟର ଏମତିଜଣେ କବି ଯାହାଙ୍କୁ ବାଦ୍ ଦେଇ ଏ ଭାଷାକୁ କଳ୍ପନା କରାଯାଇ ନପାରେ! ଯାହାଙ୍କ କଲମ କେବଳ ଅଭିନବ ଶବ୍ଦର ବର୍ଷା କରୁ ନଥିଲା ବରଂ  ପାଠକଙ୍କ ମନରେ ଦେଶପ୍ରେମ, ଚେତନା, ଭାଷା-ସଂସ୍କୃତି ପ୍ରତି ମମତା ଓ କର୍ତ୍ତବ୍ୟର ଭାବନା ଜାଗ୍ରତ କରୁଥିଲା। ତାଙ୍କରି କବିତାରେ ପ୍ରେରିତ ହୋଇ ଅନେକ ମାତୃଭୂମିକୁ ପରାଧୀନତାରୁ ମୁକୁଳାଇବା ପାଇଁ ଆନ୍ଦୋଳନରେ ଝାସ ଦେଇଥିଲେ। ଖୋଦ୍ ରାଷ୍ଟ୍ରପତା ମହାତ୍ମା ଗାନ୍ଧି ତାଙ୍କୁ ରାଷ୍ଟ୍ରକବି ଭାବେ ସମ୍ମାନିତ କରିଥିଲେ। ଏହି ମହାନ କବିଙ୍କ 136ତମ ଜୟନ୍ତୀ ଅବସରରେ କୋଟି ପ୍ରଣାମ..।**

ମୈଥିଳିଶରଣ ଗୁପ୍ତ, ହିନ୍ଦି ଭାଷା ସାହିତ୍ୟର ଏମତିଜଣେ କବି ଯାହାଙ୍କୁ ବାଦ୍ ଦେଇ ଏ ଭାଷାକୁ କଳ୍ପନା କରାଯାଇ ନପାରେ! ଯାହାଙ୍କ କଲମ କେବଳ ଅଭିନବ ଶବ୍ଦର ବର୍ଷା କରୁ ନଥିଲା ବରଂ  ପାଠକଙ୍କ ମନରେ ଦେଶପ୍ରେମ, ଚେତନା, ଭାଷା-ସଂସ୍କୃତି ପ୍ରତି ମମତା ଓ କର୍ତ୍ତବ୍ୟର ଭାବନା ଜାଗ୍ରତ କରୁଥିଲା। ତାଙ୍କରି କବିତାରେ ପ୍ରେରିତ ହୋଇ ଅନେକ ମାତୃଭୂମିକୁ ପରାଧୀନତାରୁ ମୁକୁଳାଇବା ପାଇଁ ଆନ୍ଦୋଳନରେ ଝାସ ଦେଇଥିଲେ। ଖୋଦ୍ ରାଷ୍ଟ୍ରପତା ମହାତ୍ମା ଗାନ୍ଧି ତାଙ୍କୁ ରାଷ୍ଟ୍ରକବି ଭାବେ ସମ୍ମାନିତ କରିଥିଲେ। ଏହି ମହାନ କବିଙ୍କ 136ତମ ଜୟନ୍ତୀ ଅବସରରେ କୋଟି ପ୍ରଣାମ..।

ଝାନ୍ସୀ ଜିଲ୍ଲାର ଚିରଗାଓଁ, କହିଲେ କୋଟି କୋଟି ହିନ୍ଦି ସାହିତ୍ୟପ୍ରେମୀଙ୍କ ସ୍ପନ୍ଦନ ବଢ଼ିଯାଏ। ଏହି ମାଟିକୁ ସେମାନେ ତୀର୍ଥସ୍ଥାନ ଭାବେ ଗ୍ରହଣ କରନ୍ତି। କାରଣ ଏହି ମାଟି ହେଉଛି ସେହି ମହାନ ସୁପୁତ୍ରଙ୍କ ଜନ୍ମ ଭୂଇଁ ଯାହାଙ୍କ ଲେଖନୀ ହଜାର ହଜାର ଭାରତୀୟଙ୍କ ମନରେ ସ୍ୱାଧୀନତାର ବହ୍ନି ଜାଗ୍ରତ କରିଥିଲା। 03 ଅଗଷ୍ଟ 1886 ଦିନ ସେ ଜନ୍ମ ହୋଇଥିଲେ, ଯିଏ ପରବର୍ତ୍ତୀ ସମୟରେ ରାଷ୍ଟ୍ରକବି ମୈଥିଳି ଶରଣ ଗୁପ୍ତ ଭାବେ ପରିଚିତ ହୋଇଥିଲେ। ମୈଥିଳି ଶରଣ ଥିଲେ ପିତା ରାମଚରଣ କନକନେ ଏବଂ ମାତା କୌଶଲ୍ୟା ବାଈଙ୍କ ତୃତୀୟ ସନ୍ତାନ। ତାଙ୍କ ପିତା ରାମ ଭକ୍ତ ଓ କାବ୍ୟ ପ୍ରେମୀ ଥିଲେ। ପିଲାବେଳୁ ଖେଳକୁଦରେ ଅଧିକ ଧ୍ୟାନ ଦେବା ହେତୁ  ମୈଥିଳିଙ୍କ ସ୍କୁଲ୍ ଶିକ୍ଷା ପାଇଁ ମନ ଲାଗୁ ନଥିଲା।  ଫଳରେ ସ୍କୁଲ୍ ବଦଳରେ ତାଙ୍କୁ ଘରେ ଶିକ୍ଷକଙ୍କ ଦ୍ୱାରା ହିନ୍ଦି, ସଂସ୍କୃତ ଓ ଇଂରାଜୀ ବିଷୟରେ ପାଠ ପଢ଼ାଯାଇଥିଲା। ତାଙ୍କ ବାବଦରେ ଏହା ବି କୁହାଯାଏ ଯେ, ପିଲାବେଳେ ମୈଥିଳି କହୁଥିଲେ, ' ମୁଁ କାହିଁକି ପଢ଼ିବି। ପଢ଼ିବା ଲାଗି ମୁଁ ଜନ୍ମ ହୋଇନି।  ଲୋକ ମୋତେ ପଢ଼ିବେ।" ପିଲାବେଳର ଏହି କଥା, ସେ ଯେତେବେଳେ ବଡ଼ ହେଲେ ସତରେ ପରିଣତ ହେଲା।

**'ରସିକେନ୍ଦ୍ର' ରୁ ମୈଥିଳିଶରଣ ଗୁପ୍ତ**

କଥା ସେଦିନର ଯେତେବେଳେ ବ୍ରଜଭାଷା ସାହିତ୍ୟ ଜଗତକୁ ଆଚ୍ଛାଦିତ

କରି ରଖିଥିଲା, ବିଶେଷକରି କବିତା କ୍ଷେତ୍ରରେ ଏହା ବିଶେଷ ଅନୁଭବ କରାଯାଉଥିଲା। ସେହି ସମୟରେ ଖାଡ଼ି ବୋଲି ନେତା ପଣ୍ଡିତ ମହାବୀର ପ୍ରସାଦ ଦ୍ୱିବେଦୀ ଏକ ଆନ୍ଦୋଳନ ଆରମ୍ଭ କରିଲେ, ଏହାର ଉଦ୍ଦେଶ୍ୟ ଥିଲା ହିନ୍ଦି ଭାଷାର ପ୍ରସାର ଏବଂ ବହୁଳ ବ୍ୟବହାର। ମହାବୀର ପ୍ରସାଦ ସେତେବେଳେ ରେଳବାଇରେ କାମ କରୁଥିଲେ ଏବଂ ସରସ୍ୱତୀ ପତ୍ରିକାର ସମ୍ପାଦକ ଥିଲେ। ଏହା ନଗରୀ ପ୍ରଚାରଣୀ ସଭାଦ୍ୱାରା ପ୍ରକାଶ ପାଉଥିଲା। ଦିନେ ମୈଥିଳି ଶରଣ ଗୁପ୍ତ ସମସ୍ତ ସାହସ ଜୁଟାଇ ମହାବୀର ପ୍ରସାଦଙ୍କୁ ଭେଟିବାକୁ ଗଲେ। ଏହି ସମୟରେ ବେଶ୍ ଗରମ ମାହୋଲରେ ଦୁହିଁଙ୍କ ଭିତରେ ବାର୍ତ୍ତାଳାପ ହେଲା। ମୈଥିଳି କହିଲେ ମୁଁ ମୈଥିଳି ଶରଣ ଗୁପ୍ତ, ହିନ୍ଦି ଭାଷାରେ କବିତା ଲେଖେ ଏବଂ ଆପଣଙ୍କ ସରସ୍ୱତୀ ପତ୍ରିକାରେ ଏହାକୁ ପ୍ରକାଶ କରିବାକୁ ଚାହେଁ। ମହାବୀର ଉତ୍ତରରେ କହିଲେ ଅନେକ ଲୋକ ଆପଣଙ୍କ ଭଳି ଏଠାରେ ତାଙ୍କ କବିତା ପ୍ରକାଶ କରିବାକୁ ଚାହାନ୍ତି କିନ୍ତୁ ସମସ୍ତଙ୍କୁ ସୁଯୋଗ ମିଳେ ନାହିଁ। ଆପଣ ବ୍ରଜ ଭାଷା ଲେଖନ୍ତୁ। ଆମେ ଖାଡ଼ି ବୋଲିରେ ସନ୍ଦର୍ଭ ପ୍ରକାଶ କରୁଛୁ। ଏହି ସମୟରେ ମୈଥିଳି କହିଲେ, ଯଦି ଆପଣ ପ୍ରକାଶନର ଆଶ୍ୱାସନା ଦେବେ ତେବେ ମୁଁ ଖାଡ଼ି ଭାଷାରେ ବି ଲେଖିବି। ମୁଁ କିନ୍ତୁ ମୋ ଲେଖାଗୁଡ଼ିକୁ ରସିକେନ୍ଦ୍ର ନାଁରେ ଲେଖି ପଠାଇବି। ଏ ସମ୍ପର୍କରେ ଉତ୍ତର ଦେଇ ମହାବୀର ପ୍ରସାଦ କହିଲେ, ଯଦି କବିତା ପ୍ରକାଶଯୋଗ୍ୟ ହୋଇଥିବ, ତେବେ ନିଶ୍ଚିତ ଛପିବ। ତାଙ୍କୁ ଏହା ମଧ୍ୟ କୁହାଗଲା ଯେ, ସେ ଛଦ୍ମ ନାମ ନୁହେଁ ନିଜ ନାମରେ କବିତା ପଠାଇବେ। ଏହା ଶୁଣି ମୈଥିଳି ଶରଣ ଏକ କବିତା ଲେଖିଲେ। ତା' ନାଁ ଦେଲେ 'ହେମନ୍ତ'। ଆଉ ତାକୁ ପଠାଇଦେଲେ ଛାପିବା ଉଦ୍ଦେଶ୍ୟରେ। କବିତାଟି ମହାବୀର ପ୍ରସାଦଙ୍କୁ ଆକର୍ଷିତ କରିଥିଲା। ଆଉ ସେଥିଲାଗି ସେ କିଛି ସାମାନ୍ୟ ସମ୍ପାଦନାରେ ତାହାକୁ ଛାପିଥିଲେ। 'ହେମନ୍ତ' ପ୍ରକାଶନ ପରେ ଆଉ ମୈଥିଳି ଶରଣଙ୍କୁ ଫୁରୁସତ ମିଳିଲା ନାହିଁ। ନିୟମିତ ଭାବେ ତାଙ୍କ ସାହିତ୍ୟ କୃତୀସବୁ ସରସ୍ୱତୀ ପତ୍ରିକାରେ ପ୍ରକାଶ ପାଇଲା। ଧୀରେ ଧୀରେ ହିନ୍ଦି ପ୍ରତି ନିଜର ସେବାଦ୍ୱାରା ସେ 'ଦଦ୍ଦା' ଭାବେ ପରିଚିତ ହେବାରେ ଲାଗିଲେ।

**ଦଦ୍ଦାଙ୍କ ହିନ୍ଦି ସେବା**

1905 ରୁ 1925 ମଧ୍ୟରେ ପ୍ରାୟ ପ୍ରତି ଖଣ୍ଡରେ ମୈଥିଳି ଶରଣଙ୍କ କବିତା ସରସ୍ୱତୀରେ ପ୍ରକାଶ ହେବାରେ ଲାଗିଲା। ହେମନ୍ତ ପରେ ଜୟଦ୍ରଥ, ଭାରତ-ଭାରତୀ, ସାକେତ ଭଳି ଅନେକ କବିତା ବହି ଆକାରରେ ପ୍ରକାଶ ପାଇବା ପୂର୍ବରୁ ସରସ୍ୱତୀରେ ପ୍ରକାଶିତ ହୋଇଥିଲା। ମହାବୀର ପ୍ରସାଦ ଏବଂ ସରସ୍ୱତୀ ସହ ତାଙ୍କର ସମ୍ପୃକ୍ତି ବାବଦରେ ସାକେତର ମୁଖବନ୍ଧରେ ମୈଥିଳି ଶରଣ ଲେଖିଛନ୍ତି, କେମିତି ତୁଳସୀ ଦାସ ମାନସ ନାଦ କରିଥାନ୍ତେ ଯଦି ତାଙ୍କୁ ମିଳି ନଥାଆନ୍ତା ମହାବୀର ପ୍ରସାଦ? ମୈଥିଳି ଶରଣଙ୍କ ପ୍ରତିଟି କବିତା କାଳଜୟୀ। 1910ରେ ପ୍ରକାଶିତ 'ରଙ୍ଗମେ ଭଙ୍ଗ' କବିତା ଅନେକ ଉତ୍ସାହ ଓ ଉଦ୍ଦୀପନାରେ ଭରପୂର ଥିଲା । 1921ରେ ମହାବୀର ପ୍ରସାଦ ସମ୍ପାଦକ ପଦବୀରୁ ଇସ୍ତଫା ଦେଲେ। ଆଉ ସେହି ସମୟରେ ମୈଥିଳି ଶରଣ ଗୁପ୍ତ ମଧ୍ୟ ଅତ୍ୟାଚାରୀ ବ୍ରିଟିଶାସନ ବିରୁଦ୍ଧରେ ଲେଖିବା ଆରମ୍ଭ କରିଥିଲେ।

ଆମେ ଆଜି ଯେତେବେଳେ ଚିତ୍ତୋରଗଡ଼ କଥା ଶୁଣୁ ସେତେବେଳେ ଗୋଟିଏ ଅଲଗା ଅନୁଭୂତି ଆମ ଦେଶ ଓ ମନଭିତରେ ହୋଇଥାଏ। ସେ ଲେଖିଥିଲେ:

**आज की चित्तौड़ का सुन नाम कुछ जादू भरा**
**चमक जाती चंचला-सी चित में करके त्वरा**

ତାଙ୍କ ରଚିତ ଅନ୍ୟ କବିତା ସମାହାରଗୁଡ଼ିକ ଭିତରେ ରଙ୍ଗମେ ଭଙ୍ଗ ପରେ ଆସିଥିଲା ଜୟଦ୍ରଥ ବଧ। ଏହି କବିତାରେ ସେ 1905 ବଙ୍ଗ ଭଙ୍ଗ ବିରୁଦ୍ଧରେ ଲେଖିଥିଲେ:

**वाचक! प्रथम सर्वत्र ही 'जय जानकी जीवन' कहो।**
**फिर पूर्वजों के शील की शिक्षा तरंगों में बहो।।**
**दु:ख, शोक, जब जो आ पड़े, सो धैर्य पूर्वक सब सहो।**
**होगी सफलता क्यों नहीं कर्त्तव्य पथ पर दृढ़ रहो।।**
**अधिकार खो कर बैठ रहना, यह महा दुष्कर्म है।**
**न्यायार्थ अपने बंधु को भी दंड देना धर्म है।।**

ଜୟଦ୍ରଥ ବଧ କବିତା ମୈଥିଳି ଶରଣ ଗୁପ୍ତଙ୍କୁ ବିଶେଷ ପରିଚୟ ଦେଇଥିଲା। ହେଲେ1914ମସିହାରେ ପ୍ରକାଶିତ ଭାରତ-ଭାରତୀ କବିତା ତାଙ୍କୁ ଭାରତର ଶ୍ରେଷ୍ଠ କବିମାନଙ୍କ ଭିତରେ ମାନ୍ୟତା ଦେଇଥିଲା। ସେତେବେଳେ ଭାରତ ଭାରତୀ ଏତେ ଲୋକପ୍ରିୟ ଥିଲା ଯେ, ଚାହୁଁ ଚାହୁଁ ଏ କବିତା ବହି ଶେଷ ହୋଇଯାଇଥିଲା ଏବଂ ଦୁଇ ମାସ ଭିତରେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିବାକୁ ପ୍ରକାଶକ ବାଧ ହୋଇଥିଲେ। ରାଷ୍ଟ୍ରୀୟ ଆନ୍ଦୋଳନ, ଶିକ୍ଷା ସଂସ୍ଥାନଗୁଡ଼ିକରେ ହେଉଥିବା ସକାଳ ପ୍ରାର୍ଥନାରେ ଭାରତଭାରତୀ ଗାନ ହେବାରେ ଲାଗିଲା। ଗାଁ ଗାଁରେ ଅପାଠୁଆ ଲୋକେ ବି ଏହାକୁ ଶୁଣି ଶୁଣି ମନେ ରଖୁଥିଲେ ଏବଂ ନିଜେ ଗାଉଥିଲେ। ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ପରେ ଯେତେବେଳେ ନାଗପୁରରେ 'ଝଣ୍ଡା ସତ୍ୟାଗ୍ରହ' ବ୍ୟାପିଲା ସେତେବେଳେ ସତ୍ୟାଗ୍ରହୀ ବିଭିନ୍ନ ଶୋଭାଯାତ୍ରାରେ ଏହି ଗୀତ ଗାଉଥିଲେ। ଭାରତ-ଭାରତୀ ଗୀତ ଯେମିତି ଏକ ପ୍ରରିତ ଶକ୍ତି ହୋଇଯାଇଥିଲା, ସଂଗ୍ରାମୀଙ୍କ ପାଇଁ। ଏହାକୁ ଦେଖି ଇଂରେଜ ସରକାର ସେତେବେଳେ ଏହି ଗୀତ ଗାନ ଉପରେ ପ୍ରତିବନ୍ଧକ ଲଗାଇଲେ। ଯେତେ କପି ଥିଲା ସବୁକୁ ଜବତ କରିଲେ। ଜଆଜି ଯଦି ସାହିତ୍ୟ ଜଗତରେ ସଂସ୍କାରଜଏବଂ ନବଜାଗରଣର କଥା ଉଠେ ତେବେ ବାଲ ଭାରତୀ ଏକ ମାଇଲଖୁଣ୍ଟ ହୋଇ ସମସ୍ତଙ୍କୁ ଆଲୋକିତ କରେ।

1914 ଶକୁନ୍ତଳା ପ୍ରକାଶ ହେଲା। ଏହାର ଦୁଇ ବର୍ଷ ପରେ ପ୍ରକାଶ ହୋଇଥିଲା କିସାନ୍। ଏଥିରେ ଭାରତୀୟ କୃଷକମାନଙ୍କ ଦୁର୍ଦ୍ଦିନକୁ ପ୍ରକାଶ କରିଥିଲେ ମୈଥିଳି ଶରଣ। 1933 ମସିହାରେ ସିଦ୍ଧରାଜ, ଦ୍ୱାପର ଭଳି ଏତିହାସିକ କିମ୍ବଦନ୍ତୀଭିତ୍ତିକ କବିତା ସଂଗ୍ରହ ପ୍ରକାଶ ପାଇଥିଲା।

ଖାଲି କବିତା ନୁହେଁ ସେ ଲେଖି ଯାଇଥିବା ପ୍ରତିଟି କାହାଣୀ, ଉପନ୍ୟାସ, କବିତା, ନିବନ୍ଧ ପତ୍ର, ଆତ୍ମକଥା, ମହାକାବ୍ୟ ଆଜି ଭାରତୀୟ ସାହିତ୍ୟ ଦୁନିଆର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ହୋଇ ରହିଛି। ତାଙ୍କୁ ଯେତେବେଳେ ପଚାଶ ବର୍ଷ ବୟସ ହୋଇଥିଲା, ସେତେବେଳେ ଦେଶର ବିଭିନ୍ନ କୋଣ ଅନୁକୋଣରୁ ସାହିତ୍ୟପ୍ରେମୀ ବନାରସଠୁ ନେଇ ଚିରଗାଁ ଯାଏ ମୈଥିଳି ଶରଣଙ୍କ ପଚାଶତମ ଜୟନ୍ତୀକୁ ବିଶେଷ ଆୟୋଜନରେ ପାଳନ କରିଲେ। ଗାନ୍ଧିଜୀ ଏହି ଅବସରରେ ତାଙ୍କୁ 'ରାଷ୍ଟ୍ର କବି' ଉପାଧିରେ ଭୂଷିତ କରିଥିଲେ। ଏହା ପରେ ମୈଥିଳି ଶରଣ ଗୁପ୍ତ ରାଷ୍ଟ୍ର କବି ନାଁରେ ପରିଚିତ ହେଲେ। ଏହି ଉତ୍ସବ ପାଳନ ଶେଷ ନ ହେଉଣୁ ଆଉ ଏକ ଖୁସି ଖବର ସାମ୍ନାକୁ ଆସିଲା ତାହା ଥିଲା 1937ରେ ସାକେତ ର ପ୍ରକାଶନ। ଏଥିପାଇଁ ମୈଥିଳି ଶରଣଙ୍କୁ ହିନ୍ଦି ଭାଷାର ସର୍ବଶ୍ରେଷ୍ଠ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ●

# ଜମ୍ମୁ-କଶ୍ମୀର ଏବଂ ଲଦାଖ
# ବିକାଶ ପାଇଁ ନୂଆ ସକାଳର ଉଦୟ



**ତିନିବର୍ଷ ପୂର୍ବେ 5 ଅଗଷ୍ଟକୁ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଭାବନା ଆହୁରି ମଜଭୁତ ହେଲା, ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଦେଶ ଅନ୍ୟ ପ୍ରାନ୍ତ ତୁଳନାରେ ବିକାଶ ରାସ୍ତାରେ ପଛରେ ପଡ଼ିଥିବା ଜମ୍ମୁ-କଶ୍ମୀର ଏବଂ ଲଦାଖରୁ ଧାରା 370କୁ ନିଷ୍ପ୍ରଭ ଘୋଷଣା କରିଲେ। ବିଗତ ତିନିବର୍ଷରେ ଏହି ଅଞ୍ଚଳ ଦେଶର ଅନ୍ୟ ଅଙ୍ଗଗୁଡ଼ିକ ସହ ତାଳ ମିଳାଇ ଆଗକୁ ଅଗ୍ରସର ହେଉଛି। ଅର୍ଥାତ୍ ଜମ୍ମୁ କଶ୍ମୀର ବି ଦେଖୁଛି ବିକାଶର ନୂଆ ସକାଳ...।**

ଜମ୍ମୁ-କଶ୍ମୀରରେ ବିକାଶର ଏକ ନୂତନ ଯୁଗ ଆରମ୍ଭ ହୋଇଛି ଏବଂ ଏହା ବିକାଶ-ଶାନ୍ତି ରାସ୍ତାରେ ଚାଲିବା ଆରମ୍ଭ କରିଛି। ଧାରା 370 ଏବଂ 35A ହଟାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ରାଜ୍ୟରେ ନିଯୁକ୍ତି ଏବଂ ସମୃଦ୍ଧିର ଏକ ନୂତନ ଯୁଗ ଆରମ୍ଭ ହେବ। ତିନି ବର୍ଷ ପୂର୍ବେ, ଅଗଷ୍ଟ 5 ଦିନ ଜମ୍ମୁ-କାଶ୍ମୀର ଏବଂ ଲଦାଖରେ ଦେଶର ଅନ୍ୟ ରାଜ୍ୟମାନଙ୍କ ଭଳି ସମାନ ପରିବେଶ ସୃଷ୍ଟି ହୋଇଥିଲା ଏହିକ୍ରମରେ 2019ରୁ ଆରମ୍ଭ ହୋଇଥିଲା ଜମ୍ମୁ କଶ୍ମୀରରେ ନୂତନ ଭିତ୍ତିଭୂମି ଓ ସୁଯୋଗ। 7 ଟି ନୂତନ ମେଡିକାଲ କଲେଜ ଏବଂ 5 ଟି ନୂତନ ନର୍ସିଂ କଲେଜକୁ ଅନୁମତି ଦିଆଯିବା ସହ ଏଠାରେ ମେଡିକାଲ ସିଟ୍ ସଂଖ୍ୟା 500 ରୁ ବଢ଼ାଇ ପ୍ରାୟ ଦ୍ୱିଗୁଣିତ କରାଯାଇଛି। ଜମ୍ମୁ-କଶ୍ମୀରରେ ଅନେକ ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ଏସବୁ ଏଠାରେ ଉଦ୍ୟୋଗଗୁଡ଼ିକୁ ସହାୟକ ହେବା ସହ ଏଠାରେ ରାଜସ୍ୱ ବୃଦ୍ଧି କରିବ। କୃଷିର ବିକାଶ ସହିତ ଏଠାକାର ଲୋକଙ୍କ ଆୟ ବୃଦ୍ଧି ପାଇବ ଏବଂ ଅର୍ଥନୀତି ଅଧିକ ଶକ୍ତିଶାଳୀ ହେବ। ଜମ୍ମୁ-କଶ୍ମୀର ଦ୍ୱାରା ଗୋଟିଏ ନେସନ୍- ୱାନ୍ ରେସନ୍ କାର୍ଡ ଯୋଜନା କାର୍ଯ୍ୟକାରୀ ହୋଇଛି। ସେହିପରି ଉଜ୍ଜଳା, ଡିବିଟି, ସୌଭାଗ୍ୟ ଏବଂ ଅନ୍ୟାନ୍ୟ ଯୋଜନା ଜମ୍ମୁ-କଶ୍ମୀରରେ ଶତପ୍ରତିଶତ କାର୍ଯ୍ୟକାରୀ କରାଯାଇଛି। ଯେତେବେଳେ ଜଣେ ବ୍ୟକ୍ତିର ଜୀବନଧାରଣ ମାନରେ ଉନ୍ନତି ଘଟେ, ତାର ଆକାଂକ୍ଷା ଏବଂ ଆଶା ମଧ୍ୟ ବୃଦ୍ଧି

ପାଏ ଏବଂ ଏହା ଅର୍ଥନୀତି ପାଇଁ ଏକ ଭଲ ପରିବେଶ ସୃଷ୍ଟି ହୁଏ। ପ୍ରଧାନମନ୍ତ୍ରୀ ମୋଦୀ ଏକ ଉଚ୍ଚାଭିଳାଷୀ ଯୋଜନା ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ 2022 ପୂର୍ବରୁ ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଏବଂ ଅଗଷ୍ଟ 15, 2022 ସୁଦ୍ଧା ଜମ୍ମୁ-କଶ୍ମୀର ସରକାର ଏହି ଲକ୍ଷ୍ୟ ପୂରଣ କରିବାକୁ ଯାଉଛନ୍ତି। ଜମ୍ମୁ-କଶ୍ମୀର ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାର ଲାଭ ପାଇଛନ୍ତି। ପ୍ରଧାନମନ୍ତ୍ରୀ ଆୱାସ ଯୋଜନା- (ସହରାଞ୍ଚଳ ଏବଂ ଗ୍ରାମୀଣ) ଦ୍ୱାରା ଜରୁରୀ ଲୋକମାନଙ୍କୁ ଘର ଯୋଗାଇ ଦିଆଯାଉଛି।

ଜମ୍ମୁ-କଶ୍ମୀରରେ ଧାରା 370 ରଦ୍ଦ ହେବା ପରେ କ'ଣ ବଦଳିଛି ତାହାକୁ ବୁଝିବା ଲାଗି ଗତ 70 ବର୍ଷ ମଧ୍ୟରେ ବିକାଶର ଗତି ଏବଂ ଲୋକଙ୍କ ଜୀବନଶୈଳୀକୁ ଏବେକାର ପରିବର୍ତ୍ତନ ସହ ତୁଳନା କରିବାକୁ ପଡ଼ିବ। 70 ବର୍ଷ ମଧ୍ୟରେ, ରାଜ୍ୟର ପ୍ରାୟ 2,20,000 ପରିବାରଙ୍କ ପାଖରେ ଶୌଚାଳୟ ନ ଥିଲା କି ତାଙ୍କ ପାଖରେ ବିଜୁଳି ଏବଂ ପାନୀୟଜଳ ଭଳି ମୌଳିକ ସୁବିଧା ପହଞ୍ଚିପାରି ନଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 2-3 ବର୍ଷ ମଧ୍ୟରେ ଲୋକଙ୍କୁ ଏହି ସମସ୍ତ ସୁବିଧା ଯୋଗାଇ ଦେଇଥିଲେ। ଗଣତନ୍ତ୍ର ଜମ୍ମୁ-କଶ୍ମୀରର ଗାଁ ଗାଁ ଏବଂ ଘରେ ଘରେ ପହଞ୍ଚିଛି। ପାହାଡ଼ି ଲୋକମାନଙ୍କ ପାଇଁ ଆରକ୍ଷଣର କୌଣସି ସୁବିଧା ନଥିଲା ହେଲେ ଏବେ ସେମାନେ ହକ୍‌ଦାର ହୋଇଛନ୍ତି। ଜମ୍ମୁ-କଶ୍ମୀରର ପ୍ରତ୍ୟେକ ଘରେ ବିଜୁଳି ପହଞ୍ଚିଛି।

ରାଜ୍ୟରେ ଶିଳ୍ପ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବା ସମୟରେ କମ୍ ବିକଶିତ ଅଞ୍ଚଳକୁ ପ୍ରାଧାନ୍ୟ ଦିଆଯାଇଛି। ଏହାର ଅର୍ଥ ରହିଛି ବିକାଶ ପ୍ରକ୍ରିୟାକୁ ରାଜ୍ୟରେ ସମତୁଲ କରିବା। ଏଥିଲାଗି କମ୍ ବିକଶିତ ଅଞ୍ଚଳରେ ଶିଳ୍ପ ସ୍ଥାପନ କରୁଥିବା ଲୋକଙ୍କୁ ଅଧିକ ଲାଭ ବ୍ୟବସ୍ଥା କରାଯାଇଛି। ଦୃଶ୍ୟ ଜମ୍ମୁ ଓ କଶ୍ମୀରେ ଏକ ୟୁଟି କରିଡର ନିର୍ମାଣ କରାଯାଇଛି ଯେଉଁଠାରେ ପର୍ଯ୍ୟାପ୍ତ ମାନବସମ୍ବଳ ଉପଲବ୍ଧ କରାଯାଉଛି। ଉର୍ଦ୍ଦୁ ଏବଂ ଡୋଗ୍ରି ସହିତ ହିନ୍ଦୀ ଏବଂ ଇଂରାଜୀକୁ ସରକାରୀ ଭାଷା ମାନ୍ୟତା ଦିଆଯାଇଛି, ଯାହା କାର୍ଯ୍ୟକୁ ସହଜ କରିବ। ଜାମ୍ମୁ କାଶ୍ମୀରରେ ତିନି ସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରାଯାଇଛି। ଆଜି ସମସ୍ତେ ନିଜର ଅଧିକାର ବ୍ୟବହାର କରୁଛନ୍ତି। ଏହି ନିର୍ବାଚନ ଜମ୍ମୁ-କଶ୍ମୀରରେ ବିକାଶର ଏକ ନୂତନ ଆରମ୍ଭ ବୋଲି ପ୍ରତୀୟମାନ ହୋଇଛି। ଜମ୍ମୁ-କଶ୍ମୀରରେ ଶାନ୍ତି ଏବଂ ନିରାପତ୍ତା ସୁନିଶ୍ଚିତ ହେତୁ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ଅନେକ ବୃଦ୍ଧି ପାଇଛି ଏବଂ ବର୍ତ୍ତମାନ ପର୍ଯ୍ୟଟକମାନେ ଏହାର ସୌନ୍ଦର୍ଯ୍ୟ ଓ ମୁକ୍ତ ବାୟୁ ଉପଭୋଗ କରିବାକୁ ଏଠାକୁ ଆସୁଛନ୍ତି। ଅର୍ଥାତ୍ ପର୍ଯ୍ୟଟନ ଶିଳ୍ପ ପୁଣି ଉଜ୍ଜ୍ୱଳ ହୋଇଛି। ଜମ୍ମୁ-କଶ୍ମୀର ଏବଂ ଲଦାଖରେ ସେହି ସ୍ଥାନଗୁଡ଼ିକ ଚିହ୍ନଟ କରାଯାଉଛି ଯାହା ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇପାରିବ। ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ହିମାଳୟର 137 ପର୍ବତ ଶିଖର ଉନ୍ମୁକ୍ତ କରାଯାଇଛି। ସେଥିମଧ୍ୟରୁ 15 ଟି ଶିଖର ଜମ୍ମୁ-କଶ୍ମୀର ଏବଂ ଲଦାଖରେ ଅବସ୍ଥିତ। ଲଦାଖରେ ଏକ ବୌଦ୍ଧ ଅଧ୍ୟୟନ କେନ୍ଦ୍ର ସହିତ ପ୍ରଥମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନାକୁ ବାସ୍ତବରୂପ ଦିଆଯାଉଛି। ବହୁତଦିନରୁ ଲଦାଖର ଲୋକେ ଏହାକୁ ଏକ କେନ୍ଦ୍ର ଶାସିତ ପ୍ରଦେଶ ମାନ୍ୟତା ଦେବା ଲାଗି ଦାବି କରି ଆସୁଥିଲେ ଏହା

## ଆର୍ଥିକ ପରିଚାଳନାରେ ଅଭୂତପୂର୍ବ ପାରଦର୍ଶିତା


ସମସ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ବାଧ୍ୟତାମୂଳକ


ଜିଓ ଟ୍ୟାଗିଂ ଏବଂ 100% ସାର୍ଟିଫିକେଟ୍

ଜନତାଙ୍କ ଯୋଜନା, ଜନତାଙ୍କ ଅଂଶଗ୍ରହଣ ପାଇଁ ସଶକ୍ତିକରଣ ପୋର୍ଟାଲ, ଯେଉଁଥିରେ କୌଣସି ନାଗରିକ ଯେକୌଣସି ଚାଲୁଥିବା ପ୍ରକଳ୍ପ ବିଷୟରେ ସମ୍ପୂର୍ଣ୍ଣ ସୂଚନା ପାଇପାରିବେ। ବର୍ତ୍ତମାନ ଏହା ଏଥିଲାଗି ପ୍ରାୟ 39 ହଜାର ପ୍ରକଳ୍ପ ଉପଲବ୍ଧ।

## ସୁଶାସନର ନୂତନ ଅଧ୍ୟାୟ

ଜମ୍ମୁ-କଶ୍ମୀର ଉତ୍ତମ ଶାସନ ସୂଚକାଙ୍କରେ ଦେଶ ପାଇଁ ମାନଦଣ୍ଡ ପାଲଟିଛି।

**50276**

ପ୍ରକଳ୍ପ ପ୍ରକଳ୍ପ 2021-22 ରେ ସମାପ୍ତ ହୋଇଥିବାବେଳେ 2019-20 ରେ 12367 ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି।

## ଶକ୍ତି କ୍ଷେତ୍ରରେ ବିଶାଳ ପରିବର୍ତ୍ତନ

**3500**

ମେଗାୱାଟ ଏବେ ଉତ୍ପାଦନ ହେଉଛି, ଆଗାମୀ ତିନି ବର୍ଷରେଏହା ଦୁଇଗୁଣ ଏବଂ ଆଗାମୀ 7 ବର୍ଷରେ ତିନିଗୁଣା କରିବାକୁ ଲକ୍ଷ୍ୟ ରଖାଯାଇଛି।



ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ 2019-20ରେ, 1325 କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିଲା। 2021-22ରେ ଏହା 3284 କିଲୋମିଟର ହୋଇଛି। ଏହି ଯୋଜନା ଅଧୀନରେ ଆଭ୍ୟନ୍ତରୀଣ ଅଞ୍ଚଳକୁ ସଂଯୋଗ କରିବା ପାଇଁ 125 ସେତୁ ନିର୍ମାଣ ହେବ।

2019-20 ରେ ନାବାର୍ଡ଼ ଦ୍ୱାରା 84 ଟି ପ୍ରକଳ୍ପ ଅନୁମୋଦିତ ହୋଇଥିବାବେଳେ 2021-22 ମସିହାରେ 400 ଟି ପ୍ରକଳ୍ପ ଅନୁମୋଦନ କରାଯାଇଛି। 200 ରୁ ଅଧିକ ସେବା ଅନଲାଇନରେ ଏବଂ ଏକକ ୱିଣ୍ଡୋରେ ଉପଲବ୍ଧ।

## କୃଷି ଏବଂ କୃଷକର ଆନନ୍ଦ

- କୃଷିରୁ ମାସିକ ଆୟ ଦୃଷ୍ଟିରୁ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି। କୃଷି ଏବଂ ସହଯୋଗୀ କ୍ଷେତ୍ର କ୍ଷେତ୍ରରେ ଦେଶର ପଞ୍ଚମ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ-କେନ୍ଦ୍ରଶାସିତ ଅଞ୍ଚଳ ହୋଇପାରିଛି।
- କଶ୍ମୀରର କେଶର ଜିଆଇ ଟ୍ୟାଗ୍ ପାଇଛି। ଏହାଦ୍ୱାରା ଉତ୍ପାଦନରେ ବୃଦ୍ଧି କେଶର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିଛି। କିସାନ କ୍ରେଡିଟ କାର୍ଡର ଲାଭ ପରିସର, ପିଏମ କିସାନ ଯୋଜନା ଦ୍ରୁତ ଗତିରେ ବୃଦ୍ଧି ପାଇଛି। 4219 ପଞ୍ଚାୟତକୁ ଗୋଟିଏଲେଖାଏ ଧାନ ଥ୍ରେସରକୁ ମାଗଣାରେ ପ୍ରଦାନ କରାଯାଇଛି। ଅନ୍ୟାନ୍ୟ ସ୍ଥାନୀୟ କୃଷିଜାତ ଦ୍ରବ୍ୟଲାଗି ବିଶ୍ୱବ୍ୟାପୀ ପ୍ରୋତ୍ସାହନ ଦିଆଯାଉଛି।

## ସ୍ୱାସ୍ଥ୍ୟ କ୍ଷେତ୍ରରେ ସମୃଦ୍ଧି ଆଡ଼କୁ

ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଲାଗି 7177 କୋଟି ଟଙ୍କା ବ୍ୟୟ କରାଯାଉଛି। ଏହାଦ୍ୱାରା 2 ନୂତନ ଏମ୍ସ, 10 ଟି ନୂତନ ନର୍ସିଂ କଲେଜ, 2 ଟି ରାଜ୍ୟ କର୍କଟ ପ୍ରତିଷ୍ଠାନ, 7 ଟି ନୂତନ ମେଡିକାଲ କଲେଜ, 5 ଟି ନର୍ସିଂ କଲେଜକୁ ନବୀକରଣ କରାଯାଉଛି ଏବଂ 274 ଟି ପ୍ରକଳ୍ପର ବିକାଶକରାଯାଉଛି।

**881**

କୋଟି ଟଙ୍କା ବ୍ୟୟରେ ଜିଲ୍ଲାସ୍ତରରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ନବୀକରଣ କରାଯାଉଛି, ମୋଟ 140ଟି ପ୍ରକଳ୍ପ ମଧ୍ୟରୁ 132ଟି କାର୍ଯ୍ୟ ଶେଷ ହୋଇଛି ଏବଂ ବାକି 2022-23 ମସିହାରେ ଶେଷ ହେବ।

- ସ୍ୱାସ୍ଥ୍ୟ, ଆୟୁଷରେ ନିବେଶ ନୀତିକୁ ମଞ୍ଜୁରୀ ଦିଆଯାଇଛି। ନିଶାମୁକ୍ତି ପାଇଁ ନୀତିକୁ ମଞ୍ଜୁରୀ।

- 202 ରେ ଅମ୍ଳଜାନ କାରଖାନାର ସଂଖ୍ୟା 24 ଥିଲା ଯାହାକି ବର୍ତ୍ତମାନ 173 କୁ ବୃଦ୍ଧି ପାଇଛି ଏବଂ ଏହାର କ୍ଷମତା 14916 ଏଲ୍‌ପିଏମ୍‌ରେ ଆହୁରି 1,20,000ଏଲ୍‌ପିଏମ୍ ଯୋଡ଼ାଯାଇଛି।
- କୋଭିଡଦ୍ୱାରା ପ୍ରଭାବିତ 418 ରୋଗୀଙ୍କ ପରିବାରକୁ ପିଏମ୍ କେୟାର ଫଣ୍ଡରୁ ପେନସନ୍ ମଞ୍ଜୁର କରାଯିବା ସହ ଏବଂ 414 ଜଣଙ୍କ କ୍ଷେତ୍ରରେ ଛାତ୍ରବୃତ୍ତି ଅନୁମୋଦନ କରାଯାଇଛି।
- ଯେଉଁ ପରିବାର କୋଭିଡ୍ ଦ୍ୱାରା ନିଜର ରୋଜଗାରୀସଦସ୍ୟଙ୍କୁ ହରାଇଛି ସେମାନଙ୍କ ଲାଗି ବିଶେଷ ବ୍ୟବସ୍ଥା କରାଯାଇଛି।

## ଶିକ୍ଷା କ୍ଷେତ୍ରରେ ନୂତନ ପଦକ୍ଷେପ

**600**
ରୁ ଅଧିକ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି 'ସମଗ୍ର ଶିକ୍ଷା' ଅଧୀନରେ

**59**
କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଏବଂ 23 ହଷ୍ଟେଲ

**38000**
ଶିକ୍ଷକ ନିୟମିତ କରାଯାଇଚି ଜମ୍ମୁ-କଶ୍ମୀରରେ

**12** ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଥମଥର ପାଇଁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ସ୍ଥାନାନ୍ତର-ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ଏବଂ ଅନ୍ଲାଇନରେ କରାଯାଇଥିଲା।

- 4000 ବିଦ୍ୟାଳୟକୁ ସୌରଶକ୍ତି ସମ୍ପନ୍ନ କରାଯାଇଛି। ମାର୍ଚ୍ଚ 2023 ସୁଦ୍ଧା 500 ବିଦ୍ୟାଳୟରେ ଅଟଳ ଟିଙ୍କରିଂ ଲ୍ୟାବ ପ୍ରତିଷ୍ଠା। 6 ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସହ ଆଦିବାସୀ ଅଞ୍ଚଳରେ 200 ଟି ସ୍ମାର୍ଟ ସ୍କୁଲ।
- ଆଇଆଇଟି, ଆଇଆଇଏମ୍ ପ୍ରତିଷ୍ଠା ରେକର୍ଡ ସମୟ ମଧ୍ୟରେ ହୋଇଛି। ପ୍ରଥମ ଥର ପାଇଁ 50 ଟି ନୂତନ କଲେଜ ଆରମ୍ଭ ହୋଇଛି, ଯେଉଁଥିରେ 25 ହଜାର ଅତିରିକ୍ତ ସିଟ୍ ଗୋଟିଏ ବର୍ଷରେ ଯୋଡ଼ାଯାଇଛି। ଶିକ୍ଷାବିକାଶ ଲାଗି ଉପରେ ନୂତନ ଜାତୀୟ ଜାତୀୟ ନୀତି କାର୍ଯ୍ୟକାରୀ କରାଯାଇଛି।





## ମହିଳାମାନଙ୍କ ପାଇଁ ସମାନ ଅଧିକାର ଏବଂ ସୁଯୋଗ

- 5 ଲକ୍ଷରୁ ଅଧିକ ମହିଳାଙ୍କୁ 60 ହଜାର ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଲାଭ।
- 'ହୌଶଲା' ପଦକ୍ଷେପ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେଉଛି। ପ୍ରଥମ ବ୍ୟାଚ୍ ପାଇଁ 1.58 କୋଟି ଋଣ ପ୍ରଦାନ ପ୍ରକ୍ରିୟା ଶେଷ ହୋଇଛି।
- ଏହା ମାଧ୍ୟମରେ ଆର୍ଥିକ ସହାୟତା, ବ୍ୟାଙ୍କ ସହିତ ଲିଙ୍କ୍, ନୀତିଗତ ପ୍ରୋତ୍ସାହନ, ମିଶନ୍ ୟୁଥ୍ ଅଧୀନରେ ସହାୟତା, ଇ-କମର୍ସ ପ୍ଲାଟଫର୍ମ ସହିତ ଲିଙ୍କ୍ ଇତ୍ୟାଦି ଅନ୍ତର୍ଭୁକ୍ତ।
- ଡିଜି ପେ ସଖୀ, କୃଷ ସଖୀ, ପଶୁ ସାଖୀ, ଉଦ୍ୟମୀ ମହିଳା ହାଟ ଭଳି ପଦକ୍ଷେପ ସହିତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ନୂତନ ସୁଯୋଗ।

### ନିବେଶ ପାଇଁ ଆକର୍ଷଣୀୟ କେନ୍ଦ୍ର

52000 କୋଟି ଟଙ୍କା ନିବେଶ ପ୍ରସ୍ତାବ। ଯେଉଁଥିରେ 2.37 ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ। ଏଥିରୁ 14500 କୋଟି କଶ୍ମୀର ଡିଭିଜନ୍ ପାଇଁ ଏବଂ ଜାମ୍ମୁ ଡିଭିଜନ ପାଇଁ 21600 କୋଟି ଟଙ୍କା।

ପୂରଣ ହେବା ସହ ଲଦାଖ ପ୍ରଗତି ପଥରେ ଅଗ୍ରସର କରୁଛି।

ଜନ କଲ୍ୟାଣରୁ ହିଁ ରାଷ୍ଟ୍ରର କଲ୍ୟାଣ ଏହି ନୀତିକୁ କେନ୍ଦ୍ରରେ ରଖି କେନ୍ଦ୍ର ସରକାରଙ୍କ ସମସ୍ତ ନୀତି ତଥା ରଣନୀତି ଆଧାରିତ। ଏହାଦ୍ୱାରା ଜମ୍ମୁ-କାଶ୍ମୀର-ଲଦାଖରେ ଲୋକଙ୍କ ବିକାଶ ସହିତ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଗଠନର ଚିନ୍ତାଧାରା ସାକାର ହୋଇଛି। ତିନି ବର୍ଷ ପୂର୍ବେ ଅଗଷ୍ଟ 5 ରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଥିଲେ। ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରେ ବିଶେଷ କରି ଉପତ୍ୟକାରେ ବିକାଶ ପାଇଁ ଶକ୍ତ ନିଷ୍ପତ୍ତି ନେବା ଦ୍ୱାରା ଏଠାରେ ଏକ ନୂତନ ଯୁଗ ଆରମ୍ଭ ହୋଇଥିଲା। ଏହାର ସୁଖଦ ଫଳାଫଳ 2024 ବେଳକୁ ଆହୁରି ପ୍ରସ୍ଫୁଟିତ ହେବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି, କାଶ୍ମୀର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହୃଦୟରେ ବାସ କରେ, ଯେତେବେଳେ ସେ କଥା ହୁଅନ୍ତି, ସେ କହନ୍ତି ଯେ ସମସ୍ତ ଯୋଜନା ସଠିକ୍ ଭାବେ ପହଞ୍ଚୁଛି କି କି



## ଯୁବକମାନଙ୍କ ପାଇଁ ନୂତନ ଉଡ଼ାଣ ସୁଯୋଗ

- ମମକିନ୍, ତେସ୍ୱିନୀ,   ରାଇଜ୍ ଟୁଗେଦର, ଭଲେଣ୍ଟିୟର ଆଦି କାର୍ଯ୍ୟକ୍ରମ ଦ୍ୱାରା ଯୁବକମାନଙ୍କୁ ସୁଯୋଗ ମିଳିଛି। କର୍ପୋରେଟସ୍ତରରେ ବି ନିଯୁକ୍ତି ପାଇଁ ସୁଯୋଗ ଖୋଲିଛି। ଏହି ଯୋଜନାରେ 100 ପ୍ରଶାସନିକ ସେବା ପାଇଁ ଇଚ୍ଛୁକଙ୍କୁ ସୁଯୋଗ।
- ଗ୍ରାମସ୍ତରରେ ବିଭିନ୍ନ ଯୋଜନା ମାଧ୍ୟମରେ ସେମାନଙ୍କୁ ନୂତନ ମାଧ୍ୟମ ଏବଂ ରୋଜଗାରର ସୁଯୋଗ ଦେଇ ସଶକ୍ତ କରାଯାଉଛି। ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପାଇଁ ସ୍ୱଚ୍ଛ ପ୍ରକ୍ରିୟ ଓ  ଢଙ୍ଗରେ ନିଯୁକ୍ତି ଡ୍ରାଇଭ୍ ଆୟୋଜନ କରାଯାଉଛି।
- 17 ଲକ୍ଷରୁ ଅଧିକ ଯୁବକ ବିଭିନ୍ନ କ୍ରୀଡ଼ାରେ ଯୋଡ଼ା ଯାଇଛି ଏବଂ 1.26 ଲକ୍ଷ ଯୁବକ କୋଚିଂ ନେଉଛନ୍ତି। ପ୍ରତ୍ୟେକ ଜିଲ୍ଲାର ଇନଡୋର କ୍ରୀଡା କମ୍ପ୍ଲେକ୍ସ, ରାଜ୍ୟର ପ୍ରତ୍ୟେକ ପଞ୍ଚାୟତ ଏବଂ ଷ୍ଟାଡିୟମରେ ଖେଳ ପଡ଼ିଆ ଏବଂ ଆନ୍ତର୍ଜାତୀୟ ମାନକ ସୁବିଧା  ପାଇଁ ପ୍ରଚେଷ୍ଟା ।

**"ଆମପାଇଁ ଅଗଷ୍ଟ 5 ର ନିଷ୍ପତ୍ତି ହେଉଛି ଅଟଳ ଏବଂ ଜମ୍ମୁ- କଶ୍ମୀର ଏବଂ ଲଦାଖକୁ ଏକ ନୂତନ ରାସ୍ତାରେ ନେବା ନିଷ୍ପତ୍ତି ବି ନିଶ୍ଚିତ ଭାବେ ଅଟଳ ନିର୍ଣ୍ଣୟ। ଅଗଷ୍ଟ 5 ରେ, ଜମ୍ମୁ-କଶ୍ମୀରରେ ଭାରତର ସମ୍ବିଧାନକୁ ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯାଇଛି। ସବୁ ଆଇନ କାର୍ଯ୍ୟକାରୀ ହୋଇଛି। ଆମେ ଅଗଷ୍ଟ 5 ରେ 70 ବର୍ଷ ଧରି ଜମ୍ମୁ-କାଶ୍ମୀର ଏବଂ ଲଦାଖର ବିକାଶ ପ୍ରକ୍ରିୟାରେ ଥିବା ସବୁଠାରୁ ବଡ଼ ପ୍ରତିବନ୍ଧକକୁ ହଟାଇଛୁ। - ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ"**

## ସମସ୍ତଙ୍କ ପାଇଁ ସମାନତା ଏବଂ ନ୍ୟାୟ

- ସଂରକ୍ଷଣର ବ୍ୟବସ୍ଥାରେ ପରିବର୍ତ୍ତନ କରି ଏହାର ପରିସର ବିସ୍ତାର କରାଯାଇଛି। ପାହାଡ଼ି କହୁଥିବା ଲୋକଙ୍କୁ  4%, ଏବଂ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କ ପାଇଁ 10%।
- ଅନ୍ୟ ସାମାଜିକ ଶ୍ରେଣୀ ପାଇଁ ଆରକ୍ଷଣ 2 ରୁ 4% କୁ ବୃଦ୍ଧି। ସୀମାରେ ଥିବା ଲାଇନ୍ ଅଫ କଣ୍ଟ୍ରୋଲ ନିକଟରେ ରହୁଥିବା ଲୋକଙ୍କ ପାଇଁ ଆରକ୍ଷଣ 3 ରୁ 4% କୁ ବୃଦ୍ଧି କରାଯାଇଥିଲା।
- ସବିସିଙ୍କ ସଂରକ୍ଷଣ ପାଇଁ ଆୟ ସୀମା .5..5 ଲକ୍ଷରୁ 8 ଲକ୍ଷକୁ ବୃଦ୍ଧି
- ଜନସଂଖ୍ୟା ଅନୁଯାୟୀ ବିଧାନସଭା ଆସନରେ ଆଦିବାସୀଙ୍କୁ ସଂରକ୍ଷଣ ବ୍ୟବସ୍ଥା
- ଏପର୍ଯ୍ୟନ୍ତ   5,36,4336 ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଜାରି
- ଦୁଇଟି ଆଦିବାସୀ ସଂଗ୍ରହାଳୟ ପାଇଁ ସ୍ଥାନ, 2 ଟି ଆଦିବାସୀ ଅଟ୍ଟାଳିକା, 15 ଟି ହଷ୍ଟେଲର ନବୀକରଣ, 60 ଟି ଗାଁରେ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ।

## ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ

- ତ୍ରିସ୍ତରୀୟ ପଞ୍ଚାୟତିରାଜ ଆଇନ କାର୍ଯ୍ୟକାରୀ କରାଯାଇଥିଲା। ସମସ୍ତ 20 ଟି ଜିଲ୍ଲା ପାଇଁ ଜିଲ୍ଲା ଯୋଜନା ଅନୁମୋଦନ ହୋଇଛି ଏବଂ ବଜେଟ୍ ଦ୍ୱିଗୁଣିତ ହୋଇ 12,600 କୋଟି ଟଙ୍କା ହୋଇଛି।
- ଜନପ୍ରତିନିଧି ଏବଂ ସେମାନଙ୍କ ପରିବାରକୁ 25 ଲକ୍ଷ ଟଙ୍କା ବୀମା କଭର
- ଶାସନକୁ ସଂପୂର୍ଣ୍ଣ କାଗଜବିହୀନ କରିବା ପାଇଁ ଅଭିଯାନ ଆରମ୍ଭ। 1000 ଗ୍ରାମ ପଞ୍ଚାୟତକୁ ଭରତ ନେଟ ସଂଯୋଗ
- ଜମ୍ମୁ- କଶ୍ମୀର ଇତିହାସରେ ପ୍ରଥମଥର ପାଇଁ 150 ବର୍ଷ ପୁରୁଣା ଦୁର୍ବାର ମୁଭ୍ ସିଷ୍ଟମକୁ ରଦ୍ଦ କରିଦିଆଯାଇଛି।  ଦୁଇଟି ରାଜଧାନୀଥିବାରୁ ଛଅ ମାସକୁ ସମସ୍ତ ସାମଗ୍ରୀ ସ୍ଥାନାନ୍ତର ବା ଦର୍ବାର୍ ମୁଭ୍ ଅର୍ଥାତ୍ ଟ୍ରକ୍ ଦ୍ୱାରା ସ୍ଥାନାନ୍ତର ହେଉଥିଲା। ଯେଉଁଥିପାଇଁ ସରକାରୀ ଖର୍ଚ୍ଚ ବଢୁଥିଲା।

## ପର୍ଯ୍ୟଟନକୁ ନୂତନ ଡେଣା

ବିମାନରେ ପହଞ୍ଚିଛନ୍ତି ରେକର୍ଡ ସଂଖ୍ୟାରେ ପର୍ଯ୍ୟଟକ। ଅକ୍ଟୋବର 2021 ରୁ ମାର୍ଚ୍ଚ 2022 ପର୍ଯ୍ୟନ୍ତ 79 ଲକ୍ଷରୁ ଅଧିକ ପର୍ଯ୍ୟଟକ ଜମ୍ମୁ କଶ୍ମୀର ପରିଦର୍ଶନ କରିଛନ୍ତି। କେବଳ ଡିସେମ୍ବର 2021ରେ ଶ୍ରୀନଗର ବିମାନ ବନ୍ଦରରେ ପହଞ୍ଚୁଥିବା ଯାତ୍ରୀଙ୍କ ସଂଖ୍ୟା 3.24 ଲକ୍ଷରୁ ଅଧିକଥିଲା। 75 ଟି ଅଫବିଟ୍ ପର୍ଯ୍ୟଟନ କେନ୍ଦ୍ରର ବିକାଶ କରାଯାଉଛି। ହାଉସବୋଟ ଫେଷ୍ଟିଭାଲ, ସୁଫି ସାହିତ୍ୟ ଏବଂ ଅନ୍ୟାନ୍ୟ ଉତ୍ସବର ଆୟୋଜନ କରି ପର୍ଯ୍ୟଟନକୁ ପ୍ରୋତ୍ସାହିତ କରାଯାଉଛି।

ନାହିଁ, ଲୋକେ ତାହାର ଲାଭ ପାଉଛନ୍ତି କି ନା ସେ ସମ୍ପର୍କରେ ପଚାରି ବୁଝନ୍ତି। ନିଶ୍ଚିତ ଭାବରେ, ଦେଶରେ ଯେଉଁ ବିକାଶ ପରିବେଶ  ରହିଛି ତାହାରି ଆଧାରରେ ଜମ୍ମୁ-କଶ୍ମୀରରେ ବିକାଶ ତ୍ୱରାନ୍ୱିତ ହେବା ଉଚିତ, ଆଉ ତାହା ମଧ୍ୟ ବାସ୍ତବ ହେଉଛି।  ଏଥି ସହିତ ନୂତନ ଜମ୍ମୁ -କଶ୍ମୀର ଏବଂ ଲଦାଖର ଲୋକେ ଅତୀତର ସମସ୍ତ ବାଧା ବିଘ୍ନକୁ ଦୂର କରିବା ଲାଗି ନିଶ୍ଚିତ କରିଛନ୍ତି। ଅର୍ଥାତ୍ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି।  ପୂର୍ବରୁ ପୁଲୱାମାରେ ଆତଙ୍କବାଦୀମାନେ ପ୍ରାଧାନ୍ୟ ବିସ୍ତାର କରିଥିଲେ ଏବଂ ବର୍ତ୍ତମାନ 2,000 କୋଟି ଟଙ୍କା ବ୍ୟୟରେ ପୁଲୱାମାରେ ଏମ୍ସ ନିର୍ମାଣ କରାଯାଉଛି। ଯୁବକମାନଙ୍କ ପାଇଁ କଲେଜ ବନ୍ଦ ଥିଲା, ଆଜି ଆଇଆଇଟି, ଏନ୍‌ଆଇଏଫ୍‌ଟି ଇତ୍ୟାଦି ପାଇଁ ପ୍ରାୟ 900 କୋଟି ଟଙ୍କା ନିବେଶ କରାଯାଉଛି।  ଏହା ସହିତଆହୁରି  ଦୁଇଟି ଏମ୍ସ ଏବଂ ମେଡିକାଲ କଲେଜ ମଧ୍ୟ  ଏଠାରେ ନିର୍ମାଣ ପାଇଁ ପ୍ରସ୍ତାବ କାର୍ଯ୍ୟକାରୀ ହେଉଛି। ●



# ନମଃ ଶିବାୟ

**ଶ୍ରାବଣର ଅବ୍ୟବହିତ ପୂର୍ବରୁ ମହାଦେବ ନଗରୀ ଦେବଘରକୁ ନୂତନ ବିମାନ ବନ୍ଦର ଉପହାର, ଝାଡ଼ଖଣ୍ଡରେ ଏକ ସଙ୍ଗେ 16 ହଜାର କୋଟି ଟଙ୍କାରୁ ଅଧିକ ନିବେଶରେ ଯୋଜନା ଆରମ୍ଭ...**

**ହାଇସ୍ପୀଡ୍ କନେକ୍ଟିଭିଟି କେବଳ ସହରଗୁଡ଼ିକୁ ଯୋଡ଼େ ନାହିଁ ବରଂ ଏହା ବିକାଶ ପ୍ରକ୍ରିୟାକୁ ବି ତ୍ୱରାନ୍ୱିତ କରିଥାଏ। ଏହିକ୍ରମରେ କେବଳ ବଡ଼ ବଡ଼ ସହରଗୁଡ଼ିକରେ ସୀମିତ ଥିବା ବିମାନ ସେବାକୁ 'ଉଡ଼ାନ' ଯୋଜନା ମାଧ୍ୟମରେ ମଧ୍ୟମ ଏବଂ କ୍ଷୁଦ୍ର ସହରଗୁଡ଼ିକରେ ପହଞ୍ଚାଇବାର ପ୍ରୟାସ ହୋଇଛି। ପରିବର୍ତ୍ତନର ଏହି ପ୍ରକ୍ରିୟା କେବଳ ଯୋଗାଯୋଗ ବା ଭିତ୍ତିଭୂମି ବିକାଶରେ ସୀମିତ ନାହିଁ ବରଂ ଏହା ସହ ଆସ୍ଥା ଓ ବିଶ୍ୱାସ କ୍ଷେତ୍ରଗଡ଼ିକୁ ମଧ୍ୟ ନଜରରେ ରଖାଯାଇଛି। ଭଗବାନ ବୁଦ୍ଧଙ୍କ ନଗରୀ କୁଶୀନଗର ପରେ ଏବେ ମହାଦେବ ନଗରୀ ଦେବଘର ଏହାର ସାକ୍ଷୀ ହୋଇଛି।**

ଭଗବାନ ଶିବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବାବା ବୈଦ୍ୟନାଥ। ଏହି ଧାମକୁ ଆସିବା ପରେ ଭକ୍ତଙ୍କ ମନ ଖୁସିରେ ଅଧୀର ହୋଇଯାଏ। ଭାରତରେ ଆସ୍ଥା ଏବଂ ଆଧ୍ୟାତ୍ମିକତାର ଏହି ପ୍ରମୁଖ କେନ୍ଦ୍ର ବର୍ତ୍ତମାନ ସମ୍ପୂର୍ଣ୍ଣ ନୂଆ ବିମାନବନ୍ଦର ଦ୍ୱାରା ବିମାନ ସେବା ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନ ସହ ସିଧାସଳଖ ଭାବେ ସଂଯୁକ୍ତ। 12 ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଓଘର ବିମାନବନ୍ଦରର ଉଦଘାଟନ କରିବା ପରେ ଏହା ସମ୍ଭବ ହୋଇଛି। ଅପରପକ୍ଷେ କହିବାକୁ ଗଲେ ସେ ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏକି ଦର୍ଶନ ପାଇଁ ଏହି ଧାମରେ ପହଞ୍ଚିଥିଲେ। ଏହା ସହିତ ସେ ଝାଡ଼ଖଣ୍ଡରେ 16,800 କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପ ଉଦଘାଟନ ସହ ଅନେକ ନୂଆ ପ୍ରକଳ୍ପ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଦେଓଘରର ଏହି ବିମାନବନ୍ଦର ଦେଶର ଛୋଟ ଏବଂ ମଧ୍ୟମ ସହରକୁ ସଂଯୋଗ କରିବା ପାଇଁ ଆରମ୍ଭ ହୋଇଥିବା ଉଡାନ ଯୋଜନା ମାଧ୍ୟମରେ ନିର୍ମାଣ କରାଯାଇଛି। ଏହି ବିମାନବନ୍ଦରରୁ 12 ଜୁଲାଇରେ ବିମାନ ସେବା ମଧ୍ୟ ଆରମ୍ଭ ହୋଇଛି। ଏହା ଝଡ଼ଖଣ୍ଡର ଦ୍ୱିତୀୟ ବିମାନବନ୍ଦର ଭାବେ ସ୍ୱୀକୃତ ହୋଇଛି। ଏହା କେନ୍ଦ୍ର ସରକାରଙ୍କ ସେହି ଭିଜନରଏକ ଅଙ୍ଗ ଯାହାଦ୍ୱାରା ଯୋଗାଯୋଗ ସହ ଆସ୍ଥା ଓ ଆଧାତ୍ମ୍ୟ ସହ ଯୋଡ଼ା ମହତ୍ତ୍ୱପୂର୍ଣ୍ଣ ଯୋଜାନା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଏହି ବିମାନବନ୍ଦରର ଉଦଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଆଜି ବାବା ବୈଦ୍ୟନାଥଙ୍କ ଆଶୀର୍ବାଦରେ 16,000 କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି

## ଦେଓଘରରେ ଝାଡ଼ଖଣ୍ଡର ଦ୍ୱିତୀୟ ବିମାନବନ୍ଦର, 2018ରେ ପିଏମ ମୋଦୀ ବି ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ



- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 25 ମଇ 2018ରେ ଦେଓଘରରେ ବିମାନବନ୍ଦର ବିକାଶ ପାଇଁ ମୂଳଦୁଆ ପକାଇଥିଲେ। ବିମାନବନ୍ଦର କର୍ତ୍ତୃପକ୍ଷ ଏହାକୁ 401 କୋଟି ଟଙ୍କା ବ୍ୟୟରେ ନିର୍ମାଣ କରିଛନ୍ତି। ଦେଓଘର ବିମାନବନ୍ଦର 657 ଏକର ପରିସରରେ ବ୍ୟାପିଛି। ଏଥିରେ ରନୱେ ନିର୍ମାଣ ମଧ୍ୟ ଅନ୍ତର୍ଭୁକ୍ତ। ଏହାର ଲମ୍ବ 2500 ମିଟର ଏବଂ ଏହା 45 ମିଟର ଚଉଡ଼ା। ଏହି ରନୱେ ଉଭୟ ଏୟାରବସ୍ ଏ 320 ଏବଂ ବୋଇଙ୍ଗ 737 ବିମାନ ପରିଚାଳନା କରିବାରେ ସକ୍ଷମ।
- ପ୍ରଧାନମନ୍ତ୍ରୀ ଏମ୍ସ, ଦେଓଘର ରୋଗୀ ଇନ୍‌ପେସେଣ୍ଟ ବିଭାଗ (ଆଇପିଡି) ଏବଂ ଅପରେସନ୍ ଥିଏଟର ସହ ଜଡ଼ିତ ସେବାଗୁଡିକ ଦେଶକୁ ଉତ୍ସର୍ଗ କରିଥିଲେ। ଦେଓଘରରେ ଥିବା ଏମ୍ସ ସମଗ୍ର ଅଞ୍ଚଳର ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଏକ ଉଦାହରଣ।
- ପ୍ରଧାନମନ୍ତ୍ରୀ 10 ହଜାର କୋଟିରୁ ଅଧିକ ମୂଲ୍ୟର ଅନେକ ସଡ଼କ ଯୋଗାଯୋଗ ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।
- ପ୍ରାୟ 3000 କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଶକ୍ତି ଭିତ୍ତିଭୂମି ପ୍ରକଳ୍ପ ପାଇଁ ମୂଳଦୁଆ ପକାଇବା ସହ କେତେକ ପ୍ରକଳ୍ପର ଶୁଭାରମ୍ଭ
- ଦୁଇଟି ରେଳ ପ୍ରକଳ୍ପ, ଗୋଣ୍ଡା-ହଂସଡିଆ ବିଦ୍ୟୁତୀକରଣ ଖଣ୍ଡ ଏବଂ ଗରହୱା-ମହୁରିଆ ଦୋହରୀକରଣ ପ୍ରକଳ୍ପ ଦେଶ ପାଇଁ ଉତ୍ସର୍ଗୀକୃତ

## ହାୱାଇ ଚପଲ ପିନ୍ଧୁଥିବା ଲୋକଙ୍କ ପାଇଁ ବିମାନ ଯାତ୍ରା

- ଉଡାନ ଯୋଜନା ଅଧୀନରେ, ଗତ 5-6 ବର୍ଷ ମଧ୍ୟରେ ବିମାନବନ୍ଦର, ହେଲିପୋର୍ଟ ଏବଂ ୱାଟର ଏରୋଡ୍ରୋମ ମାଧ୍ୟମରେ 70 ରୁ ଅଧିକ ନୂତନ ସ୍ଥାନ ସଂଯୋଗ ହୋଇଛି।
- ଉଡାନ ଯୋଜନା ଅନୁଯାୟୀ, ଏପର୍ଯ୍ୟନ୍ତ 1 କୋଟି ଯାତ୍ରୀ ବହୁତ କମ୍ ମୂଲ୍ୟରେ ବିମାନ ଯାତ୍ରା କରିଛନ୍ତି। ସେମାନଙ୍କ ମଧ୍ୟରୁ ଲକ୍ଷ ଲକ୍ଷ ଲୋକ ଅଛନ୍ତି ଯେଉଁମାନେ ପ୍ରଥମଥର ବିମାନବନ୍ଦର ଦେଖିବା ସହ ବିମାନରେ ଚଢ଼ିବା ସୁଯୋଗ ପାଇଛନ୍ତି।
- ଆଜି 400 ରୁ ଅଧିକ ନୂତନ ରାସ୍ତାରେ ସାଧାରଣ ନାଗରିକଙ୍କ ବିମାନ ଯାତ୍ରାର ସୁବିଧା ପାଇଛି



... ବିହାର ବିଧାନସଭା ର ଶତବାର୍ଷିକୀ ଉତ୍ସବରେ ଉଦ୍‌ବୋଧନ

## ପ୍ରଥମଥର ପାଇଁ ବିହାର ବିଧାନସଭାରେ ପହଞ୍ଚିଥିଲେ ପ୍ରଧାନମନ୍ତ୍ରୀ

*ରାଜ୍ୟ ଓ କେନ୍ଦ୍ର ସମ୍ପର୍କ ହେଉଛି ଭାରତୀୟ ଗଣତନ୍ତ୍ରର ଅନ୍ୟତମ ସୌନ୍ଦର୍ଯ୍ୟ। 12 ଜୁଲାଇରେ ବିହାର ବିଧାନସଭାର ଶତବାର୍ଷିକୀ ସମାରୋହର ଉଦ୍‌ଯାପନର ସମାରୋହରେ ଏହା ଦୃଶ୍ୟମାନ ହୋଇଥିଲା, ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଠାରେ ସମ୍ବୋଧିତ କରିଥିଲେ। ବିହାର ବିଧାନସଭାରେ ସମ୍ବୋଧନ କରିବାରେ ସେ ହେଉଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ।*

"ଯେତେବେଳେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଗଣତାନ୍ତ୍ରିକ ଅଧିକାର ଗୁଡ଼ିକ ବାବଦରେ ଚର୍ଚ୍ଚା ହେଉଥିଲା ସେତେବେଳେ ଲିଛବି ଏବଂ ବଜ୍ଜି ଗଣତାନ୍ତ୍ରିକ ପରମ୍ପରାର ଶିଖରରେ ଥିଲେ। ଯେତେବେଳେ ବିଶ୍ୱର ଏକ ବଡ଼ ଭୂଭାଗ ସଭ୍ୟତା ଓ ସଂସ୍କୃତି ଆଡ଼କୁ ନିଜର ପାଦ ପକାଉଥିଲେ ସେତେବେଳେ ବୈଶାଳୀରେ ସ୍ପଷ୍ଟ ଭାବେ ଲୋକତନ୍ତ୍ର ପ୍ରଚଳିତ ଥିଲା।" ଲୋକତନ୍ତ୍ର ଉଦ୍ଦେଶ୍ୟରେ ବିହାର ବିଧାନସଭାର ଶତାବ୍ଦୀ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିବା ଏହି ଶବ୍ଦ କିଛି ବିହାର ମାଟିର ମହତ୍ତ୍ୱକୁ ପ୍ରତିପାଦନ କରିବାରେ ଯଥେଷ୍ଟ । ବିହାର ଗଣତନ୍ତ୍ର ବିରୁଦ୍ଧରେ କିଛି ବି ସ୍ୱୀକାର କରି ନପାରେ। ସ୍ୱାଧୀନତା ପରେ ମଧ୍ୟ ବିହାର ଏହି ମୂଳଦୁଆ ଉପରେ ସେମିତି ଦୃଢ଼ ହୋଇ ଠିଆ ହୋଇଛି। ପ୍ରଧାନମନ୍ତ୍ରୀ ବିଧାନସଭାରେ ଶତାବ୍ଦୀ ସ୍ମାରକୀ ସ୍ତମ୍ଭର ଉଦଘାଟନ କରିଥିଲେ। ଏହା ସହିତ ସେ ବିଧାନସଭା ଗେଷ୍ଟ ହାଉସ ଏବଂ ସଂଗ୍ରହାଳୟ ପାଇଁ ମୂଳଦୁଆ ପକାଇଲେ। ବିହାରରେ ଗଣତନ୍ତ୍ରର ଇତିହାସ ଏବଂ ବର୍ତ୍ତମାନର ନାଗରିକ ଗଠନର ବିକାଶ ଏହି ସଂଗ୍ରହାଳୟର ବିଭିନ୍ନ ଗ୍ୟାଲେରୀରେ ପ୍ରଦର୍ଶିତ ହେବ।

ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗତ ଆଠ ବର୍ଷ ମଧ୍ୟରେ ରାଜପଥ, ରେଳପଥ, ଆକାଶପଥ, ଜଳପଥ ମାଧ୍ୟମରେ ଝାଡ଼ଖଣ୍ଡକୁ ସବୁ ପ୍ରକାରରେ ସଂଯୋଗ କରିବାକୁ ଚେଷ୍ଟା କରାଯାଇଛି। ଏହି ବିମାନ ବନ୍ଦର ଦ୍ୱାରା ବିହାର ଏବଂ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳ ମଧ୍ୟ ସିଧାସଳଖ ଉପକୃତ ହେବେ। ଅର୍ଥାତ୍ ଏହି ପ୍ରକଳ୍ପ ପୂର୍ବ ଭାରତର ବିକାଶ ପାଇଁ ପ୍ରେରଣା ଯୋଗାଇବ। ଆଦିବାସୀ ଅଞ୍ଚଳରେ ଏହିପରି ଆଧୁନିକ ସୁବିଧା ଦ୍ୱାରା ଏହି ଅଞ୍ଚଳର ଭାଗ୍ୟ ପରିବର୍ତ୍ତନ ହେବାକୁ ଯାଉଛି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ପ୍ରସାଦ ଯୋଜନା ଅଧୀନରେ ବାବା ବୈଦ୍ୟନାଥ ଧାମରେ ବିଭିନ୍ନ ସୁବିଧାକୁ ବିକାଶ କରାଯାଉଛି। ●

## ଡିଜିଟାଲ୍ ଇଣ୍ଡିଆ

# ସେମି କଣ୍ଡକ୍ଟର ନିର୍ମାଣର କେନ୍ଦ୍ର ହେବ ଗୁଜରାଟ






**'ଡିଜିଟାଲ୍ ଇଣ୍ଡିଆ' ଦ୍ୱାରା ଟେକ୍ନୋଲୋଜିର ଠିକଣା ବ୍ୟବହାର କିପରି ସମଗ୍ର ମାନବ ସମାଜ ପାଇଁ ବୈପ୍ଲବିକ ସାବ୍ୟସ୍ତ ହୋଇଛି, ତାହାର ଏକ ପ୍ରକୃଷ୍ଟ ଉଦାହରଣ ସାଜିଛି ଭାରତ। ସାତବର୍ଷ ତଳେ ଆରମ୍ଭ ହୋଇଥିବା ଏହି ଅଭିଯାନ ପରିବର୍ତ୍ତିତ ସମୟ ସହ ତାଳ ଦେଇ ନିଜକୁ ପ୍ରସାରିତ କରିବାରେ ସଫଳ ହୋଇଛି। ଏହି କାରଣରୁ ଆଜି ବିଶ୍ୱର 40 ପ୍ରତିଶତ ଡିଜିଟାଲ୍ କାରବାର ଆମ ଦେଶରେ ହେଉଛି। ଡିଜିଟାଲ୍ ଇଣ୍ଡିଆ ଦ୍ୱାରା ଯେଉଁ ପାରଦର୍ଶିତା ଆସିଛି ତାହା ଗରିବ ଓ ମଧ୍ୟବିତ୍ତବର୍ଗଙ୍କୁ ଅନେକ ସ୍ତରରେ ଭ୍ରଷ୍ଟାଚାରରୁ ମୁକ୍ତି ଦେଇଛି। ଏବେ ଭାରତ ସେମି କଣ୍ଡକ୍ଟର ଚିପ୍ ନିର୍ମାଣ ହବ୍ ହେବା ଦିଗରେ କାର୍ଯ୍ୟ କରୁଛି। ଏହି ଶୃଙ୍ଖଳାରେ ଗୁଜରାଟରେ ଆରମ୍ଭ ହୋଇଛି ଏକ ବିଶେଷ ଉଦ୍ୟମ। ଡିଜିଟାଲ୍ ଇଣ୍ଡିଆ ଅଧୀନରେ ଜୁଲାଇ 4 ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗାନ୍ଧିନଗରଠାରେ ଡିଜିଟାଲ୍ ଇଣ୍ଡିଆ ସପ୍ତାହ ଉଦ୍‌ଘାଟନ କରିବା ସହ ଅନେକ ପଦକ୍ଷେପର ଶୁଭାରମ୍ଭ କରିଥିଲେ।**

ଡିଜିଟାଲ୍ କାରବାରରେ ଦ୍ରୁତ ଅଭିବୃଦ୍ଧି ହେତୁ ଆଜି ଭାରତୀୟ ଅର୍ଥନୀତିପାଇଁ ନୂଆ ଦିଗ ନିର୍ଣ୍ଣୟ କରୁଛି। ଆଜି ସମାଜର ପ୍ରତ୍ୟେକ ବର୍ଗ ମୋବାଇଲ୍ ଫୋନର ଗୋଟିଏ କ୍ଲିକ୍ ମାଧ୍ୟମରେ ସହଜରେ ନେଣ ଦେଣ କରିପାରୁଛନ୍ତି। ଗୁରୁଚରଣ ସିଂ ଜଣେ ବ୍ୟବସାୟୀ। ସେ କୁହନ୍ତି, "ଆଜିର ଯୁଗ ହେଉଛି ବଟନ୍ ଯୁଗ। ଆଜି ପ୍ରତ୍ୟେକ ଗ୍ରାହକ ପଚାରନ୍ତି- କ୍ୟୁଆର କୋଡ୍ କେଉଁଠାରେ ଅଛି? ପୁଣି ଡିଜିଟାଲ ଇଣ୍ଡିଆ ଅଭିଯାନ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଖୋଲିଥିବା ସାଧାରଣ ସେବା କେନ୍ଦ୍ରର ସୁବିଧାଗୁଡ଼ିକ ସାଧାରଣ ଲୋକଙ୍କ ଜୀବନକୁ ଅଧିକ ସହଜ କରୁଛି। ଏହା ମଧ୍ୟ ସ୍ଥାନୀୟ ସ୍ତରରେ ଗ୍ରାମାଞ୍ଚଳରେ ରହୁଥିବା ଯୁବକମାନଙ୍କ ପାଇଁ ବିକଳ୍ପ ନିଯୁକ୍ତି ସୁଯୋଗ ଦେଇଛି। ବିହାରର ମୁଜାଫରପୁରର ସିଏସସି ନିର୍ଦ୍ଦେଶକ ରଷି ରାଜ କହନ୍ତି, "ଏଡିଜିଟାଲ୍ ଇଣ୍ଡିଆ ଗାଁରେ ଏକ ପରିବର୍ତ୍ତନ ଆଣିଛି। ଏଥିଯୋଗୁ ଆମକୁ ନିଯୁକ୍ତି ମିଳିଛିଆଉ ଗାଁ ଲୋକଙ୍କୁ ନିଜ ପାଇଁ ଅବାଶ୍ୟକ ସେବା ଲାଗି ଆଉ ବାହାରକୁ ଯିବାକୁ ହେଉନି। ନିଜ ଘର ପାଖରେ ସେମାନେ ସବୁକିଛି ସରକାରୀ ସୁବିଧାକୁ ପାଇବା ସମ୍ଭବ ହେଉଛି। ଲୋକମାନେ ଏଥିରେ ବହୁତ ଖୁସି ଅଛନ୍ତି। " ବାସ୍ତବରେ, ଡିଜିଟାଲ୍ ଇଣ୍ଡିଆ ଲୋକଙ୍କ ଜୀବନରେ ଅନେକ ସକରାତ୍ମକ ପରିବର୍ତ୍ତନ ଆଣିଛି। 8-10 ବର୍ଷ ପୂର୍ବେ ଜନ୍ମ ପ୍ରମାଣପତ୍ର ହେଉ ବା କୌଣସି ବିଲ୍ ଦାଖଲ, ରାସନ୍, ଆଡମିଶନ୍, ଫଳାଫଳ ଏବଂ ଏପରିକି ବ୍ୟାଙ୍କଗୁଡ଼ିକର ସେବା ପାଇଁ ଏକ ଲମ୍ବା ଲାଇନରେ ଲୋକଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ଏବେ ଡିଜିଟାଲ୍ ଇଣ୍ଡିଆ ମାଧ୍ୟମରେ ଏ ସବୁ ସମସ୍ୟାର ସମାଧାନ ହୋଇଛି। ଆଜି ଡିଜିଟାଲାଇଜେସନ୍ ହେତୁ ଜୀବନ ପ୍ରମାଣପତ୍ର, ସଂରକ୍ଷଣ, ବ୍ୟାଙ୍କିଙ୍ଗ୍ ଇତ୍ୟାଦି ବରିଷ୍ଠ ନାଗରିକଙ୍କ ସେବା ଉପଲବ୍ଧ, ଦ୍ରୁତ ଗତିରେ ମିଳିବା ସହ ତାହା ସୁଲଭ ହୋଇପାରିଛି।

ଗାନ୍ଧିନଗରରେ ଡିଜିଟାଲ ଇଣ୍ଡିଆ ସପ୍ତାହ 2022ର ଉଦଘାଟନ କରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡିଜିଟାଲ ଇଣ୍ଡିଆର ଗୁରୁତ୍ୱ ବିଷୟରେ କହିଥିଲେ ଯେ ସମୟ ସହ ତାଳ ଦେଇ ଯେଉଁ ଦେଶ ଟେକ୍ନୋଲୋଜିକୁ ନ ଆପଣାଏ ତାକୁ ସମୟ ପଛରେ ଛାଡ଼ି ଚାଲିଯାଏ। ତୃତୀୟ ଶିଳ୍ପ ବିପ୍ଳବ ସମୟରେ ଭାରତ ଏହାର ଭୁକ୍ତି ହୋଇଥିଲା। କିନ୍ତୁ ଆଜି ଆମେ ଗର୍ବର ସହିତ କହିପାରିବା ଯେ ଚତୁର୍ଥ ଶିଳ୍ପ ବିପ୍ଳବ, ଇଣ୍ଡଷ୍ଟ୍ରି



## ଗାନ୍ଧିନଗରରେ ଅନେକ ନୂତନ ପଦକ୍ଷେପ

### ଚିପ୍ସ ଟୁ ଷ୍ଟାର୍ଟଅପ୍ (ସି2ଏସ୍) କାର୍ଯ୍ୟକ୍ରମ

30ଟି ସଂସ୍ଥାନକୁ ନେଇ ପ୍ରଥମ ଗୋଷ୍ଠୀ ଘୋଷଣା ହୋଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ, ଏହି ଗୋଷ୍ଠୀକୁ ସେମିକଣ୍ଡକ୍ଟର ଚିପ ଉତ୍ପାଦନ କ୍ଷେତ୍ରରେ ସାହାଯ୍ୟ କରାଯିବ।

### 'ଡିଜିଟାଲ୍ ଇଣ୍ଡିଆ ଜେନେସିସ୍'

ପ୍ରଧାନମନ୍ତ୍ରୀ 'ଡିଜିଟାଲ୍ ଇଣ୍ଡିଆ ଜେନେସିସ୍' (ଅଭିନବ ଷ୍ଟାର୍ଟଅପ୍ ପାଇଁ ପରବର୍ତ୍ତୀ ପିଢ଼ିର ସମର୍ଥନ) - ଏକ ଜାତୀୟ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଷ୍ଟାର୍ଟଅପ୍ ପ୍ଲାଟଫର୍ମ ଆରମ୍ଭ କରାଯାଇଛି।

### 'ଡିଜିଟାଲ୍ ଇଣ୍ଡିଆ ଭାଷିନୀ'ର ଆୟୋଜନ

ଭାରତୀୟ ଭାଷାକୁ ସମୃଦ୍ଧ କରିବା ପାଇଁ ପଦକ୍ଷେପ। 'ଡିଜିଟାଲ୍ ଇଣ୍ଡିଆ ଭାଷିନି' ଉନ୍ମୋଚିତ ହୋଇଛି, ଯାହା ଭାରତୀୟ ଭାଷାରେ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସେବାକୁ ସହଜ କରିବ।

### ଇଣ୍ଡିଆ ଷ୍ଟାକ୍ ଡଟ୍ ଗ୍ଲୋବାଲ୍

'ଇଣ୍ଡିଆ ଷ୍ଟାକ୍ ଡଟ୍ ଗ୍ଲୋବାଲ୍'ର ଶୁଭାରମ୍ଭ, ଯେଉଁଥିରେ ଆଧାର, ୟୁପିଆଇ, ଡିଜି ଲକର୍, କୋୱିନ୍ ଭ୍ୟାକ୍ସିନ୍ ପ୍ଲାଟଫର୍ମ, ସରକାରୀ ଇ-ମାର୍କେଟପ୍ଲେସ୍ (ଜିଏମ୍), ଦିଶା ପ୍ଲାଟଫର୍ମ ଏବଂ ଆୟୁଷ୍ମାନ ଭାରତ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଉପଲବ୍ଧ।

### 'ମାଇ ସ୍କିମ୍'ର ଲୋକାର୍ପଣ

ପ୍ରଧାନମନ୍ତ୍ରୀ "ମାଇ ସ୍କିମ୍'ର ଲୋକାର୍ପଣ କରିଛନ୍ତି। ସେବା ଖୋଜିବାଲାଗି ଏହା ଏକ ମଞ୍ଚ, ଯାହା ସରକାରୀ ଯୋଜନା ଯାଏ ପହଞ୍ଚିବା ଲାଗି ସୁବିଧା ପ୍ରଦାନ କରିଥାଏ।

### ମୋ' ପରିଚୟ'ର ଶୁଭାରମ୍ଭ

ପ୍ରଧାନମନ୍ତ୍ରୀ 'ମୋ ପରିଚୟ' ମଧ୍ୟ ଉନ୍ମୋଚନ କରିଛନ୍ତି - ଜଣେ ବ୍ୟକ୍ତିଙ୍କ ଲଗଇନ୍ ପାଇଁ ରାଷ୍ଟ୍ରୀୟ ଏକକ ସାଇନ୍ ଅନ୍ ସୁବିଧା ର ବି ଲୋକାର୍ପଣ କରିଛନ୍ତି। ନ୍ୟାସନାଲ୍ ସିଙ୍ଗଲ୍ ସାଇନ୍-ଅନ୍ (NSSO) ହେଉଛି ଏକ ୟୁଜର୍ ପ୍ରାମାଣିକିକରଣ ସେବା।

... ସୁରଟରେ ପ୍ରାକୃତିକ ଚାଷକୁ ନେଇ କାର୍ଯ୍ୟକ୍ରମ

## ପୃଥିବୀ ମାତାର ସେବାପାଇଁ ପ୍ରାକୃତିକ କୃଷିର ସୁଯୋଗ

**ପ୍ରାକୃତିକ ଚାଷ କେବଳ ଆମର କୃଷକମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରୁନାହିଁ ବରଂ ଆମର ମାଟି ଏବଂ ପରିବେଶକୁ ମଧ୍ୟ ସୁରକ୍ଷା ଦେଉଛି। ଜୁଲାଇ 10ରେ ସୁରଟରେ ପ୍ରାକୃତିକ କୃଷି ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାଷୀଙ୍କୁ ଆଗକୁ ଆସି ପ୍ରାକୃତିକ ଚାଷ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ।**

ଗୁଜରାଟର ସୁରଟରେ ପ୍ରାକୃତିକ ଚାଷ ସମ୍ବନ୍ଧୀୟ ଏକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧିତ କରିଛନ୍ତି। ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ପ୍ରାକୃତିକ ଚାଷ ହେଉଛି ପୃଥିବୀମାତାର ସେବା କରିବା ସଦୃଶ। ପ୍ରକୃତରେ ଭାରତ ପ୍ରକୃତି ଏବଂ ସଂସ୍କୃତି ଦ୍ୱାରା ଏକ କୃଷି ଭିତ୍ତିକ ଦେଶ ହୋଇପାରିଛି ଏବଂ ପ୍ରାକୃତିକ ଚାଷ ସହ ଜଡ଼ିତ ଲୋକଙ୍କ ଅଭିଯାନ ଆଗାମୀ ବର୍ଷରେ ବହୁତ ସଫଳ ହେବ। ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁହନ୍ତି, "ଯେତେବେଳେ ପ୍ରାକୃତିକ ଚାଷ କରାଯାଏ, ତ୍ତତାହା ପୃଥିବୀ ମାତାର ସେବା ସହ ସମାନ ହୋଇଥାଏ। ମାଟିର ଗୁଣବତ୍ତା, ଜମିର ସ୍ୱାସ୍ଥ୍ୟ ଏବଂ ଏହାର ଉତ୍ପାଦନ କ୍ଷମତାରକ୍ଷା ହୁଏ। ଯଦି କିଏ ପ୍ରାକୃତିକ ଚାଷରେ ନିବେଶ କରନ୍ତି ସେ ସହଜରେ ଗୋମାତାର ସେବା କରିବାର ସୌଭାଗ୍ୟ ପାଇଥାଏ।


4.0 ରେ ଭାରତ ବିଶ୍ୱକୁ ମାର୍ଗଦର୍ଶନ କରୁଛି। ପ୍ରଧାନମନ୍ତ୍ରୀ କହିଛନ୍ତି, "ମୁଁ ଖୁସି ଯେ ଏକ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ବଦଳୁଥିବା ସମୟ ସହିତ ନିଜକୁ ବିସ୍ତାର କରି ଆସୁଛି।" ଡିଜିଟାଲ୍ ଇଣ୍ଡିଆ ମାଧ୍ୟମରେ ଦେଶ ଭବିଷ୍ୟତ ଭାରତ, ଆଧୁନିକ ଭାରତ, ସମୃଦ୍ଧ ତଥା ଶକ୍ତିଶାଳୀ ଭାରତ ଆଡକୁ ଦ୍ରୁତ ଗତିରେ ବଢ଼ୁଛି। କେବଳ ଏତିକି ନୁହେଁ, ଆସନ୍ତା ତିନି-ଚାରି ବର୍ଷ ମଧ୍ୟରେ ଭାରତ ଇଲେକ୍ଟ୍ରୋନିକ୍ ଉତ୍ପାଦନକୁ 300 ବିଲିୟନ ଡଲାରରୁ ଅଧିକ କରିବାକୁ ଲକ୍ଷ୍ୟ ରଖିଛି। ଭାରତ ବର୍ତ୍ତମାନ ଏକ ଚିପ୍ ଟେକର୍ ଠାରୁ ଏକ ଚିପ୍ ନିର୍ମାତା ହେବାକୁ ଚାହୁଁଛି। ସେମିକଣ୍ଡକ୍ଟର ଉତ୍ପାଦନ ବୃଦ୍ଧି ପାଇଁ ଭାରତରେ ବିନିଯୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ●


आज़ादी का अमृत महोत्सव

# ଅମୃତ ମହୋତ୍ସବ
# ସ୍ୱର୍ଣ୍ଣିମ ଭାରତ











ସ୍ୱାଧୀନତାର 75ତମ ବର୍ଷପୂର୍ତ୍ତିକୁ ଉତ୍ସବର ରୂପ ଦେଇ ନୂଆ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ମନସ୍ଥ କରିଥିବା ଭାରତ ସରକାରଙ୍କ ନୂଆ ନୂଆ ପଦକ୍ଷେପ, କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗୀତାଦ୍ୱାରା ବର୍ତ୍ତମାନ ଓ ଭବିଷ୍ୟତର ଯୋଜନାଗୁଡ଼ିକୁ ଆକାର ମିଳିଛି। ଏହାଦ୍ୱାରା ଦେଶ ଯେତେବେଳେ ସ୍ୱାଧୀନତାର 100ତମ ବର୍ଷ ପାଳନ କରିବ, ସେତେବେଳେ ସମସ୍ତଙ୍କ ପ୍ରୟାସରେ ଭାରତର ଆତ୍ମନିର୍ଭର ଭାରତର ସ୍ୱପ୍ନ ସାକାର ହେବ। ସ୍ୱାଧୀନତାର ମୂଳଦୁଆରେ ଠିଆ ହୋଇଥିବା ଏହି ଭବ୍ୟ ରୂପରେଖ, ରାଷ୍ଟ୍ରର ଲକ୍ଷ୍ୟ ନୁହେଁ, ବରଂ ଏକ ନୂଆ ଭାରତ ନିର୍ମାଣ ପାଇଁ ମାର୍ଗ ହୋଇଛି।

ସ୍ୱାଧୀନତାର 75ତମ ବର୍ଷପୂର୍ତ୍ତି ଅବସରରେ ଆସନ୍ତୁ ଜାଣିବା କିପରି ଲୋକଙ୍କ ସହଭାଗିତାରେ ଉତ୍ସବକୁ ସଂକଳ୍ପରେ ପରିବର୍ତ୍ତନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ର ବିକାଶକୁ ତ୍ୱରାନ୍ୱିତ କରିଛନ୍ତି। ଏହାଦ୍ୱାରା ଆମର ସମୃଦ୍ଧ ଐତିହ୍ୟକୁ ନୂଆ ପରିଚୟ ମିଳିଛି। ପୁଣି ' ସବ୍‌କା ପ୍ରୟାସ' ସ୍ୱର୍ଣ୍ଣିମ ଭାରତର ଆଧାର ହୋଇଛି।

ଛତିଶଗଡ଼ ବିଲାସପୁର ନିକଟ ଲୋଖାଣ୍ଡି ଗାଁର ମହିଳାମାନେ ସ୍ୱାଧୀନତା ଅମୃତ ମହୋତ୍ସବ ଅବସରରେ ପରିବେଶ ସୁରକ୍ଷା ଏବଂ ଗ୍ରାମୀଣ ବିକାଶକୁ ନେଇ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଟାଙ୍ଗରା ତଥା ଗୋଚର ହୋଇ ପଡ଼ିବଥିବା ଗାଁର ସରକାରୀ ଜମିରେ ବର୍ଷାଦିନେ ଜଳ ଜମା ହେଉଥିଲା। କିନ୍ତୁ ଉପଯୁକ୍ତ ପରିଚାଳନା ଅଭାବରୁ ଜଳ ଶୀଘ୍ର ଶୁଖିଯାଉଥିଲା। ଏହାକୁ ସମାଧାନ କରିବାକୁ ଯାଇ ଗାଁର 410 ମହିଳା ଏକ 'ଜଳ ସାହେଲୀ ସ୍ୱୟଂ ସହାୟକ ଗୋଷ୍ଠୀ' ଗଠନ କଲେ ଏବଂ ଛଅ ମାସର ନିରନ୍ତର ଉଦ୍ୟମ ବଳରେ ଏହି ଟାଙ୍ଗରା ଜମିରେ ଏକ ପୋଖରୀ ସୃଷ୍ଟି ହେଲା। ବର୍ତ୍ତମାନ ବର୍ଷା ଜଳ ଏଥିରେ ଜମା ହେବା ଆରମ୍ଭ କରିଛି। ଏଥିରେ ସେମାନେ ମାଛ ସହିତ ବତକ ପାଳୁଛନ୍ତି। ଯେଉଁ ଆୟ ଆସୁଛି ତାହାର 30 ପ୍ରତିଶତ ଗାଁର ବିକାଶ ପାଇଁ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି।


ସେହିଭଳି, ହରିୟାଣାର ଯମୁନାନଗରର ଲୋକେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ପଠନ କୌଶଳ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଏବେ ସକରାତ୍ମକ ଫଳାଫଳ ଦେଖାଇବା ଆରମ୍ଭ କରିଛି। ପିଲାମାନଙ୍କୁ ଅଧ୍ୟୟନରେ ନିୟୋଜିତ କରିବାର ପଦକ୍ଷେପ ଧୀରେ ଧୀରେ ଆଗକୁ ବଢ଼ିବା ଆରମ୍ଭ କରିଛି। ସରକାରୀ ବିଦ୍ୟାଳୟଗୁଡ଼ିକର ପିଲାମାନେ ବର୍ତ୍ତମାନ ବିଦ୍ୟାଳୟ କାର୍ଯ୍ୟ ବ୍ୟତୀତ ଶିକ୍ଷାଗତ ପୁସ୍ତକ ପଢ଼ି ପାରମ୍ପରିକ ଶିକ୍ଷାଠାରୁ ଆଗକୁ ଯାଇ ନିଜ ଦକ୍ଷତା ଦେଖାଉଛନ୍ତି। ଏହି ସୁଫଳକୁ ଆଖିରେ ରଖି ସରକାରୀ ବିଦ୍ୟାଳୟଗୁଡ଼ିକର ପିଲାମାନଙ୍କୁ ଉନ୍ନତ କରିବା ପାଇଁ ପଠନ ଦକ୍ଷତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ, ତୃତୀୟ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଲାଇବ୍ରେରୀରେ ପ୍ରତିଦିନ ଏକ ବହି ପଢ଼ିବାକୁ ଅଧା କିମ୍ବା ଏକ ଘଣ୍ଟା ଦିଆଯାଏ, ଯାହା ପିଲାମାନେ ଶିକ୍ଷକଙ୍କ ନିର୍ଦ୍ଦେଶରେ ପଢ଼ନ୍ତି, କିଛି ପିଲା କବିତା ପ୍ରତି ଆଗ୍ରହ ଦେଖାଉଛନ୍ତି, କିଛି ପିଲା କାହାଣୀ କିମ୍ବା ଅନ୍ୟାନ୍ୟ ପୁସ୍ତକ। ବହି ପଢ଼ିବା ପରେ ପିଲାମାନେ ସକାଳର ପ୍ରାର୍ଥନା ସଭାରେ ସେମାନଙ୍କର କାହାଣୀ କହୁଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ଲେଖା ଏବଂ ପଢ଼ିବା ପ୍ରତିଭା ମଧ୍ୟ ପ୍ରକାଶ ପାଉଛି। ହରିୟାଣା କୁରୁକ୍ଷେତ୍ରର କିର୍ମାଚ ଗ୍ରାମରେ ଅମୃତ ସରୋବର ଯୋଜନା ଆରମ୍ଭ କରାଯାଇଛି। 15.85 ଏକରରେ ଅମୃତ ସରୋବର ବିକାଶ କରାଯିବ ଏବଂ ଏଥିପାଇଁ 1 କୋଟି 26 ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ଅମୃତ ସରୋବର ଯୋଜନା ଅଧୀନରେ ଐତିହାସିକ ପୋଖରୀଗୁଡ଼ିକର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ଏହି ଅମୃତ ସରୋବର ଯୋଜନାରେ ପ୍ରତ୍ୟେକ ବୁନ୍ଦା ଜଳକୁ ବଞ୍ଚାଇବା ପାଇଁ ଏକ ନିଆରା ପ୍ରୟାସ ହେଉଛି। ଏହାଦ୍ୱାରା ଜଳ ସଂରକ୍ଷଣ ସ୍ଥାନ ଏକ ହ୍ରଦ ଭାବରେ

# ସେବା, ସମର୍ପଣ ଏବଂ ସଙ୍କଳ୍ପର ଅମୃତ

**ବିଶ୍ୱର ସବୁଠାରୁ ବଡ଼ ଓ ସବୁଠାରୁ ତ୍ୱରାନ୍ୱିତ କୋଭିଡ ଟିକାକରଣ ଅଭିଯାନ**

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହନ୍ତି, ଯଦି ଭାରତର ଲୋକେ କିଛି କରିବା ପାଇଁ ପଣ କରିନିଅନ୍ତି ତେବେ କିଛି ବି ଅସମ୍ଭବ ରହେ ନାହିଁ। 200 କୋଟି ଟିକା ଡୋଜର ଅସାଧାରଣ ଲକ୍ଷ୍ୟ ହାସଲ କରି ଦେଶ କେବଳ ପ୍ରଧାନମନ୍ତ୍ରୀଙ୍କ ଏହି ଆତ୍ମବିଶ୍ୱାସକୁ ସଫଳ ରୂପ ଦେଇ ନାହିଁ, ବରଂ ସ୍ୱାଧୀନତାର 75 ତମ ବର୍ଷକୁ ସ୍ମରଣୀୟ କରିପାରିଛି। ଅପରପକ୍ଷେ ବସୁଧୈବ କୁଟୁମ୍ବକମଙ୍କ ଦର୍ଶନକୁ ପାଥେୟକରି ଭାରତ ଭାକ୍ସିନ ମୈତ୍ରୀ ଯୋଜନା ଅଧୀନରେ ବିଶ୍ୱର ବିଭିନ୍ନ ଦେଶକୁ 240 ନିୟୁତ ଟିକା ଯୋଗାଇଛି।

- ବିଶ୍ୱର ସର୍ବବୃହତ ଏବଂ ଦ୍ରୁତ ଟିକାକରଣ ଅଭିଯାନ ଦ୍ୱାରା ଗୋଟିଏ ଦିନରେ 2.5 କୋଟି ଟିକା ଡୋଜ୍ ପ୍ରଦାନ କରି ବିଶ୍ୱରେ ରେକର୍ଡ। କୋୱିନ୍ ଆପରେ 110 କୋଟି ପଞ୍ଜିକରଣ ଦ୍ୱାରା ବିଶ୍ୱର ସର୍ବବୃହତ ଡିଜିଟାଲ ଟିକାକରଣ ଅଭିଯାନ ସହିତ ଏବେ 200 କୋଟି ଡୋଜର ଏକ ନୂଆ ରେକର୍ଡ ସୃଷ୍ଟି କରିଛି। 18 ବର୍ଷରୁ ଅଧିକ ବୟସ ବର୍ଗରେ 98% ଜନସଂଖ୍ୟା ପ୍ରଥମ ଡୋଜ୍ ଗ୍ରହଣ କରିଛନ୍ତି ଏବଂ 18 ବର୍ଷରୁ ଅଧିକ ବୟସ ବର୍ଗରେ 90% ଜନସଂଖ୍ୟା ମଧ୍ୟ ଦ୍ୱିତୀୟ ଡୋଜ ଗ୍ରହଣ କରିଛନ୍ତି। ପ୍ରଥମ ଡୋଜ୍ 16 ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ 100% ହୋଇଥିବା ବେଳେ ଦ୍ୱିତୀୟ ଡୋଜ୍ 11 ଟି ରାଜ୍ୟରେ 100% ପ୍ରଦାନ କରାଯାଇଛି।




**ମାତ୍ର ଦେଢ଼ ବର୍ଷ ସମୟରେ ଭାରତ 200 କୋଟି ଡୋଜ୍ ପ୍ରଦାନର ରେକର୍ଡ ସୃଷ୍ଟି।**

### 6.55 କୋଟି ନଳ ସଂଯୋଗ
ହୋଇଛି ଅଗଷ୍ଟ 2019ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜଳ ଜୀବନ ମିଶନ୍ ଅଧୀନରେ

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା
3 କୋଟିରୁ ଅଧିକ ସହରାଞ୍ଚଳ, ଗ୍ରାମୀଣ ଘରକୁ ଅନୁମୋଦନ କରାଯାଇଛି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ।

### 11.5 କୋଟି ଶୌଚାଳୟ
ସ୍ୱଚ୍ଛ ଭାରତ ମିଶନ ଅଧୀନରେ 11.5 କୋଟି ଶୌଚାଳୟ ନିର୍ମାଣ

### ଷ୍ଟାର୍ଟଅପ୍ ଇଣ୍ଡିଆ
ଏସସି ଏବଂ ଏସଟି ହିତାଧିକାରୀଙ୍କୁ 5,300 କୋଟିରୁ ଅଧିକ ଋଣ।

### 12.89 କୋଟି
ଲୋକ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାର ଲାଭ ପାଇଛନ୍ତି।

### ଏକଲବ୍ୟ ଆବାସିକ ବିଦ୍ୟାଳୟ
2014 ପୂର୍ବ ତୁଳନାରେ ପାଞ୍ଚ ଗୁଣ ଅଧିକ ଏକଲବ୍ୟ ଆବାସିକ ବିଦ୍ୟାଳୟ ଅନୁମୋଦିତ

**35**
କୋଟି କ୍ଷୁଦ୍ର ଉଦ୍ୟୋଗୀଙ୍କୁ ବ୍ୟବସାୟ ବଢ଼ାଇବା ଲାଗି ଦିଆଯାଇଥିବା ମୁଦ୍ରା ଯୋଜନା ଅଧୀନରେ ଋଣ।

ବିକଶିତ ହୋଇ ଭବିଷ୍ୟତ ପିଢ଼ିକୁ ସ୍ୱଚ୍ଛ ଜଳ ଉପହାର ଦେବ। ଏହା ସହିତ ଗାଁର ସୌନ୍ଦର୍ଯ୍ୟ ମଧ୍ୟ ବଢ଼ିବ। ଜୁଲାଇ 1 ରୁ "ଏକକ ବ୍ୟବହାର ପ୍ଲାଷ୍ଟିକ୍ ବ୍ୟାନ୍" କୁ ସମର୍ଥନ କରି ରାଜସ୍ଥାନ ଜିପ୍ କ୍ଲବ୍ ସ୍ୱାଧୀନତାର ଅମୃତ ମହୋତ୍ସବର କାର୍ଯ୍ୟକ୍ରମ ଅଧୀନରେ ଅମର ଯୱାନ୍ ଜ୍ୟୋତିଠାରେ ଏକ ଶପଥ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏଥିରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାରକୁ ନିଜ ତରଫରୁ ବନ୍ଦ କରିବା ଏବଂ ପ୍ଲାଷ୍ଟିକ ବ୍ୟାଗ ବଦଳରେ ସୂତା ବ୍ୟାଗ ବ୍ୟବହାର ପାଇଁ ଶପଥ ନିଆଯାଇଥିଲା। ଯାହାଦ୍ୱାରା ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜ୍ୟ ଜନିତ ପ୍ରଦୂଷଣ କମିପାରିବ। ଏକକ ବ୍ୟବହାର ପ୍ଲାଷ୍ଟିକର ଅର୍ଥ ହେଉଛି ପ୍ଲାଷ୍ଟିକରେ ନିର୍ମିତ ଏପରି ଜିନିଷ, ଯାହାକୁ ଆମେ କେବଳ

- ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟ ଅପ୍ ସଂଖ୍ୟା ହେଉଛି 73,079 ।
- ଟୋକିଓ ଅଲିମ୍ପିକ୍ସ 2020 (7 ପଦକ) ଏବଂ ପାରାଲିମ୍ପିକ୍ସ (19 ପଦକ) ସହ ଏଯାଏ ସର୍ବୋତ୍ତମ ପ୍ରଦର୍ଶନ।
- 7 ନୂତନ ଆଇଆଇଏମ୍ 2022 ସୁଦ୍ଧା ସ୍ଥାପନ ହୋଇଛି, ମୋଟ ସଂଖ୍ୟା 20।
- 22 ଏମ୍ସ ସହିତ, ଭାରତରେ ଏମ୍ସ ସଂଖ୍ୟା ଶୀଘ୍ର ତିନିଗୁଣ ହେବ।
- 2017-2021 ମଧ୍ୟରେ ଟେକ୍ ଷ୍ଟାର୍ଟଅପ ଦ୍ୱାରା ସୃଷ୍ଟି ହୋଇଛି 2.3 ନିୟୁତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି।
- ଦେଶରେ 7 ଟି ନୂତନ ଆଇଆଇଟି ଖୋଲିଛି, ବର୍ତ୍ତମାନ ସମୁଦାୟ 23 ଟି ଆଇଆଇଟି।
- 320 ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା।
- 1,000 ଖେଲୋ ଇଣ୍ଡିଆ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି।
- ଉମଙ୍ଗ ଆପ୍ ମାଧ୍ୟମରେ 20,522 ରୁ ଅଧିକ ସରକାରୀ ସେବା।
- 2014 ରେ ମାତ୍ର 5ଟି ସହରରେ ଥିବା ମେଟ୍ରୋ ବର୍ତ୍ତମାନ (2022) 27 ସହରକୁ ବୃଦ୍ଧି।
- 4,371 ସହରକୁ ଓଡିଏଫ୍ ସ୍ୱିକୃତୀ।
- ଅମୃତ ଅଧୀନରେ ସହରୀ ବିକାଶ ପାଇଁ 4268 ପ୍ରକଳ୍ପ ସମ୍ପନ୍ନ।

- 2014 ପରେ 3.26 ଲକ୍ଷ କିଲୋମିଟର ଗ୍ରାମୀଣ ରାସ୍ତା ନିର୍ମିତ।
- ଜାତୀୟ ଜଳପଥ ଅଧିନିୟମ 2016 ଅନୁଯାୟୀ, 111 ଜଳପଥକୁ ଜାତୀୟ ଜଳପଥ ମାନ୍ୟତା
- 2014 ପରେ ସଡ଼କ ପରିବହନ ଏବଂ ରାଜପଥ ବଜେଟ୍ ଆବଣ୍ଟନରେ 500% ବୃଦ୍ଧି।
- ପିଏମ୍ ଗତିଶକ୍ତି ମାଷ୍ଟର ପ୍ଲାନ ସହିତ ଭିତ୍ତିଭୂମି ବିକାଶ ପାଇଁ 100 ଲକ୍ଷ କୋଟି ଟଙ୍କା।
- 34 ମାସ ମଧ୍ୟରେ କୌଣସି ରେଳ ଯାତ୍ରୀଙ୍କ ମୃତ୍ୟୁ ହୋଇନାହିଁ।
- ଦୈନିକ 37 କିଲୋମିଟର ନୂଆ ରାଜପଥ ନିର୍ମାଣ ହେଉଛି।
- 8,727 ରୁ ଅଧିକ ଜନଔଷଧି କେନ୍ଦ୍ର
- ମିଶନ ଇନ୍ଦ୍ରଧନୁଷ ଦ୍ୱାରା 5କୋଟିରୁ ଅଧିକ ମା' ଏବଂ ଶିଶୁଙ୍କୁ ଟିକା
- 22 କୋଟିରୁ ଅଧିକ ଡିଜିଟାଲ୍ ସ୍ୱାସ୍ଥ୍ୟ ଆଇଡି ସୃଷ୍ଟି
- 2016 ପରଠାରୁ ଜମ୍ମୁ ଓ କଶ୍ମୀର, ପଞ୍ଜାବ ଏବଂ ଉତ୍ତର ପୂର୍ବ ଅଞ୍ଚଳ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଆତଙ୍କବାଦଜନିତ ମୃତ୍ୟୁ ନାହିଁ।
- ପ୍ରତିରକ୍ଷା ରପ୍ତାନି କ୍ଷେତ୍ରରେ 6 ଗୁଣ ବୃଦ୍ଧି
- 22,500 ଭାରତୀୟ ସୁରକ୍ଷିତ ଭାବରେ ୟୁକ୍ରେନରୁ ଫେରିଛନ୍ତି ଭାରତ

ଉଡାନ ଯୋଜନା ଅଧୀନରେ 86 ଲକ୍ଷରୁ ଅଧିକ ଲୋକଙ୍କୁ ଶସ୍ତା ବିମାନ ଯାତ୍ରାର ସୁଯୋଗ

ସାରା ଦେଶରେ ଭାରତ ନେଟ ଅଧୀନରେ 5.67 ଲକ୍ଷ କିଲୋମିଟର ଅପ୍ଟିକାଲ ଫାଇବର କେବୁଲ

ପିଏମ୍ ଗତିଶକ୍ତି ମାଷ୍ଟରପ୍ଲାନ୍ ଦ୍ୱାରା ଇନ୍ଫ୍ରାଷ୍ଟ୍ରକ୍ଚର ପାଇଁ 100 ଲକ୍ଷ କୋଟି ଟଙ୍କା।

ଆୟୁଷ୍ମାନ ଭାରତ ଅଧୀନରେ 17.9 କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ, 22 କୋଟିରୁ ଅଧିକ ଡିଜିଟାଲ୍ ହେଲଥ ଆଇଡି।

45.21 କୋଟି ଜନ-ଧନ ଖାତା ଖୋଲାଯାଇଛି ଏବେ ଯାଏ। 28.61 କୋଟି ଲୋକ ପିଏମ୍ ସୁରକ୍ଷା ବୀମା ଯୋଜନାରେ ସାମିଲ।

11.78 କୋଟି ପିଏମ୍ କିସାନ ଲାଭାର୍ଥୀ, 23 କୋଟି ମୃତ୍ତିକା କାର୍ଡ଼

ସ୍ୱଚ୍ଛ ପରିବେଶ ପାଇଁ ଭାରତରେ 2070 ଯାଏ ଜିରୋ ଏମିଶନ ପ୍ରାପ୍ତ କରିବା ସଂକଳ୍ପ ନେଇଛନ୍ତି।


2014ରୁ ସୌରଶକ୍ତି ସ୍ଥାପନ କ୍ଷମତା 1900% ବଢ଼ିଛି। ସୌରଶକ୍ତି ଦରରେ 70 ପ୍ରତିଶତ ହ୍ରାସ ହୋଇଛି।

ଥରେ ବ୍ୟବହାର କରିପାରିବା କିମ୍ବା ଏହାକୁ ବ୍ୟବହାର କରି ଫିଙ୍ଗିବା ଦ୍ୱାରା ପରିବେଶକୁ କ୍ଷତି ପହଞ୍ଚାଏ। ଜୁଲାଇ ୧ ତାରିଖରୁ ଏହି ଜିନିଷ ତିଆରି, ବିକ୍ରୟ, ସଂରକ୍ଷଣ ଏବଂ ରପ୍ତାନି ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ରହିଛି।

ପରିବର୍ତ୍ତନର ଏମିତି ଅନେକ କାହାଣୀ ଅମୃତ ମହୋତ୍ସବର ସାରଥି ହେଉଛନ୍ତି। ସ୍ୱାଧୀନତା ଆନ୍ଦୋଳନରେ ସାଧାରଣ ଜନତାଙ୍କର ବହୁତ ବଡ଼ ଭୂମିକା ଥିଲା ଏବଂ ସେହିସମୟରେ ଚରଖା, ଲୁଣ ପ୍ରଭୃତି ପ୍ରତୀକ ସାଜି ଜନଗଣଙ୍କୁ ସ୍ୱାଧୀନତା ସଂଗ୍ରାମ ସହିତ ଯୋଡ଼ିଥିଲା। ବର୍ତ୍ତମାନ ସ୍ୱାଧୀନତାର 75 ବର୍ଷକୁ ଅମୃତ ମହୋତ୍ସବ ଭାବେ ପାଳନ କରିବାକୁ ଭାରତ ସରକାରଙ୍କ ଚିନ୍ତାଧାରା ମଧ୍ୟ ଏହାର ପ୍ରତୀକ ପାଳଟିଛି। ସେହିଭଳି ଏବେଠାରୁ ଶତବାର୍ଷିକୀ ବର୍ଷ ପାଳନ ବେଳେ ଏକ ନୂଆ ଭାରତର ଲକ୍ଷ୍ୟରେ ଯେଉଁ ଅମୃତ

# ଅମୃତ ବର୍ଷରେ ନୂତନ ସଂକଳ୍ପ ସହିତ ଏକ ନୂତନ ଯାତ୍ରାର ଆରମ୍ଭ

## ପ୍ରଧାନମନ୍ତ୍ରୀ ଗତିଶକ୍ତି



ସରକାରୀ ବିଭାଗରେ ସମନ୍ୱୟ ଏବଂ ଭବିଷ୍ୟତକୁ ଧ୍ୟାନରେ ରଖି ଯୋଜନା ଅଭାବରୁ ବିକାଶ ପ୍ରକଳ୍ପରେ ଏଣିକି ବିଳମ୍ବ ହେବ ନାହିଁ। ପ୍ରଥମଥର ପାଇଁ 16ଟି ମନ୍ତ୍ରଣାଳୟ ଏବଂ ବିଭାଗକୁ ଡିଜିଟାଲ୍ ମାଧ୍ୟମ ମାଧ୍ୟମରେ ସଂଯୋଗ କରାଯାଇ ବିଭିନ୍ନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଧାରା ଆରମ୍ଭ ହୋଇଛି। ଦେଶର ଯେକୌଣସି ସ୍ଥାନରେ ନିର୍ମାଣ ହେବାକୁ ଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏହାର ଅଧୀନରେ ଆସିବ। ସରକାର 2024-2025 ସୁଦ୍ଧା ପୂରଣ କରିବାକୁ ଚାହୁଁଥିବା ପ୍ରକଳ୍ପଗୁଡ଼ିକୁ ଏହି ଯୋଜନା ଅଧୀନରେ ଅଣାଯାଇଛି। ଏହି ମାଷ୍ଟରପ୍ଲାନରେ 100 ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଜାତୀୟ ଭିତ୍ତିଭୂମି ପାଇପଲାଇନ ଯୋଜନା ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି।

## ଅଗ୍ନିପଥ ଯୋଜନା

ଶକ୍ତିଶାଳୀ ସେନା ଏବଂ ଶକ୍ତିଶାଳୀ ରାଷ୍ଟ୍ରର ଭାବନା ଆଗରେରଖି ଏହି ଯୋଜନା 16 ଜୁନ୍ 2022 ରେ ଘୋଷଣା କରାଯାଇଛି। 18 ପ୍ରତିଶତ ଯୁବ ଜନସଂଖ୍ୟା ବିଶିଷ୍ଟ ଦେଶର ସେନା ମଧ୍ୟ ଯୁବକ ହେବା ଉଚିତ, ତେଣୁ ଏହି ଯୋଜନା ଅନୁଯାୟୀ, 4 ବର୍ଷ ପାଇଁ, ପ୍ରଥମ ବର୍ଷରେ 46,000 ଅଗ୍ନିବୀର ନିଯୁକ୍ତ ହେବେ, ଯାହା ଧୀରେ ଧୀରେ ବୃଦ୍ଧି ପାଇବ। ଏଥିରେ 25 ପ୍ରତିଶତ ଅଗ୍ନିବୀରଙ୍କୁ ସ୍ଥାୟୀ କମିଶନ ଦିଆଯିବ।

## ପିଏମ୍ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ



ବ୍ଲକ ସ୍ତରରୁ ଜିଲ୍ଲା-ରାଜ୍ୟ ତଥା କେନ୍ଦ୍ରୀୟ ସ୍ତର ପର୍ଯ୍ୟନ୍ତ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ବାରାଣସୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 25 ଅକ୍ଟୋବର 2021 ରେ ଏହି ଯୋଜନା ଆରମ୍ଭ କରିଥିଲେ। ପାଞ୍ଚ ବର୍ଷ ମଧ୍ୟରେ ଏହି ଯୋଜନାରେ 64 ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନା ଅଧୀନରେ ୟୁପିର 75 ଟି ଜିଲ୍ଲାରେ ଜଟିଳ କେୟାର ବ୍ଲକ ଖୋଲାଯିବ।

## ଶୀର୍ଷରେ ପହଞ୍ଚିବ ସମବାୟ

ସ୍ୱାଧୀନତାର ସୁବର୍ଣ୍ଣ ବର୍ଷରେ ସମବାୟ ସମିତିଗୁଡ଼ିକୁ ଶୀର୍ଷକୁ ଆଣିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ପ୍ରଥମଥର ପାଇଁ ସମବାୟ ମନ୍ତ୍ରଣାଳୟ ଗଠନ କରିଥିଲେ। 'ସମବାୟରୁ ସମୃଦ୍ଧି'ର ମନ୍ତ୍ରକୁ ପାଥେୟ କରି ଗଠିତ ଏହି ମନ୍ତ୍ରଣାଳୟ ପ୍ରକୃତ ଜନସାଧାରଣଙ୍କ ଅଂଶଗ୍ରହଣ ଆଧାରିତ ଆନ୍ଦୋଳନକୁ ସମପ୍ରୋତ୍ସାହନ କରିବ।

## ଆୟୁଷ୍ମାନ ଭାରତ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ

ପ୍ରତ୍ୟେକ ନାଗରିକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଏଣିକି ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ ହେବ। 27 ସେପ୍ଟେମ୍ବର 2021 ରୁ ଏହି ଯୋଜନା ସାରା ଦେଶରେ କାର୍ଯ୍ୟକାରୀ ହୋଇଛି । ଆଧାର କାର୍ଡର ପରି ଏହି କାର୍ଡରେ ବ୍ୟକ୍ତିର ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ରହିବ ଯାହା ଏକ କ୍ଲିକରେ ସ୍ୱତନ୍ତ୍ର ଆଇଡି ଦ୍ୱାରା ଦେଖିପାରିବ। ଏ ଭିତରେ ପ୍ରାୟ 22 କୋଟି ସ୍ୱାସ୍ଥ୍ୟ ଖାତା ଖୋଲାଯାଇଛି।

ଯାତ୍ରା ଆରମ୍ଭ ହୋଇଛି ତାହା ମଧ୍ୟ ଜନ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମାଧ୍ୟମ ପାଲଟିଛି। ଏହି ଯାତ୍ରା ଏବେ ଆମ ଶକ୍ତିର ଅମୃତ, ନୂତନ ଚିନ୍ତାଧାରାର ଅମୃତ ନୂତନ ସଂକଳ୍ପର ଅମୃତ ଏବଂ ଆତ୍ମନିର୍ଭରଶୀଳତାର ଅମୃତ ହୋଇ ଠିଆ ହୋଇଛି। ଭାରତ ଅମୃତ ଏକ ମହାନ ତଥା ଗୌରବମୟ ରାଷ୍ଟ୍ର ଗଠନ ଦିଗରେ ବିକାଶର ଯାତ୍ରା ଆରମ୍ଭ କରିଛି। ଆସନ୍ତା ଦୁଇବର୍ଷ ଅର୍ଥାତ୍ 15 ଅଗଷ୍ଟ 2023 ଯାଏ, ଏହି ଅମୃତ ମହୋତ୍ସବ ଚାଲିବ। ଏକ ଅମୃତ ଉଦ୍ଦେଶ୍ୟ ନେଇ 12 ମାର୍ଚ୍ଚ 2021ରେ ଦାଣ୍ଡି ଯାତ୍ରାର ବାର୍ଷିକୀରେ ଆରମ୍ଭ ହୋଇଥିବା ଏହି ଯାତ୍ରା ସ୍ୱାଧୀନତାର 75 ବର୍ଷ ପୂରଣ ହେବା ଦିନ 75 ସପ୍ତାହରେ ପହଞ୍ଚିଛି। ଏହି ସମୟରେ ବିଭିନ୍ନ କାର୍ଯ୍ୟକ୍ରମ

## ସୈନିକ ସ୍କୁଲ୍‌ରେ ଝିଅମାନଙ୍କ ପ୍ରବେଶ



2021-2022 ଶିକ୍ଷାବର୍ଷରୁ କେନ୍ଦ୍ର ସରକାର ସୈନିକ ବିଦ୍ୟାଳୟରେ ବାଳିକାମାନଙ୍କ ଆଡମିଶନ ଆରମ୍ଭ କରିଛନ୍ତି। ସେହିଭଳି, ପ୍ରଥମଥରପାଇଁ ନଭେମ୍ବର 2021 ଏନଡିଏ ପରୀକ୍ଷାରେ ଝିଅମାନେ ଅଂଶଗ୍ରହଣ କରିଥିଲେ, ଯାହାର ମହିଳା ବ୍ୟାଚରେ ହରିୟାଣାର ଶାନନ୍ ଟପ୍ କରିଥିଲେ।

## ପିଏମ୍ ପୋଷଣ ଯୋଜନା

ଏହି ଯୋଜନାରେ 11.20 ଲକ୍ଷ ବିଦ୍ୟାଳୟର 11.80 କୋଟି ପିଲା ଅନ୍ତର୍ଭୁକ୍ତ ଅଛନ୍ତି। ସେପ୍ଟେମ୍ବର 29, 2021 ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ପୁଷ୍ଟିଯୁକ୍ତ ଚାଉଳ ଯୋଗାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନାର ବଜେଟ୍ ହେଉଛି 1.30 ଲକ୍ଷ କୋଟି ଟଙ୍କା।

## ନଦୀ ସଂଯୋଗୀକରଣ ପ୍ରକଳ୍ପ

ନଦୀଗୁଡ଼ିକର ସଂଯୋଗ ସହିତ ଦେଶର ମରୁଡ଼ି ପ୍ରଭାବିତ ଅଞ୍ଚଳରେ ଜଳ ଉପଲବ୍ଧ ହେବ ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରକୋପ ହ୍ରାସ ପାଇବ। ଏଥିପାଇଁ 30 ଟି ଲିଙ୍କ୍ ପାଇଁ ଚିହ୍ନଟ କରାଯାଇଥିଲା, ଯେଉଁଥିରୁ ପ୍ରଥମ କେନ-ବେଟୱା ଲିଙ୍କ୍ ପ୍ରକଳ୍ପର କାର୍ଯ୍ୟକାରିତା ଡିସେମ୍ବର 8, 2021ରେ କ୍ୟାବିନେଟ୍ ଦ୍ୱାରା ଅନୁମୋଦନ କରାଯାଇଛି।

## ପ୍ରଧାନମନ୍ତ୍ରୀ ସ୍ୱାମୀତ୍ୱ ଯୋଜନା

ଗ୍ରାମାଞ୍ଚଳରେ, ଯେଉଁମାନଙ୍କର ଜମି ମାଲିକାନାର କୌଣସି ପ୍ରମାଣ ନାହିଁ, ସେମାନଙ୍କୁ ଏପ୍ରିଲ 24, 2021ରୁ ଏହି ଯୋଜନା ଅଧୀନରେ ସ୍ୱାମୀତ୍ୱ କାର୍ଡ ଦିଆଯାଉଛି। ଏହି ଯୋଜନା ଅଧୀନରେ 1.35 ଲକ୍ଷରୁ ଅଧିକ ଗାଁରେ ଡ୍ରୋନ୍ ସାହାଯ୍ୟରେ ସର୍ଭେ କାର୍ଯ୍ୟ ଶେଷ ହୋଇଛି ଏବଂ 36 ଲକ୍ଷରୁ ଅଧିକ ସମ୍ପତ୍ତି କାର୍ଡ ବଣ୍ଟନ କରାଯାଇଛି।

## ବନ୍ଧ ସୁରକ୍ଷା ଆଇନ

ଦେଶର ଡ୍ୟାମଗୁଡିକ ନିରାପଦରେ ରଖିବା, ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ଏବଂ ରାଜ୍ୟ ମଧ୍ୟରେ ବିବାଦ କମାଇବା ଲାଗି କେନ୍ଦ୍ର ସରକାର ବନ୍ଧ ସୁରକ୍ଷା ଆଇନ, 2021 ପ୍ରଣୟନ କରିଛନ୍ତି। ଡିସେମ୍ବର 30, 2021 ରୁ ଏହି କାର୍ଯ୍ୟ ସାରା ଦେଶରେ କାର୍ଯ୍ୟକାରୀ ହୋଇଛି। ଦେଶରେ 5334 ଟି ପ୍ରମୁଖ ବନ୍ଧ ଏବଂ 411 ଟି ନିର୍ମାଣାଧୀନ ବନ୍ଧ ରହିଛି।

## ମିଶନ୍ ଶକ୍ତି

ଏହା ମହିଳାମାନଙ୍କ ସଶକ୍ତିକରଣର ଏକ ସମନ୍ୱିତ କାର୍ଯ୍ୟକ୍ରମ, ଯାହା ମହିଳାମାନଙ୍କର ଜୀବନଚକ୍ରର ନିରନ୍ତରତାକୁ ପ୍ରଭାବିତ କରୁଥିବା ବିଷୟଗୁଡ଼ିକୁ ଧ୍ୟାନ ଦେଇଥାଏ। ଏହି ଅଂବ୍ରେଲା ଯୋଜନାରେ ସମ୍ବଳ ଏବଂ ସାମର୍ଥ୍ୟ ନାମରେ ଦୁଇଟି ଉପ-ଯୋଜନା ତିଆରି କରାଯାଇଛି। ଏହି ଯୋଜନା ପାଇଁ 2021-2022 ରୁ 2025-2026 ପର୍ଯ୍ୟନ୍ତ 15,761 କୋଟି ଟଙ୍କା ବ୍ୟୟ ଅନୁମୋଦନ କରାଯାଇଛି।

## ପିଏଲ୍‌ଆଇ

ଆତ୍ମନିର୍ଭର ଭାରତ ଲକ୍ଷ୍ୟରେ ଦେଶର ଉତ୍ପାଦନ କ୍ଷମତା ଏବଂ ରପ୍ତାନି ବୃଦ୍ଧି ପାଇଁ 2021-2022 ଆର୍ଥିକ ବର୍ଷରେ 13 ଟି ପ୍ରମୁଖ ଉତ୍ପାଦନ କ୍ଷେତ୍ର ଲାଗି ପିଏଲ୍‌ଆଇ ବା ପ୍ରୋତ୍ସାହନ ଭିତ୍ତିକ ନିବେଶ ଯୋଜନାରେ 1.97 ଲକ୍ଷ କୋଟି ଟଙ୍କା ବ୍ୟୟ ଘୋଷଣା କରାଯାଇଛି। ସେପ୍ଟେମ୍ବର 2021 ରେ, ଡ୍ରୋନ୍ ଏବଂ ଡ୍ରୋନର ଉପାଦାନଗୁଡ଼ିକ ପାଇଁ ପିଏଲ୍‌ଆଇ ଯୋଜନାକୁ ମଧ୍ୟ ଅନୁମୋଦନ କରାଯାଇଥିଲା। ଏହି 14 ଟି ସେକ୍ଟରରେ ପିଏଲଆଇ ହେତୁ 60 ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି ହେବାର ସୁଯୋଗ ରହିଛି।

## ନାନୋ ୟୁରିଆ ବିକାଶ

ନାନୋ ୟୁରିଆ ବିକାଶ ପାଇଁ ଜୁନ୍ 2021 ରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମେ' 2022 ରେ ପ୍ରଥମ ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା। ଏହାଦ୍ୱାରା ପ୍ରତିଦିନ 1.5 ଲକ୍ଷ ବୋତଲ ନାନୋ ୟୁରିଆ ପ୍ରସ୍ତୁତ ହୋଇପାରିବ। ଭବିଷ୍ୟତରେ ଆହୁରି 8 ଟି ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏହାଦ୍ୱାରା ୟୁରିଆ ପାଇଁ ବିଦେଶ ଉପରେ ନିର୍ଭର କମିବ।

## ଇ-ଶ୍ରମ ପୋର୍ଟାଲ

ଦେଶରେ ଅଣସଂଗଠିତ ଶ୍ରମିକମାନଙ୍କର ଏକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ଏହି ପୋର୍ଟାଲ୍ 26 ଅଗଷ୍ଟ 2021 ରେ ଆରମ୍ଭ ହୋଇଥିଲା | ବର୍ତ୍ତମାନ ସୁଦ୍ଧା, ଏହି ପ୍ରକାରର କୌଣସି ଡିଜିଟାଲ୍ ତଥ୍ୟ ନାହିଁ ଜୁଲାଇ 14, 2022 ପର୍ଯ୍ୟନ୍ତ, 27.98 କୋଟି ଅଣସଂଗଠିତ ଶ୍ରମିକ ପୋର୍ଟାଲରେ ପଞ୍ଜିକୃତ ହୋଇଛନ୍ତି।

130 କୋଟି ଦେଶବାସୀ ସ୍ୱାଧୀନତାର ଅମୃତ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଦେଶ ନିର୍ମାଣରେ ନିଜର ଜୀବନକୁ ତୁଚ୍ଛ କରିଥିବା ସେହି ନାୟକ ମାନଙ୍କ ସମ୍ବନ୍ଧରେ ଜାଣିବା ଓ ପ୍ରେରଣା ନେବାର ସୁଯୋଗ ପାଇଥିଲେ ଯାହାଙ୍କ ନାଁ ଆମ ଇତିହାସ ବହିରେ ନଥିଲା ବା ଯେଉଁମାନେ ପ୍ରାୟ ଅଜ୍ଞାତ ହୋଇଥିଲେ। ଏହା ଏପରି ଏକ ଉତ୍ସବ, ଯାହା ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ଦେଶ ପାଇଁ ବଞ୍ଚିବାକୁ, ଦେଶ ପାଇଁ କିଛି କରିବାକୁ ପ୍ରେରଣା ଯୋଗାଇ ଆସିଛି। ଆଜାଦୀର ଅମୃତ ମହୋତ୍ସବ ଏକ ବର୍ଷରୁ ଅଧିକ ସମୟର ଯାତ୍ରାରେ ଦୀର୍ଘ ପଥ ଅତିକ୍ରମ କରିଛି। ସ୍ୱାଧୀନତାର ପଚସ୍ତରୀ ବର୍ଷ ପୂର୍ତ୍ତି ଅବସରରେ ଆସିଥିବା ଏହି ସମୟ ଏକ ଅମୃତ ଭଳି ଯୁବପିଢ଼ିଙ୍କୁ ପ୍ରାପ୍ତ ହେବ।

# ଅମୃତ ମହୋତ୍ସବ ସ୍ୱାଧୀନତାରେ ନୂଆ ସକାଳର ଅନୁଭୂତି

**ସ୍ୱାଧୀନତାର ପଚସ୍ତରୀ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଗତ ଦୁଇବର୍ଷକାଳ ଚାଲିଥିବା ଅମୃତ ମହୋତ୍ସବ ପଚସ୍ତରୀ ସପ୍ତାହରେ ପହଞ୍ଚିଛି। ଏ ଭିତରେ ପଚାଶ ହଜାରରୁ ଅଧିକ ଉତ୍ସବ ଦେଶର ବିଭିନ୍ନ ପ୍ରାନ୍ତରେ ଆୟୋଜନ କରାଯାଇଛି। ଏଥିରେ 150ରୁ ଅଧିକ ଦେଶ ଏବଂ 55ମନ୍ତ୍ରଣାଳୟ ଅଂଶଗ୍ରହଣ କରିଛନ୍ତି।**

### Freedom struggle @75

**ସ୍ୱାଧୀନତାର ସଂଘର୍ଷ**
ସ୍ୱାଧୀନତା ପାଇଁ କେମିତି ହୋଇଥିଲା ସଂଘର୍ଷ? ସେହି ହଜିଲା ନାୟକଙ୍କ କାହାଣୀ, ଯେଉଁମାନଙ୍କୁ ଭୁଲାଇ ଦିଆଯାଇଛି ବା ଇତିହାସରେକୌଣସି ସ୍ଥାନ ଦିଆଯାଇ ନାହିଁ, ସେମିତି ନାୟକଙ୍କ କାହାଣୀକୁ ଖୋଜିବା ଏବଂ ସେମାନଙ୍କ ପ୍ରେରଣାରେ ନିଜକୁ ପ୍ରେରିତ କରିବା।

### Resolve @75

**75ତମ ବର୍ଷରେ ସଂକଳ୍ପ**
ନିର୍ଦ୍ଧାରିତ ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରତିବଦ୍ଧତା। ସେହି ଲକ୍ଷ୍ୟ ବାବଦରେ ପ୍ରଚାର ପ୍ରସରେ କରିବା। ସେହି କ୍ଷେତ୍ର ସହ ଯୋଡ଼ା କାର୍ଯ୍ୟକ୍ରମ ଆୟୋଜନ କରିବା। ଏଥିରେ ସବୁ ସରକାରୀ ଓ ଅଣ ସରକାରୀ ସଂଗଠନଙ୍କ ସହଭାଗୀତା ଦ୍ୱାରା ସଫଳତାର ରାସ୍ତା ତିଆରି କରିବା।

### Ideas @75

**75ତମ ବର୍ଷରେ ବିଚାର**
ବସୁଧୈବ କୁଟୁମ୍ବକମ୍, ରାଷ୍ଟ୍ରୀୟ ସୁରକ୍ଷା, ଇନୋଭେସନ୍, ଶାନ୍ତି- ଏକତା, ଭାରତର ପୃଷ୍ଠଭୂମି, ବିକାଶ, ପରିବେଶ, ସତତ ବିକାଶ ଏବଂ ନ୍ୟାୟ ଭଳି ବିଚାର ଯାହା ଭାରତକୁ ଗୋଟିଏ ସୂତ୍ରରେ ଭାନ୍ଧି ରଖେ, ସେସବୁ ଉପରେ କାର୍ଯ୍ୟ କରିବା।

### Achievements @75

**75ତମ ବର୍ଷରେ ଉପଲବ୍ଧି**
ବିଗତ 75 ବର୍ଷହେଲା ବିଭିନ୍ନ କ୍ଷେତ୍ର ଯେମିତି ମହିଳା, ଯୁବକ, ଗାଁ, ପରିବେଶ, ପ୍ରବାସୀ, ପ୍ରତିରକ୍ଷା, ଅର୍ଥନୀତି ପ୍ରଭୃତି କ୍ଷେତ୍ରରେ ଆସିଥିବା କ୍ରାନ୍ତିକାରୀ ପରିବର୍ତ୍ତନ ତଥା ଉପଲବ୍ଧିକୁ ଅମୃତ ମହୋତ୍ସବର ବିଷୟ ଭାବେ ସ୍ଥାନୀତ କରିବା ଦ୍ୱାରା ଅମୃତ କାଳର ଗତିକୁ ନୂଆ ଶକ୍ତି ମିଳିଛି।

### Actions @75

**75ତମ ବର୍ଷରେ ପଦକ୍ଷେପ**
ସ୍ୱଚ୍ଛ ଭାରତ, ସ୍ୱସ୍ଥ ଭାରତ, ଆତ୍ମନିର୍ଭର ଭାରତ, ଏକ ଭାରତ-ଶ୍ରେଷ୍ଠ ଭାରତ, ଏକ ଦେଶ-ଏକ ରାସନ କାର୍ଡ, ଏକ କୃଷି ବଜାର, ସବ୍‌କା ସାଥ- ସବ୍‌କା ବିକାଶ- ସବ୍‌କା ବିଶ୍ୱାସ, କୌଶଳ ବିକାଶ, ଡିଜିଟାଲ୍ ଇଣ୍ଡିଆ, ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି ଏବଂ ଜିଏସ୍‌ଟି ଭଳି ପଦକ୍ଷେପକୁ ଦିଗ ଦେଖାଇବା।

ଏହା ଏମିତି ଏକ ଅମୃତ ଯାହା ପ୍ରତିଟି ଲୋକଙ୍କୁ ପ୍ରତିଟି କ୍ଷଣ ଦେଶ ପାଇଁ ବଞ୍ଚିବା, ଦେଶ ପାଇଁ କିଛି କରିବା ଲାଗି ପ୍ରେରିତ କରିବ।  ସ୍ୱାଧୀନତାର ଏହି ଅମୃତ ମହୋତ୍ସବ ଜନ ଭାଗିଦାରୀ ଦ୍ୱାରା ଆତ୍ମ ନିର୍ଭରତାକୁ ଏକ ଆନ୍ଦୋଳନ ଭାବେ ଗଢ଼ି ତୋଳିବା ସହ ଏଥିରେ କଳା, ସଂସ୍କୃତି, ଗୀତ, ସଂଗୀତର ଖୁବ୍ ଆସର ହୋଇଥିଲା। ଇନୋଭେସନ୍ ଚ୍ୟାଲେଞ୍ଜ ହେଉ ବା ରାଷ୍ଟ୍ରଗାନ, ଅବା ସ୍ୱାଧୀନତା ସଂଗ୍ରାମୀ, ରଙ୍ଗୋଲି ପ୍ରତିଯୋଗୀତା, ଶିଶୁ, ଯୁବକଠାରୁ ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଅଂଶଗ୍ରହଣ ଏଥିରେ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅମୃତ ମହୋତ୍ସବ ଏବଂ ଅମୃତକାଳ ସମ୍ବନ୍ଧରେ ଦୃଷ୍ଟିକୋଣ ଅତ୍ୟନ୍ତ ସ୍ପଷ୍ଟ। ଏହି ଉତ୍ସବ ଆରମ୍ଭରେ ପ୍ରଧାନମନ୍ତ୍ରୀ ମୋଦୀ ଏପରି  ମୂଳଦୁଆ ପକାଇଛି ଯାହାଫଳରେ 15 ଅଗଷ୍ଟ 2022କୁ ଯେତେବେଳେ ସେ ଲାଲକିଲ୍ଲା ପ୍ରାଚୀରରୁ ନବମଥର ପାଇଁ ତ୍ରିରଙ୍ଗା ଉଡ଼ାଇବେ ସେତେବେଳେ ସାରା ଭାରତ ଏହି ମନ୍ତ୍ରରେ ଦୀକ୍ଷୀତ ହୋଇ ସାରିଥିବେ। ଏହା ଏତେ ବଡ଼ ପର୍ବରେ ପରିଣତ ହେଉଛି ଯେଉଁଠାରେ ପ୍ରତ୍ୟେକ ନାଗରିକ ଦେଶକୁ ଆଗକୁ ନେବାକୁ ସଂକଳ୍ପବଦ୍ଧ, ଯାହାଫଳରେ ସାବକା ସାଥ, ସାବକା ବିକାଶ, ସାବକା ବିଶ୍ୱାସ ଏବଂ ସାବକା ପ୍ରୟାସ ମନ୍ତ୍ର ସଫଳ ହୋଇପାରିଛି। କହିବାକୁ ଗଲେ ଅମୃତ ମହୋତ୍ସବର ଉତ୍ସାହ ଦେଶର ପ୍ରତିଟି ବର୍ଗ,

# ସ୍ୱାଧୀନତାର ଅମୃତ ମହୋତ୍ସବ ଆୟୋଜନ ପ୍ରଚ୍ଛଦରେ ଥିବା ବିଚାର ଓ ରଣନୀତି

ଏହାର ଉଦ୍ଦେଶ୍ୟ ନାଁ ଭଳି ଅମୃତ। ଏଥିରେ ସରକାରଙ୍କ ସାମୂହିକ ଶକ୍ତି ସାଙ୍ଗକୁ କୌଣସି ବି କାର୍ଯ୍ୟକୁ ପୂରା କରିବା ଲାଗି ଏକାଠି ହେବାର ଭାବନା ସହ ସାର୍ବଜନୀକ, ଘରୋଇ କ୍ଷେତ୍ର, ଏନ୍‌ଜିଓ ଏବଂ ସମାଜର ସବୁ ବର୍ଗକୁ ସାଙ୍ଗରେ ନେଇ 'ସବ୍‌କା ପ୍ରୟାସ' ବିଚାରକୁ ସାକାର କରିବା ଲାଗି ଉଦ୍ଦିଷ୍ଟ। ଏହାର ଯୋଜନା ଏବଂ ରଣନୀତି ତିଆରି ସମୟରେ ସ୍ୱତନ୍ତ୍ରତା ସଂଘର୍ଷ, ସଂସ୍କୃତି-ଆଧାତ୍ମ୍ୟ, ପୋଷଣ, ଖେଳ-ଫିଟନେସ୍, ପରିବେଶ ତଥା ସତତ ବିକାଶ, ସମସ୍ତଙ୍କୁ ଆଇନଗତ ସହାୟତା, ଅନ୍ତିମ ବ୍ୟକ୍ତିକୁ ଲାଭ, ଇନ୍‌ଫ୍ରାଷ୍ଟ୍ରକ୍ଚର ବିକାଶ, ସୁଶାସନ, ଖାଦ୍ୟ ଓ କୃଷି, ଇନୋଭେସନ୍, ବିଜ୍ଞାନ-ଟେକ୍ନୋଲୋଜି ଭଳି ସମସ୍ତ ବିଷୟକୁ ଦୃଷ୍ଟି ଦିଆଯାଇଛି।

## ଅମୃତ ମହୋତ୍ସବରେ ହୋଇଥିବା ବିଶେଷ କାର୍ଯ୍ୟକ୍ରମ

- ଇଣ୍ଡିଆ ଗେଟ୍ ପାଖରେ ନେତାଜୀଙ୍କ ହଲୋଗ୍ରାମ
- ଉପଭୋକ୍ତାଙ୍କ ସଶକ୍ତିକରଣ
- ନବୀକରଣ ଯୋଗ୍ୟ ଶକ୍ତି, ପୋଷଣ ମାସ, ପୋଷଣ ବଗିଚା
- ଇନୋଭେସନ୍-ହାକାଥନ
- ବିଜ୍ଞାନ ସର୍ବତ୍ର ପୂଜ୍ୟତେ
- ଅନ୍ତରାଷ୍ଟ୍ରୀୟ ସଂଗ୍ରହାଳୟ ମହୋତ୍ସବ
- ରାଷ୍ଟ୍ରୀୟ ସଂସ୍କୃତି ମହୋତ୍ସବ
- ଉମଙ୍ଗ ଉଡ଼ାନ-ମକର ସଂକ୍ରାନ୍ତୀ
- ଭାରତମ୍
- ଧାରା-ବୈଦିକ ଗଣିତ
- ଲାଲ୍‌କିଲାରେ ଆୟୋଜନ



ପ୍ରତିଟି ଲୋକ ମନରେ ସହଭାଗୀତାର ରଙ୍ଗ ଲଗାଇଛି।

### ଯେତେବେଳେ ଉତ୍ସବ ହେଲା ଅମୃତ ମହୋତ୍ସବ

ଭାରତୀୟ ସଂସ୍କୃତିରେ ଏହା କୁହାଯାଏ - "ଉତ୍ସବେନ ବିନା ଯସମାତ ସ୍ଥାପନମ୍ ନିଷ୍ଫଳମ୍ ଭବେତ୍"। ଏହାର ଅର୍ଥ ହେଉଛି, ବିନା ଉତ୍ସବରେ କୌଣସି ପ୍ରୟାସ ବା କୌଣସି ସଂକଳ୍ପ ସଫଳ ହୁଏ ନାହିଁ। ଯେତେବେଳେ ଏକ ସଙ୍କଳ୍ପ ଏକ ଉତ୍ସବ ରୂପ ନେଇଥାଏ, ସେତେବେଳେ ଲକ୍ଷ ଲକ୍ଷ ଏବଂ କୋଟି ଲୋକଙ୍କ ସଂକଳ୍ପ ଏବଂ ଶକ୍ତି ଏଥିରେ ଯୋଡ଼ି ହୋଇଯାଏ। ଏହି ଭାବନାରେ 130 କୋଟି ଦେଶବାସୀଙ୍କୁ ସାଙ୍ଗରେ ନେଇ ତାଙ୍କୁ ଯୋଡ଼ି ଅମୃତ ମହୋତ୍ସବ ଆରମ୍ଭ କରାଯାଇଥିଲା। ଲୋକଙ୍କ ଭାଗିଦରୀ ହିଁ ଏହି ଉତ୍ସବର ମୂଳ ଭାବନା ହେଲା। ଯେଉଁଥିରେ ସ୍ୱାଧୀନତା ସଂଗ୍ରାମର ଭାବନା, ଏହାର ତ୍ୟାଗ, ସମର୍ପଣର ସାକ୍ଷାତ ଅନୁଭବ ଆଜିକା ପିଢ଼ିକୁ ବି ଅନୁଭବ ହେଲା। ଏହା ଏମିତି ଏକ ମହୋତ୍ସବ ଯେଉଁଥିରେ ସନାତନ ଭାରତର ଗର୍ବ ଓ ଗୌରବର ଝଲକ ଦେଖିବାକୁ ମିଳେ। ଆଧୁନିକ ଭାରତର ଚମକ ବି ଏଥିରେ ରହିଛି, ଋଷିମୁନିଙ୍କ ଆଧାତ୍ମ୍ୟର ପ୍ରକାଶ, ଭାରତୀୟ ବୈଜ୍ଞାନିକଙ୍କ ପ୍ରତିଭା ବି ଅନ୍ତର୍ନିହିତ ରହିଛି।

ଏହି ଆୟୋଜନର ଭବ୍ୟତା ଏବଂ ସଫଳତାକୁ ମଧ୍ୟ ମୂଲ୍ୟାଙ୍କନ କରାଯାଇପାରେ ଯେ, ଏହି 75 ସପ୍ତାହ ମଧ୍ୟରେ ଦେଶ ତଥା ବିଦେଶରେ 50 ହଜାରରୁ ଅଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି, ଯେଉଁଥିରେ 55 ଟି ମନ୍ତ୍ରଣାଳୟ ତଥା ବିଭାଗ ଅର୍ଥାତ୍ ସରକାରଙ୍କ ସାମୂହିକ ଶକ୍ତି ଏବଂ ସମନ୍ୱିତ ପ୍ରୟାସ ଜନଗଣଙ୍କ ଭାବନାକୁ ଯୋଡ଼ିବାରେ ସକ୍ଷମ ହୋଇଛି। ଯଦି ମୋଟାମୋଟି ଭାବେ ଦେଖାଯାଏ ତେବେ ଅମୃତ ମହୋତ୍ସବ ଅଧୀନରେ ଘଣ୍ଟା ପ୍ରତି 4 ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅମୃତ ପର୍ବକୁ 5 ଭାଗରେ ବିଭକ୍ତ କରି ଅଗ୍ରସର ହେବାପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏଥିମଧ୍ୟରେ ସ୍ୱାଧୀନତା ସଂଗ୍ରାମ (Freedom Struggle@75), 75 ତମ ବର୍ଷର ଚିନ୍ତାଧାରା (Ideas @ 75), 75 ତମ ବର୍ଷରେ ସଫଳତା (Achievements@75), 75 ତମ ବର୍ଷରେ ପଦକ୍ଷେପ (Actions@75) ଏବଂ 75 ବର୍ଷରେ ସମାଧାନ (Resolve@75) ପ୍ରଭୃତି ଅନ୍ତର୍ଭୁକ୍ତ। ସ୍ୱାଧୀନତାର ଅମୃତ ମହୋତ୍ସବ ର ଏହି ସମୟ ଭିତରେ ଦ୍ୱିତୀୟ ଏବଂ ତୃତୀୟ ଲହଡ଼ି କୋଭିଡ୍ ହେତୁ ପରିସ୍ଥିତି କଠୋର ହୋଇଥିଲା। ଏଣୁ ଅନେକ କାର୍ଯ୍ୟକ୍ରମକୁ ହାଇବ୍ରିଡ୍ ମୋଡ୍‌ରେ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ

## କେମିତି ସ୍ୱାଧୀନତାର 75 ବର୍ଷ ଏବଂ ଏହା ସହ ଜଡ଼ିତ କାର୍ଯ୍ୟକ୍ରମଗୁଡିକରେ 75 ସଂଖ୍ୟା ଏକ ପ୍ରତୀକ ପାଲଟିଥିଲା

- ଅକ୍ଟୋବର 5, 2021ରେ ଉତ୍ତରପ୍ରଦେଶରେ ସହର ବିକାଶ ସହ ଜଡ଼ିତ 75ଟି ପ୍ରକଳ୍ପର ମୂଳଦୁଆ ପକାଯାଇଥିଲା।
- ୟୁପିର 75ଟି ଜିଲ୍ଲାରେ, 75 ହଜାର ହିତାଧିକାରୀ ନିଜ ନିଜ ପକ୍କା ଘରର ଚାବି ପାଇଛନ୍ତି। 75 ଟି ଇଲେକ୍ଟ୍ରିକ୍ ବସ୍ ଫ୍ଲାଗ୍ କରାଯାଇଥିଲା।
- ଭାରତ ସରକାର 75 ଦିନ ଯାଏ 18 ବର୍ଷରୁ ଅଧିକ ବୟସର ଲୋକଙ୍କୁ କୋଭିଡ -19 ର ମାଗଣା ପ୍ରିକସନ୍ ଡ଼ୋଜ ସରକାରୀ ହସ୍‌ପିଟାଲରେ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ବିଭାଜନ ବିଭୀଷିକା ସ୍ମୃତି ଦିବସ

75 ତମ ସ୍ୱାଧୀନତା ଦିବସ ଅବସରରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଗଲା, ଯାହା ସେହି ବିଭୀଷିକାରେ ଦ୍ୱାରା ପ୍ରଭାବିତ ଲୋକଙ୍କ ପ୍ରତି ପ୍ରତ୍ୟେକ ଭାରତୀୟଙ୍କ ତରଫରୁ ଏକ ସମ୍ମାନଜନକ ଶ୍ରଦ୍ଧାଞ୍ଜଳି।

### 75 ବନ୍ଦେ ଭାରତ ଟ୍ରେନ୍

ସ୍ୱାଧୀନତାର ଅମୃତ ମହୋତ୍ସବରେ 75 ବନ୍ଦେ ଭାରତ ଟ୍ରେନ୍ ଦେଶର ପ୍ରତ୍ୟେକ କୋଣକୁ ସଂଯୋଗ କରିବ

### 75 ଯୁବ ଲେଖକ

ଅମୃତ ମହୋତ୍ସବରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ପୁସ୍ତକ ଲେଖିବା ପାଇଁ ଦେଶରେ 75 ଜଣ ଯୁବ ଲେଖକ ଚୟନ କରାଯାଇଥିଲା।



**"ଏକବିଂଶ ଶତାବ୍ଦୀରେ ଦୁନିଆ ବହୁତ ଦ୍ରୁତ ଗତିରେ ବଦଳୁଛି। ନୂଆ ଆବଶ୍ୟକତା ଅନୁସାରେ ଭାରତର ପ୍ରତିଟି ନାଗରିକ, ଯୁବକଙ୍କର, ଆଶା ଓ ଅକାଂକ୍ଷା ମଧ ବଢୁଛି। ତାହାକୁ ତାଳ ଦେଇ ଆମର ଗଣତାନ୍ତ୍ରିକ ବ୍ୟବସ୍ଥା କାର୍ଯ୍ୟକରିବା ଆବଶ୍ୟକ। ଆଜି ଯେତେବେଳେ ସ୍ୱାଧୀନତାର 75ତମ ବର୍ଷରେ ଏକ ନୂଆ ସଂକଳ୍ପକୁ ନେଇ ଅଗ୍ରସର ହେଉଛୁ, ସେତେବେଳେ ଏହି ସଂକଳ୍ପଗୁଡ଼ିକୁ ଦିଗଦର୍ଶନ ଦେବା ଆମ ସଂସଦ, ବିଧାନସଭାର ଦାୟିତ୍ୱ। ଏଥିପାଇଁ ଆମକୁ ନିଷ୍ଠା ଓ ସଚ୍ଚୋଟ ସହକାରେ ଦିନରାତି ପରିଶ୍ରମ କରିବା ଆବଶ୍ୟକ।**

**- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ଦ୍ୱାରା ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ଼ ଲେଖାଗଲା, ସ୍ୱତନ୍ତ୍ରତା ସ୍ୱର, ଯେଉଁଥିରେ ବ୍ରିଟିଶ୍‌ଦ୍ୱାରା ପ୍ରତିବନ୍ଧକ ଲଗାଯାଇଥିବା କବିତାଗୁଡ଼ିକର ସଂକଳନ କରାଯାଇଥିଲା, ବନ୍ଦେ ଭାରତ ନୃତ୍ୟ ଉତ୍ସବ, 1857 ର ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ସ୍ମରଣ କରିବା ପାଇଁ କାର୍ଯ୍ୟକ୍ରମ ପ୍ରଭୃତି ଆୟୋଜିତ ହୋଇଥିଲା। ଜାତୀୟ ସଂଗୀତର କାର୍ଯ୍ୟକ୍ରମ ହେଉ, ରଙ୍ଗୋଲି ତିଆରି କରିବାର କାର୍ଯ୍ୟକ୍ରମ ହେଉ ଏସବୁ କାର୍ଯ୍ୟକ୍ରମ କିପରି ଭାବେ ସ୍ୱାଧୀନତାର 75 ବର୍ଷରେ ପ୍ରତୀକ ପାଲଟିଗଲା ତାହା ଉଲ୍ଲେଖନୀୟ। ଏବେ ପ୍ରତିଘରେ ତ୍ରିରଙ୍ଗା ଅଭିଯାନ 11-17 ଅଗଷ୍ଟ ଯାଏ ଚାଲିବାକୁ ଯାଉଛି।

### ସ୍ୱାଧୀନତା ସଂଗ୍ରାମରୁ ପ୍ରେରଣା, ଭବିଷ୍ୟତର ନିର୍ମାଣ

ଭାରତୀୟ ସ୍ୱାଧୀନତାର ଇତିହାସ ଗୌରବମୟ। ହେଲେ ଏହି ସଂଗ୍ରାମରେ ନିଜକୁ ତୁଚ୍ଛ କରି ଜନଗଣ ଯେଉଁପରି ଭାବେ ଇଂରେଜଙ୍କ କବଳରୁ ଦେଶକୁ ମୁକ୍ତ କରିବା ପାଇଁ ଭାଗିଦାର ସାଜିଥିଲେ ସେହି ବଳିଷ୍ଠ ନେତୃତ୍ୱଙ୍କୁ କେଉଁଠି କେଉଁ ଆମେ ହଜାଇ ଦେଇଥିଲୁ। ସବୁ ବର୍ଗ, ସବୁ

ଆନ୍ଦୋଳନକାରୀ, ସବୁ ସ୍ଥାନ ଏଥିରେ ଅନ୍ତର୍ଭୁକ୍ତ ହୋଇପାରି ନଥିଲା। ଯେଉଁମାନଙ୍କୁ ପରିଚୟ ମିଳିଥିଲା ସେତିକି ମିଳି ନଥିଲା ଯେତିକି ମିଳିବା କଥା। ଏଭଳି ପରିସ୍ଥିତିରେ ଗାନ୍ଧିଜୀଙ୍କ ଚରଖା ଏବଂ ଲୁଣ ଭଳି ପ୍ରତୀକଗୁଡ଼ିକର ଉତ୍ତମ ବ୍ୟବହାର ଏବଂ ଅମୃତ ମହୋତ୍ସବ ପାଳନ ଦ୍ୱାରା ସ୍ୱାଧୀନତା ଇତିହାସର ଗଣତାନ୍ତ୍ରିକରଣ ହେବା ଆରମ୍ଭ ହୋଇଛି। ଦେଶର ପ୍ରତ୍ୟେକ ନାଗରିକ ଏହି ଇତିହାସରୁ ପ୍ରେରଣା ପାଇପାରିବେ। ଅମୃତ ମହୋତ୍ସବ ମାଧ୍ୟମରେ ଜନସାଧାରଣଙ୍କ ଅଂଶଗ୍ରହଣ ପାଇଁ ଏକ ବିଶେଷ ଉତ୍ସବ ଏବଂ ମହାନ ବ୍ୟକ୍ତିଙ୍କ ଜନ୍ମ ବାର୍ଷିକୀ କରାଯାଇଥିଲା। ସ୍ୱଚ୍ଛତା ଆନ୍ଦୋଳନକୁ ମହାତ୍ମା ଗାନ୍ଧୀଙ୍କ 150 ତମ ଜନ୍ମ ବାର୍ଷିକୀ ସହିତ ଯୋଡ଼ି ଦେଶକୁ ସ୍ୱଚ୍ଛ କରିବା ପାଇଁ ସଂକଳ୍ପ ନେଇ ଏକ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସ୍ୱାଧୀନତାର 75 ବର୍ଷର ନାମ ଅମୃତ ମହୋତ୍ସବ ରଖାଯିବା ସହ ଏହାକୁ ପାଳନ କରିବା ଲାଗି ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା। ଦେଶର ଯୁବକମାନେ ଅନେକ ଅଜ୍ଞାତ ନାୟକଙ୍କ କାହାଣୀ ଲେଖିବା ପାଇଁ ଅନୁପ୍ରାଣିତ ହୋଇଛନ୍ତି। ଆଦିବାସୀଙ୍କ ଗର୍ବ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକ ଅର୍ଥାତ୍ 15 ନଭେମ୍ବରକୁ ଭାରତ ସରକାର ଆଦିବାସୀ ଗର୍ବ ଦିବସ ଭାବରେ ପାଳନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ନତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 125 ତମ ଜନ୍ମ ବାର୍ଷିକୀରେ ଏକ ଭବ୍ୟ ଉତ୍ସବ ପାଳନ କରାଯାଇଥିଲା। ରାଜା ସୁହେଲଦେବ, ରାଜା ମହେନ୍ଦ୍ର ପ୍ରତାପଙ୍କ ପରି ଅନେକ ମହାନ ବ୍ୟକ୍ତିଙ୍କ ଅବଦାନକୁ ମନେ ପକାଇ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ା ହେଲା। ଏହା ପଛରେ ଭାରତ ସରକାରଙ୍କ ଚିନ୍ତାଧାରା ରହିଛି ଯେ 1857 ରୁ 1947 ପର୍ଯ୍ୟନ୍ତ ସଂଗ୍ରାମ ଆଗାମୀ ପିଢ଼ି ଆଗରେ ପୁନର୍ବାର ଜାଗ୍ରତ ହେବା ଉଚିତ କାରଣ କେବଳ ଇତିହାସ ଯୁବ ପିଢ଼ିକୁ ଏହି ସୂଚନା ଦେଇପାରିବ ନାହିଁ, ଏଥିଲାଗି ଜନଜାଗରଣ ଆବଶ୍ୟକ। ଅନେକ ନାୟକ ତଥା ବୀର ସଂଗ୍ରାମୀଙ୍କ ଚରିତ୍ରକୁ ତାଙ୍କ ସାମ୍ନାରେ ଜୀବୀତ କରିବାକୁ ହେବ। ସେତେବେଳେ ଯାଇ ସେମାନେ ନିଜକୁ ସ୍ୱାଧୀନତାର ସଂଗ୍ରାମ ସହ ଯୋଡ଼ିପାରିବେ। ଯଦି ଗୋଟିଏ ଶିଶୁ ସ୍ୱାଧୀନତା ସଂଗ୍ରାମର ଇତିହାସ ସହ ନିଜକୁ ଯୋଡ଼ିପାରିବ,ତେବେ ତା'ର ପୂରା ଜୀବନ ଭାରତର ବିକାଶ ରାସ୍ତାରେ ସମର୍ପିତ ରହିବ। ଅମୃତ ମହୋତ୍ସବ ଭାରତର ନବ ପିଢ଼ିକୁ ସ୍ୱାଧୀନତା ଏବଂ ଦେଶ ସହ ଯୋଡ଼ିବାର ସ୍ୱର୍ଣ୍ଣିମ ଅବସର ସୃଷ୍ଟି କରେ।

ବାସ୍ତବରେ, ଅମୃତ ମହୋତ୍ସବର ଆୟୋଜନ 75 ବର୍ଷର ସଫଳତାକୁ ବିଶ୍ୱ ସାମ୍ନାରେ ରଖିବା ସହିତ 25



## ଭିଜନ ଦସ୍ତାବିଜ

19 ଫେବୃୟାରୀ 2021କୁ ବିଶ୍ୱଭାରତୀ ଛାତ୍ରଙ୍କୁ ଭିଜନ ଦସ୍ତାବିଜ୍ ପ୍ରସ୍ତୁତ କରିବାକୁ କହିଥିଲେ। 2047ର ଯେତେବେଳେ ଭାରତର ସ୍ୱାଧୀନତାର ଶତବାର୍ଷିକୀ ପାଳନ କରୁଥିବ ସେତେବେଳେ ବିଶ୍ୱ ଭାରତୀ ଆଗରେ ସବୁଠାରୁ ବଡ଼ 25 ଲକ୍ଷ୍ୟ କ'ଣ ରହିବ?

## 75 ବଡ଼ ଇନୋଭେସନ୍

23 ଫେବୃୟାରୀ 2021 ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଇଆଇଟି ଖଡ଼ଗପୁର ଛାତ୍ରଛାତ୍ରୀଙ୍କୁ କହିଲେ ଯେ, ବିଗତ ବର୍ଷ ଭିତରେ ଯେଉଁ 75 ବଡ଼ ଇନୋଭେସନ୍, ବଡ଼ ସମାଧାନ ଆଇଆଁଟି ଖଡ଼ଗପୁରରୁ ହୋଇଛି ତାହାର ଏକ ସଂକଳନ ପ୍ରସ୍ତୁତ କରନ୍ତୁ। ଏହାକୁ ଦେଶରବିଭିନ୍ନ ପ୍ରନ୍ତ ତଥା ବିଶ୍ୱରେ ପହଞ୍ଚାନ୍ତୁ।

## 75 ବର୍ଷର ରେକର୍ଡ଼ ଭାଙ୍ଗିଲା ବ୍ୟାଙ୍କ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 12 ଡିସେମ୍ବର 2021 ଦିନ କହିଥିଲେ ଯେ, ଭାରତର ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଦେଶର ଲକ୍ଷ୍ୟ ହାସଲ କରିବାରେ ଆଗ ଅପେକ୍ଷା ଏବେ ବହୁତ କ୍ଷୀପ୍ରଗତିରେ କାର୍ଯ୍ୟ କରୁଛି। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଭାରତର ପ୍ରତ୍ୟୋକ ବ୍ୟାଙ୍କ 75 ବର୍ଷରେ ଯାହା କରିଛନ୍ତି, ତାହାକୁ ପଛରେ ପକାଇ ତା'ର ଦେଢ଼ଗୁଣା, ଦି'ଗୁଣା ସଫଳତା ପାଇଁ ଚେଷ୍ଟା କରୁଛନ୍ତି।

## 75 ସ୍କୁଲ୍‌କୁ ଯାଆନ୍ତୁ ଖେଳାଳି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟୋକିଓ ଅଲମ୍ପିକ୍ ପରେ ପାରାଅଲମ୍ପିକ୍ ଖେଳାଳିଙ୍କୁ ସମ୍ବୋଧନ କରିବା ଅବସରରେ କହିଥିଲେ, 15 ଅଗଷ୍ଟ 2023 ଯାଏ 75 ସ୍କୁଲ୍‌କୁ ଯାଇ ଅପପୁଷ୍ଟି ଦୂର କରିବା ପାଇଁ ସ୍ୱାସ୍ଥ୍ୟ ଓ ସ୍ୱାଦିଷ୍ଟ ଭୋଜନ ଖାଇବାର ଅବାଶ୍ୟକତା ଉପରେ କଥା ହୁଅନ୍ତୁ। ପିଲାଙ୍କ ସହ ଖେଳନ୍ତୁ। ସ୍କୁଲ ଗସ୍ତ କାର୍ଯ୍ୟକ୍ରମ ନୀରଜ ଚୋପ୍ରା ଆରମ୍ଭ କରିଥିଲେ।



## 75 ଗାଁକୁ ପୋଷ୍ୟ କରନ୍ତୁ

ପ୍ରଧାନମନ୍ତ୍ରୀ ସମସ୍ତ ଶିକ୍ଷାବିତ୍, ସମସ୍ତ କୃଷି ବୈଜ୍ଞାନିକ, ସମସ୍ତ ଅନୁଷ୍ଠାନକୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଇଁ ଲକ୍ଷ୍ୟ ସ୍ଥିର କରିବାକୁ କହିଥିଲେ। 75 ଟି ଗ୍ରାମକୁ ପୋଷ୍ୟଭାବେ ଗ୍ରହଣ କରି ସେମାନଙ୍କ ରୂପାନ୍ତର କରିବାରେ ନେତୃତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। 75 ଟି ବିଦ୍ୟାଳୟରେ ମଧ୍ୟ ଏଭଳି ଅଭିଯାନ ଚାଲିପାରିବ। ଏହିପରି ଏକ ଅଭିଯାନ ଦେଶର ପ୍ରତ୍ୟେକ ଜିଲ୍ଲାର ସ୍ଥାନୀୟ ଅନୁଷ୍ଠାନ ସ୍ତରରେ ଚାଲିପାରିବ।

## 75 ବର୍ଷ ଏବଂ ମିଡିଆ

ସଂସଦ ଟିଭିର ଶୁଭାରମ୍ଭ ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମର ଅତୀତର ଗର୍ବ ଏବଂ ଭବିଷ୍ୟତର ସଂକଳ୍ପ ରହିଛି। ଏହି ଦୁଇଟି କ୍ଷେତ୍ରରେ ଗଣମାଧ୍ୟମର ଏକ ବଡ଼ ଭୂମିକା ରହିଛି। ଯେତେବେଳେ ଗଣମାଧ୍ୟମ ସ୍ୱଚ୍ଛ ଭାରତ ଅଭିଯାନ ଭଳି ଏକ ପ୍ରସଙ୍ଗ ଉଠାଏ, ଏହା ଶୀଘ୍ର ଜନସାଧାରଣଙ୍କ ନିକଟରେ ପହଞ୍ଚେ । ସ୍ୱାଧୀନତାର ଅମୃତ ମହୋତ୍ସବରେ ଦେଶବାସୀଙ୍କ ଉଦ୍ୟମକୁ ପ୍ରଚାର କରିବାରେ ଗଣମାଧ୍ୟମ ଏକ ବଡ଼ କାମ କରିପାରିବ। ଉଦାହରଣ ସ୍ୱରୂପ, ଏକ ଟିଭି ଚ୍ୟାନେଲ୍ ସ୍ୱାଧୀନତା ସଂଗ୍ରାମକୁ ନେଇ 75 ଏପିସୋଡ୍ ଯୋଜନା କରିପାରିବ, ଡକ୍ୟୁମେଣ୍ଟାରୀ ତିଆରି କରିପାରିବ। ଖବରକାଗଜ ଅମୃତ ପର୍ବ ସହିତ ଜଡ଼ିତ ଅନୁକ୍ରମଣିକା ପ୍ରକାଶ କରିପାରିବ। ଡିଜିଟାଲ୍ ମିଡିଆ କୁଇଜ୍ ପ୍ରତିଯୋଗୀତା ଦ୍ୱାରା ଯୁବକମାନଙ୍କୁ ସିଧାସଳଖ ଯୋଡ଼ି ପାରିବ।

## 75 ବର୍ଷ ଏବଂ ରପ୍ତାନି

ବିଦେଶରେ ଥିବା ଭାରତୀୟ ମିଶନ ମୁଖ୍ୟ ଏବଂ ବାଣିଜ୍ୟ ଓ ବାଣିଜ୍ୟ କ୍ଷେତ୍ରର ହିତାଧିକାରୀଙ୍କ ସହ ଯୋଗାଯୋଗ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମର ବର୍ତ୍ତମାନର ରପ୍ତାନିକୁ ମଧ୍ୟ ତ୍ୱରାନ୍ୱିତ କରିବାକୁ ହେବ ଏବଂ ନୂତନ ଉତ୍ପାଦ ପାଇଁ ନୂତନ ବଜାର ସୃଷ୍ଟି କରିବାକୁ ମଧ୍ୟ କାର୍ଯ୍ୟ କରିବାକୁ ହେବ। ବିଦେଶରେ ଯେଉଁ ମିଶନ ଚାଲୁଛି ସେମାନେ ସ୍ୱାଧୀନତାର 75 ବର୍ଷ ଅବସରରେ ରପ୍ତାନୀ ଲାଗି ପାଞ୍ଚଟି ନୂତନ ଗନ୍ତବ୍ୟସ୍ଥଳ ଯୋଡ଼ିବାକୁ କାର୍ଯ୍ୟ କରିବା ଉଚିତ୍।

ବର୍ଷ ପାଇଁ ଏକ ରୂପରେଖ ଏବଂ ସଂକଳ୍ପ ଉପସ୍ଥାପନ କରିବା। ଆହୁରି ମଧ୍ୟ, ଯେତେବେଳେ ଦେଶ 2047ରେ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରୁଛି, ସେତେବେଳେ ବିଶ୍ୱରେ ଭାରତର ସ୍ଥାନ କ'ଣ ହେବ, ଏହା ଭାରତକୁ କେତେ ଦୂର ନେଇଯିବ ତାହାର ପ୍ରେରଣା ସାଜିଛି ଏହି ଅମୃତ ମହୋତ୍ସବ। ଅମୃତ ମହୋତ୍ସବ ଏକ ପୃଷ୍ଠଭୂମି ପ୍ରସ୍ତୁତ କରୁଛି ଏବଂ ସେହି ପୃଷ୍ଠଭୂମି ଆଧାରରେ ଏହି 75 ବର୍ଷର ପର୍ବ ଭାରତ ସ୍ୱାଧୀନତାର ଶତବାର୍ଷିକୀ ପାଳନ ପାଇଁ ମାର୍ଗ ଦେଖାଇବା ସହ ପ୍ରେରଣାଏବଂ ପ୍ରୟାସର ଉତ୍ସାହ ସୃଷ୍ଟି କରିବା ଦିଗରେ ସହାୟକ ହେବ।

### ଆଜିର ବିକାଶ, ଆସନ୍ତା କାଲିର ଐତିହ୍ୟ

ଭାରତର ଇତିହାସ ସମୟ ଭଳି ପ୍ରାଚୀନ, ସୂର୍ଯ୍ୟ ପରି ଉଜ୍ଜ୍ୱଳ ଏବଂ ଆକାଶ ପରି ବିସ୍ତୃତ। ଜ୍ଞାନ, ବିଜ୍ଞାନ ଏବଂ ସମୃଦ୍ଧିରେ ସୁସଜ୍ଜିତ, ଶୌର୍ଯ୍ୟ, ଆଧ୍ୟାତ୍ମ୍ୟ ଏବଂ କଳାକୃତୀରେ ନୈପୂଣ୍ୟ ତଥା ଗୌରବଶାଳୀ ଭାରତକୁ ଯେତେବେଳେ ଇଂରେଜମାନେ ବେଡ଼ି ପିନ୍ଧାଇଲେ, ତେତେବେଳେ ଦେଶ ମାତୃକା ପାଇଁ ଜୀଉଁଥିବା ପାଗଳ ଦେଶପ୍ରେମୀମାନେ ସ୍ୱାଧୀନତାର ବହ୍ନି ଜଳାଇଲେ। ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଅନନ୍ୟ ସତ୍ୟାଗ୍ରହ ଆରମ୍ଭ କରିଲେ। ଅଗଣିତ ବଳିଦାନ ପରେ ଇଂରେଜମାନେ ଏ ଦେଶ ଛାଡ଼ିବାକୁ ବାଧ୍ୟ ହେଲେ। ଏହାପରେ ଆରମ୍ଭ ହେଲା ଭାରତର ଏକତ୍ରୀକରଣ ପର୍ବ। ଲୌହମାନବ ଭାବେ ପରିଚିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ଭାରତକୁ ଏକତ୍ର କରିଲେ। ଦିନ ଥିଲା ଯେତେବେଳେ ଇଂରେଜମାନେ ଆମ ଦେଶକୁ ସାପୁଆ କେଳାଙ୍କ ଦେଶ ବୋଲି କହୁଥିଲେ ଆଜି କିନ୍ତୁ ଏହି ଦେଶ ବିଜ୍ଞାନକୁ ନିଜ ବଶ କରି ଚନ୍ଦ୍ର ପୃଷ୍ଠରେ ପହଞ୍ଚିପାରିଛି। ମେକ୍ ଇନ୍ ଇଣ୍ଡିଆ ଅଭିଯାନ ବିଶ୍ୱରେ ଭାରତର ଟେକ ରଖିଛି। ଆଜି ପ୍ରତି ଘରେ ବିଜୁଳି ପହଞ୍ଚିଛି। ପ୍ରତ୍ୟେକ ହାତରେ ମୋବାଇଲ୍ ଫୋନ୍, ପ୍ରତ୍ୟେକ ପକେଟରେ ଡିଜିଟାଲ୍ ପରିଚୟ, ପ୍ରତ୍ୟେକ ଆକାଉଣ୍ଟରେ ପ୍ରତ୍ୟକ୍ଷ ଲାଭ, ପ୍ରତ୍ୟେକ ରୋଷେଇ ଘରେ ସ୍ୱଚ୍ଛ ଇନ୍ଧନ ଏବଂ ପ୍ରତ୍ୟେକ ଘରେ ଶୌଚାଳୟ ସୁବିଧା ସମ୍ମାନର ଜୀବନ ପ୍ରଦାନ କରୁଛି। ସ୍ୱଚ୍ଛତା ଏବଂ ଯୋଗ ନୂଆ ଭାରତର ସଂସ୍କାର ପାଲଟିଛି। ବସୁଧୈବ କୁଟୁମ୍ବକମ୍ ଭାବନା ଦ୍ୱାରା ସାରା ବିଶ୍ୱ ଏକତ୍ୱ ଭାବନାରେ ଆମ ପରିବାର ହୋଇପାରିଛି। ବ୍ରିଟିଶମାନେ କହିଥିଲେ ଯେ ଆମେ ଚାଲିଯିବା ପରେ ଭାରତ ଭାଙ୍ଗିଯିବ, କିନ୍ତୁ ବୋଧହୁଏ ସେ ଭାବି ନଥିଲେ ଯେ ଭାରତ ଏକଦା ବିଶ୍ୱର ବୃହତ୍ତମ ଏବଂ ସକ୍ରିୟ ଗଣତନ୍ତ୍ରିକ ଦେଶ ଭାବେ ମୁଣ୍ଡ ଟେକିବ। ଆଜି ଭାରତ

**ବିଶ୍ୱପାଇଁ ଏକବିଂଶ ଶତାବ୍ଦୀ ହେଉଛି ଭାରତର ଶତାବ୍ଦୀ। ଆମେ କ୍ରମାଗତ ଭାବରେ ଏହା ଶୁଣିଆସୁଛୁ। ବିଶ୍ୱସ୍ତରରେ ଲୋକେ ଏହା କହୁଛନ୍ତି, କିନ୍ତୁ ଯଦି ମୁଁ ଭାରତ ବିଷୟରେ କହିବି, ତେବେଏହା କହିବି ଯେ ଏହି ଶତାବ୍ଦୀ ଭାରତ ପାଇଁ କର୍ତ୍ତବ୍ୟର ଶତାବ୍ଦୀ ଅଟେ। ଆସନ୍ତା 25 ବର୍ଷରେ ଏହି ଶତାବ୍ଦୀରେ ଆମକୁ ନୂତନ ଭାରତର ସୁବର୍ଣ୍ଣ ଲକ୍ଷ୍ୟରେ ପହଞ୍ଚିବାକୁ ପଡ଼ିବ। ଆମର କର୍ତ୍ତବ୍ୟ ଆମକୁ ଏହି ଲକ୍ଷ୍ୟଆଡ଼କୁ ନେଇଯିବ। ତେଣୁ, ଏହି 25 ବର୍ଷ ଦେଶ ପାଇଁ କର୍ତ୍ତବ୍ୟ ପଥରେ ଚାଲିବାର ବର୍ଷ। ଏହି 25 ବର୍ଷ ହେଉଛି କର୍ତ୍ତବ୍ୟ ଭାବନାରେ ସ୍ୱୟଂକୁ ଉତ୍ସର୍ଗ କରିବାର ସମୟ।**

**- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ଅଖଣ୍ଡ ଏବଂ ସବୁଠାରୁ ଦ୍ରୁତଗତିରେ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ଭାବେ ପରିଚିତ। ଆତ୍ମନିର୍ଭର ଭାରତ କୌଣସି ପ୍ରକାରେ ଶବ୍ଦ ନୁହେଁ, ଏହା 130 କୋଟି ଦେଶବାସୀଙ୍କ ମନ୍ତ୍ର ପାଲଟିଛି।

ଜନ୍ମ ପ୍ରମାଣପତ୍ର ପାଇବା, ବିଲ୍ ଦାଖଲ କରିବା, ରାସନ ପାଇବା, ନାମଲେଖା, ଫଳାଫଳ ଏବଂ ପ୍ରମାଣପତ୍ର ପାଇବା ପାଇଁ ଦେଶରେ କେବଳ 8-10 ବର୍ଷ ପୂର୍ବେ ବ୍ୟାଙ୍କ ହେଉ ବା ସରକାରୀ ଅଫିସରେ ଘଣ୍ଟା ଘଣ୍ଟା ଧରି ଲୋକଙ୍କୁ ଧାଡ଼ିରେ ଠିଆ ହେବାକୁ ପଡୁଥିଲା। କିନ୍ତୁ ଆଜି ସବୁକିଛିର ସମାଧାନ ହୋଇଛି। ଟେକ୍ନୋଲୋଜି ମାଧ୍ୟମରେ ଜୀବନରେ ସହଜ ଆସିଛି। ଏସବୁ ସବୁଧାପାଇଁ ଅନଲାଇନ୍ ବ୍ୟବସ୍ଥା ଆପଣା ଯାଇଛି। ଆଜି, ଜନ୍ମ ପ୍ରମାଣପତ୍ର ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରୁଥିବା ଜୀବନ ପ୍ରମାଣପତ୍ର ପର୍ଯ୍ୟନ୍ତ ଅଧିକାଂଶ ସରକାରୀ ସେବା ଡିଜିଟାଲ୍ ହୋଇପାରିଛି। ଆଜି ଭାରତରେ ଡିଜିଟାଲ



## ଏଥିରେ 75 ନୂତନ ଉତ୍ପାଦ ଯୋଡ଼ନ୍ତୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ପ୍ରବାସୀ ଭାରତୀୟମାନେ ରାଜ୍ୟ ଅନୁସାରେ ଗୋଷ୍ଠୀ କରି ସେହି ରାଜ୍ୟରୁ ରପ୍ତାନୀ ବଢ଼ାଇବା ଲାଗି ଭର୍ଚୁଆଲ୍ ସମିଟ୍ କରନ୍ତୁ। ଏଥିରେ ନିଷ୍ପତ୍ତି ନିଆଯିବା ଉଚିତ ଯେ ପ୍ରତ୍ୟେକ ରାଜ୍ୟର 5 କିମ୍ବା 10 ଟି ସର୍ବୋଚ୍ଚ ପ୍ରାଥମିକତା ଜିନିଷକୁ ଅତି କମରେ 75 ଟି ଦେଶକୁ ରପ୍ତାନି କରାଯିବ। ସ୍ୱାଧୀନତାର 75 ବର୍ଷରେ ବିଶ୍ୱରେ ପହଞ୍ଚିବା ପାଇଁ ଆସନ୍ତୁ ନୂତନ ଉପାୟ ଅବଲମ୍ବନ କରିବା।

## ସଖୀ ଭଉଣୀ ଏବଂ 75 ଘଣ୍ଟା

ଆତ୍ମନିର୍ଭର ନାରୀଶକ୍ତିଙ୍କ ସହ ଏକ ଆଲୋଚନାରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆପଣ ନିଜ ଗ୍ରାମରେ ନିଷ୍ପତ୍ତି ନେଇପାରିବେ ଯେ ଏହା ସ୍ୱାଧୀନତାର 75 ବର୍ଷ, ଆମେ ବର୍ଷକୁ ଅତି କମରେ 75 ଘଣ୍ଟା ପାଇଁ ଗାଁରେ କିଛି ପରିମଳ କାର୍ଯ୍ୟ କରିବୁ। ଏହି 15 ଅଗଷ୍ଟରୁ ଆସନ୍ତା ବର୍ଷ 15 ଅଗଷ୍ଟ ପର୍ଯ୍ୟନ୍ତ ସାଖୀ ମଣ୍ଡଳର ସମସ୍ତ ଭଉଣୀମାନେ ଏପରି ନିଷ୍ପତ୍ତି ନେଇପାରିବେ। ଜଣେ ଜଳ ସଂରକ୍ଷଣ କାର୍ଯ୍ୟ କରିପାରିବେ, ତାଙ୍କ ଗାଁର କୂଅ, ପୋଖରୀ ମରାମତି କରିପାରିବେ, ସେଗୁଡ଼ିକର ପୁନରୁଦ୍ଧାର ପାଇଁ ଏକ ଅଭିଯାନ ମଧ୍ୟ କରିପାରିବେ।





## ଖେଳଣାରେ ସ୍ୱାଧୀନତାର କାହାଣୀ

24 ଜୁନ୍ 2021 ରେ ଟୟକାଥନ୍ କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଅମୃତ ମହୋତ୍ସବରେ ଖେଳ ଏବଂ ଖେଳଣା କ୍ଷେତ୍ରରେ ନୂତନତ୍ୱ ଆହ୍ୱାନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ, ବିପ୍ଳବୀଙ୍କ ସାହସିକତା, ନେତୃତ୍ୱର ଘଟଣା ସହିତ ଜଡ଼ିତ କାହାଣୀଗୁଡ଼ିକ ଖେଳ ଆକାରରେ ପ୍ରସ୍ତୁତ ହେବା ଉଚିତ୍।

## 75 ଟି ଘଟଣା ଖୋଜିବା ପାଇଁ ଟାସ୍କ

ଛାତ୍ରମାନଙ୍କ ସହ କଥାବାର୍ତ୍ତା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସ୍ୱାଧୀନତାର 75 ବର୍ଷ ଅବସରରେ ଛାତ୍ରମାନେ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ମଧ୍ୟ ଜାଣିବା ଉଚିତ୍। ଏଥିପାଇଁ ଦେଶ ଏକ ଅଭିଯାନ ଆରମ୍ଭ କରିଛି ଏବଂ ଆପଣଙ୍କୁ ଏହି ଅଭିଯାନରେ ଯୋଗ ଦେବାକୁ ପଡିବ। ଛାତ୍ରମାନେ ନିଜ ରାଜ୍ୟର ସ୍ୱାଧୀନତା ସଂଗ୍ରାମ ସହିତ ଜଡ଼ିତ 75 ଟି ଘଟଣାକୁ ଖୋଜି ବାହାର କରନ୍ତୁ। ଏହା କୌଣସି ବ୍ୟକ୍ତିଙ୍କ ସମ୍ପର୍କରେ ହୋଇପାରେ, କୌଣସି କ୍ରାନ୍ତିକାରୀଙ୍କ ସହ ଜଡ଼ିତ ହୋଇପାରେ। ଏହି ଘଟଣାଗୁଡ଼ିକୁ ନିଜ ମାତୃଭାଷାରେ ବିସ୍ତୃତ ଭାବରେ ଲେଖନ୍ତୁ। ଏହା ବ୍ୟତୀତ, ଯଦି ଆପଣ ହିନ୍ଦୀ-ଇଂରାଜୀରେ ଲେଖିପାରିବେ, ଏହା ମଧ୍ୟ ଆହୁରି ଭଲ ହେବ।




## 75 ଟି ଜିଲ୍ଲାର 75 ରୁ ଅଧିକ ଜନଔଷଧି କେନ୍ଦ୍ର

ସ୍ୱାଧୀନତାର 75 ବର୍ଷର ଗୁରୁତ୍ୱପୂର୍ଣ୍ଣ ଅବସରରେ ଦେଶର ଅତି କମରେ 75 ଟି ଜିଲ୍ଲା ହେବ ଯେଉଁଠାରେ 75 ରୁ ଅଧିକ ଜନଔଷଧି କେନ୍ଦ୍ର ରହିଥିବ।

ଶାସନ ପାଇଁ ଉତ୍କୃଷ୍ଟ ଭିତ୍ତିଭୂମି ରହିଛି। ଜନ ଧନ-ମୋବାଇଲ୍ ଏବଂ ଆଧାର (ଜାମ ଟ୍ରିନିଟି) ତ୍ରିଶକ୍ତି କାରଣରୁ ଦେଶର ଗରିବ ଏବଂ ମଧ୍ୟବିତ୍ତମାନେ ଅଧିକ ଉପକୃତ ହୋଇଛନ୍ତି। ଶିଳ୍ପ 4.0 ପାଇଁ ଆବଶ୍ୟକ କୌଶଳ ପ୍ରସ୍ତୁତି ପାଇଁ ଆଜି ସ୍କୁଲସ୍ତରରୁ ଭବିଷ୍ୟତଙ୍କୁ ପ୍ରସ୍ତୁତ କରାଯାଉଛି। ଆଜି ପ୍ରାୟ 75 ହଜାରରୁ ଅଧିକ ଛାତ୍ର ପ୍ରାୟ 10 ହଜାର ଅଟଳ ଟିଙ୍କରିଂ ଲ୍ୟାବରେ ନବସୃଜନ ବିସ୍ତାର କରୁଛନ୍ତି। ନୂତନ ଜାତୀୟ ଶିକ୍ଷା ନୀତିରେ ଟେକ୍ନୋଲୋଜିକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଦେଶରେ ଅଟଳ ଇନକ୍ୟୁବେସନ ସେଣ୍ଟରର ଏକ ବିଶାଳ ନେଟୱାର୍କ ସୃଷ୍ଟି ହେଉଛି। ସେହିଭଳି ପିଏମ ଗ୍ରାମୀଣ ଡିଜିଟାଲ୍ ସାଧର ଅଭିଯାନ ବା ପିଏମ୍-ଦିଶା ଦେଶରେ ଡିଜିଟାଲ୍ ସଶକ୍ତିକରଣକୁ ଉତ୍ସାହିତ କରୁଛନ୍ତି।

ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସମାଜର ଅନନ୍ୟ ଅବଦାନକୁ ନେଇ ଅମୃତ ମହୋତ୍ସବରେ ଅଗଣିତ ଉଦ୍ୟମ କରାଯାଇଛି। ସ୍ୱାଧୀନତା ପରେ ପ୍ରଥମଥର ପାଇଁ ଦେଶରେ ଆଦିବାସୀଙ୍କ ଗୌରବ ଏବଂ ଐତିହ୍ୟ ପ୍ରଦର୍ଶନ ପାଇଁ ଆଦିବାସୀ ସଂଗ୍ରହାଳୟ ଗଠନ କରାଯାଇଛି। ଗତ ବର୍ଷ ନଭେମ୍ବର 15 ରେ ବିର୍ସା ମୁଣ୍ଡା ଜୟନ୍ତୀଙ୍କୁ 'ଜାତୀୟ ଆଦିବାସୀ ଗର୍ବ ଦିବସ' ଭାବରେ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ନିଜେ ଦେଶବାସୀଙ୍କୁ ଅନୁପ୍ରାଣୀତ କରିଛନ୍ତି। ସ୍ୱାଧୀନତାର ଅମୃତ ବର୍ଷରେ, ଦେଶର ପ୍ରତ୍ୟେକ ବ୍ୟକ୍ତି 75 ବର୍ଷର ସଫଳତା ସହିତ ଜଡ଼ିତ ହେବାର ସୌଭାଗ୍ୟ ପାଇଛନ୍ତି। ଗତ କିଛିବର୍ଷ ମଧ୍ୟରେ ଭାରତରେ ଆସିଥିବା ବୈପ୍ଳବିକ ପରିବର୍ତ୍ତନ ଭାରତକୁ ବିଶ୍ୱ ପ୍ଲାଟଫର୍ମରେ ଆଗୁଆ ରଖିବାରେ ସଫଳ ହୋଇଛି। ସବ୍‌କା ପ୍ରୟାସ ମନ୍ତ୍ରଦ୍ୱାରା ବିକାଶର ପ୍ରତିଟି କ୍ଷେତ୍ରରେ ରେକର୍ଡ଼ ହାସଲ କରୁଛି ଭାରତ। ଏହା ମଧ୍ୟ ଇତିହାସ ଏବଂ ସଂସ୍କୃତିର ସଂରକ୍ଷଣ ତଥା ପ୍ରସାର କରିବାରେ ସଫଳତା ହାସଲ କରିଛି। କିନ୍ତୁ ଏସବୁ ସଫଳତାକୁ ରାଷ୍ଟ୍ରର ଲକ୍ଷ୍ୟ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ, ବରଂ ଲକ୍ଷ୍ୟ ହାସଲ ଦିଗରେ ଗୋଟିଏ ଗୋଟିଏ ମାଇଲ୍ ଷ୍ଟୋନ୍ କୁହାଯାଇପାରେ। ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅମୃତ କାଳ ଭାବରେ ସ୍ୱାଧୀନତାର ଶତବାର୍ଷିକୀ ପର୍ଯ୍ୟନ୍ତ ଅର୍ଥାତ୍ 25 ବର୍ଷ ସମୟକୁ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାସହ ଦେଶର ଲୋକଙ୍କୁ ଆହ୍ୱାନ ଦେଇଛନ୍ତି ଯେ, ସ୍ୱାଧୀନତାର ଅମୃତ ମହୋତ୍ସବ ବର୍ଷରେ ଆମେ ବ୍ୟକ୍ତିଗତ ଭାବେ ମଧ୍ୟ କିଛି ନା କିଛି ସଂକଳ୍ପ ନେବା ଉଚିତ, ଯାହା ଭାରତକୁ ଆଗକୁ ବଢ଼ାଇବ। ଗ୍ରାମ ପଞ୍ଚାୟତଠାରୁ ସଂସଦ ଏବଂ ସରକାରଙ୍କ ପ୍ରତ୍ୟେକ

ବିଭାଗ ଏକ ଲକ୍ଷ୍ୟ ସ୍ଥିର କରିବା ଉଚିତ ଏବଂ ଏକ ସଂକଳ୍ପ ନେବା ଉଚିତ ଯାହା ଦେଶକୁ ଆଗକୁ ନେଇଯିବ। ଏହା ହେଉଛି ସଂକଳ୍ପ ଗ୍ରହଣ କରିବାର ବର୍ଷ ଏବଂ ଏହି 25 ବର୍ଷର ଅମୃତକାଳ ହେଉଛି ଏହି ସଂକଳ୍ପଗୁଡିକ ପୂରଣ କରିବାର ସମୟ। ଆସନ୍ତା 25 ବର୍ଷ ମଧ୍ୟରେ ଦୀର୍ଘମିଆଦୀ ଚିନ୍ତାଧାରା ସହିତ ଭାରତ ହୃଦୟଙ୍ଗମ କରିବାକୁ ଯାଉଛି, ଏହା ଶତାବ୍ଦୀର ଉତ୍ତରାଧିକାରୀ ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚିନ୍ତାଧାରା ଅତ୍ୟନ୍ତ ସ୍ପଷ୍ଟ ଯେ ଆଜିର ଭାରତର ବିକାଶ ଯାତ୍ରା ଆସନ୍ତାକାଲିର ଭାରତ ପାଇଁ ଏକ ଗୌରବମୟ ତଥା ସମୃଦ୍ଧ ଐତିହ୍ୟ ହେବ।

## ସବ୍‌କା ପ୍ରୟାସ ଏବଂ ସ୍ୱର୍ଣ୍ଣିମ ଭାରତ ଦିଗରେ ପଦକ୍ଷେପ

ଆଜିର ଭାରତ - ଏମିତି ଘଟେ, ଘଟୁଛି, ଘଟୁଥିବ ମାନସିକତାରୁ ଅନେକ ଉର୍ଦ୍ଧ୍ୱକୁ ଉଠି ସାରିଛି। ଆଜି ଭାରତ ଆଇଟି-ଡିଜିଟାଲ ଟେକ୍ନୋଲୋଜିରେ ପରିଚୟ ସୃଷ୍ଟି କରିଛି। ଇଣ୍ଟରନେଟ୍ ତଥା ଡାଟା ବ୍ୟବହାରରେ ଏକ ରେକର୍ଡ ସୃଷ୍ଟି କରୁଛି, ସାରା ବିଶ୍ୱରେ ହେଉଥିବା ଡିଜିଟାଲ୍ କାରବାର ମଧ୍ୟରୁ 40 ପ୍ରତିଶତ କେବଳ ଭାରତରେ ଘଟୁଛି। ଏକବିଂଶ ଶତାବ୍ଦୀର ନୂତନ ଭାରତରେ ଲୋକମାନେ ଯେଉଁଭଳି ନୂତନ ଟେକ୍ନୋଲୋଜି ଗ୍ରହଣ କରୁଛନ୍ତି, ତାହା କାହାକୁ ଆଶ୍ଚର୍ଯ୍ୟ କରିବା କିଛି ନୂଆ କଥା ନୁହେଁ। ଗତ କିଛି ବର୍ଷ ମଧ୍ୟରେ ବିକାଶର ଯାତ୍ରା ଭାରତକୁ ଏକ ନୂତନ ପରିଚୟ ଦେଇଛି। ଆଜିର ଭାରତର ପରିଚୟ ହେଉଛି - କରିବା, କରିବାକୁ ପଡ଼ିବ ଏବଂ ଠିକ୍ ସମୟରେ କରିବାକୁ ହେବ। ଏହି ସଂକଳ୍ପକୁ ଆଧାର କରି ହିନ୍ଦୁସ୍ତାନ ଚାଲିଛି। ପ୍ରଗତି ଓ ବିକାଶ ପାଇଁ ଭାରତ ଆଜି ଅଧୀର,ସ୍ୱପ୍ନ ସାକାର ପାଇଁ ଅଧୀର, ସଂକଳ୍ପକୁ ସିଦ୍ଧ କରିବା ଲାଗି ଭାରତ ଆଜି ବ୍ୟସ୍ତ। ଭାରତ ଆଜି ନିଜ ଶକ୍ତି ଉପରେ ବିଶ୍ୱାସ କରେ, ନିଜ ଉପରେ ବିଶ୍ୱାସ କରୁଛି। ଭାରତ 2016 ରେ ନିଷ୍ପତ୍ତି ନେଇଥିଲା ଯେ 2030 ସୁଦ୍ଧା ମୋଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର 40 ପ୍ରତିଶତ ଅଣ ଜୀବାଶ୍ମ ଇନ୍ଧନ ଉତ୍ସରୁ ଉତ୍ପାଦନ କରିବ। 8 ବର୍ଷ ପୂର୍ବରୁ ଭାରତ ଏହି ଧାର୍ଯ୍ୟ ହାସଲ କରିପାରିଛି। ପେଟ୍ରୋଲରେ 10 ପ୍ରତିଶତ ଇଥାନଲ ମିଶ୍ରଣର ଲକ୍ଷ୍ୟ ମଧ୍ୟ ନିର୍ଦ୍ଧାରିତ ସମୟର ପାଞ୍ଚ ମାସ ପୂର୍ବରୁ ହାସଲ ହୋଇପାରିଛି। କୋଭିଡ ପରି ବିପର୍ଯ୍ୟୟର ମୁକାବିଲା କରିବା ଏବଂ ଟିକାକରଣ କ୍ଷେତ୍ରରେ 200 କୋଟି ଡୋଜ ପ୍ରଦାନ କରିବା ନିଶ୍ଚିତ ଭାବେ ଅନ୍ୟ ପାଇଁ ଆଶ୍ଚର୍ଯ୍ୟର ବିଷୟ। ମେଡ୍ ଇନ୍ ଇଣ୍ଡିଆ ଭ୍ୟାକ୍ସିନ୍ ଦ୍ୱାରା ଭାରତ ତଥା



## 75 ମହାପୁରୁଷ -75 ସ୍ଥାନ

ସ୍ୱାଧୀନତା ଆନ୍ଦୋଳନ ସହିତ ଜଡ଼ିତ 75 ଜଣ ମହାପୁରୁଷଙ୍କ ତାଲିକା ପ୍ରସ୍ତୁତ କରନ୍ତୁ, ସେମାନଙ୍କର ବେଶଭୂଷା ଜାଣନ୍ତୁ, ସେମାନଙ୍କର ପ୍ରତ୍ୟେକ ବାକ୍ୟ କୁହନ୍ତୁ, ତାକୁ ନେଇ ପ୍ରତିଯୋଗିତା କରନ୍ତୁ, ବିଦ୍ୟାଳୟରେ ଭାରତର ମାନଚିତ୍ରରେ ସ୍ୱାଧୀନତା ଆନ୍ଦୋଳନ ସହିତ ଜଡ଼ିତ 75 ସ୍ଥାନ ଚିହ୍ନଟ କରନ୍ତୁ, ପିଲାମାନଙ୍କୁ ଏହିପରି ପ୍ରଶ୍ନ ପଚାରନ୍ତୁ – ବାର୍‌ଡୋଲି କେଉଁଠି, ଚମ୍ପାରଣ କେଉଁଠୁ ଆସିଲା?

## 75 ଘଟଣାର ଆଇନଗତ ଯୁଦ୍ଧ

ଆଇନ ପଢ଼ାଉଥିବା ସ୍କୁଲ, କଲେଜଗୁଡିକ 75 ଟି ଘଟଣା ଖୋଜନ୍ତୁ, ଯେଉଁଥିରେ ସ୍ୱାଧୀନତା ସଂଗ୍ରାମ ସମୟରେ ହୋଇଥିବା ଆଇନଗତ ଯୁଦ୍ଧ ବାବଦରେ ବର୍ଣ୍ଣନା ଥିବ। ଯେଉଁମାନେ ସେତେବେଳେ ବ୍ରିଟିଶ ଶାସନ ବିରୁଦ୍ଧରେ ଆଇନଗତ ଲଢ଼େଇ କରୁଥିଲେ ସେମାନେ କିଏ? ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବଞ୍ଚାଇବା ସେମାନେ କିପରି ପ୍ରୟାସ କରୁଥିଲା? ବ୍ରିଟିଶ ଶାସନର ନ୍ୟାୟପାଳିକାର ମନୋଭାବ କ'ଣ ଥିଲା? ଆପଣ ଏହା ଉପରେ ଏକ ନାଟକ ମଧ୍ୟ ଲେଖିପାରିବେ। ଫାଇନ୍ ଆର୍ଟସ ଛାତ୍ରମାନେ ସେହି ଘଟଣାଗୁଡ଼ିକ ଉପରେ ଚିତ୍ର ଆଙ୍କନ୍ତୁ, ଗୀତ ଲେଖନ୍ତୁ, ସେହି କବିତା ଲେଖନ୍ତୁ। ଏସବୁ ପ୍ରଥମରୁ ହାତଲେଖା ହେଉ ପରେ ଏହାକୁ ଡିଜିଟାଲ୍ ରୂପ ଦିଆଯିବ। ଏହା ଏପରି ହେବା ଉଚିତ ଯେପରି ପରବର୍ତ୍ତୀ ସମୟରେ ଏହି ପ୍ରୟାସ ସେହି ବିଦ୍ୟାଳୟ-ମହାବିଦ୍ୟାଳୟର ଐତିହ୍ୟ ହୋଇଯାଏ। ଏହା ଏକ ସଂପୂର୍ଣ୍ଣ ଆଦର୍ଶଗତ ପ୍ରତିଷ୍ଠା ସୃଷ୍ଟି କରିବ। ପରେ ଏହା ଉପରେ ଜିଲ୍ଲାସ୍ତରୀୟ, ରାଜ୍ୟବ୍ୟାପୀ, ଦେଶବ୍ୟାପୀ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇପାରିବ।





## 75 ଅମୃତ ସରୋବର

ସ୍ୱାଧୀନତାର ଅମୃତ ମହୋତ୍ସବ ସ୍ମୃତିରେ ଭବିଷ୍ୟତ ପିଢ଼ିକୁ କିଛି ଦେବାର ସଂକଳ୍ପରେ ପ୍ରତ୍ୟେକ ଜିଲ୍ଲାରେ 75 ଲେଖାଏଁ ଅମୃତ ସରୋବର ନିର୍ମାଣ କରାଯାଉଛି। ପ୍ରତ୍ୟେକ ଜିଲ୍ଲାରେଏହି ସରୋବର ନୂଆ ହେଉ, ବଡ଼ ଆକାରର ହେଉ ସେଥିଲାଗି ଜିଲ୍ଲା ପ୍ରଶାସନ ଏମ୍‌ଜି ,ନ୍‌ଆର୍‌ଇଜିଏ ଟଙ୍କା ବ୍ୟବହାର କରିପାରିବ। ସ୍ୱାଧୀନତାର ଅମୃତ ମହୋତ୍ସବ ସମୟରେ ପ୍ରତ୍ୟେକ ଜିଲ୍ଲାରେ 75 ଅମୃତ ସରୋଭାର ନିର୍ମାଣ ଆଗାମୀ ପିଢ଼ି ପାଇଁ ଅତ୍ୟନ୍ତ ଉପଯୋଗୀ ହେବ। ଆମ ମା' ପୃଥିବୀ ଏଥିରୁ ବହୁତ ଲାଭ ପାଇବ। ଆମେ ନିଜ ସ୍ୱାର୍ଥ ଲାଗି ଏହି ଧରଣୀରୁ ଅନେକ ପାଣି ଶୋଷିଛୁ। ଏହାଫଳରେ ପୃଥିବୀ ମାତା ଏବେ ଶୋଷିଲା ହୋଇଛି। ଆମର କର୍ତ୍ତବ୍ୟ ହେଉଛି ଆମେ ପୃଥିବୀ ମାତାର ଶୋଷ ଦୂର କରିବା। ଆଉ ଏଥିଲାଗି ଅମୃତ ସରୋବର ଯୋଜନା ବିଶେଷ ଫଳପ୍ରଦ ହେବ। ଏହା କ୍ଷୁଦ୍ର ଚାଷୀଙ୍କୁ ଉପକୃତ କରିବ, ମହିଳାମାନେ ଉପକୃତ ହେବେ, କେବଳ ଏତିକି ନୁହେଁ, ଏହା ଏକ ଦୟାଳୁ କାର୍ଯ୍ୟ ହେବ, ଏହା ପଶୁ ଏବଂ ପକ୍ଷୀମାନଙ୍କ ପାଇଁ ମଧ ବହୁତ ସହାୟକ ହେବ। ଅର୍ଥାତ୍ , ପ୍ରତ୍ୟେକ ଜିଲ୍ଲାରେ 75 ଅମୃତ ସରୋବର ହ୍ରଦ ସୃଷ୍ଟି କରିବା ମାନବିକତାର ରକ୍ଷା ପାଇଁ ଏକ ବଡ଼ କାର୍ଯ୍ୟ ହେବ ଏବଂ ଆମକୁ ଏହା କରିବାକୁ ହେବ।

## 75 ଗୋବର୍ଦ୍ଧନ ବାୟୋ ସିଏନ୍‌ଜି ପ୍ଲାଣ୍ଟ

ଆସନ୍ତା ଦୁଇ ବର୍ଷ ମଧ୍ୟରେ ଦେଶର 75 ଟି ବଡ଼ ପୌରସଂସ୍ଥାରେ ଗୋବର୍ଦ୍ଧନ ବାୟୋ ସିଏନଜି ପ୍ଲାଣ୍ଟ ସ୍ଥାପନ ଉପରେ କାର୍ଯ୍ୟ ଚାଲିଛି। ଏହି ଅଭିଯାନ ଭାରତର ସହରଗୁଡ଼ିକୁ ସ୍ୱଚ୍ଛ, ପ୍ରଦୂଷଣମୁକ୍ତ, ସ୍ୱଚ୍ଛ ଶକ୍ତି ସୃଷ୍ଟି ଦିଗରେ ଅନେକ ସାହାଯ୍ୟ କରିବ।



**ସ୍ୱାଧୀନତାର 100 ବର୍ଷରେ ଯଦି ଆମେ ଭାରତକୁ ଏକ ନୂତନ ଶିଖର ଦେବା ଲାଗି ଚାହୁଁ, ତେବେ ଏଥିପାଇଁ କଠିନ ପରିଶ୍ରମ କରିବାକୁ ପଡିବ ... ଏବଂ ଏହି କଠିନ ପରିଶ୍ରମ ପାଇଁ କୌଣସି ସର୍ଟକଟ ନଥାଏ।**

**- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ବିଶ୍ୱର କୋଟି କୋଟି ଲୋକଙ୍କ ଜୀବନ ରକ୍ଷା କରିଛି। କୋଭିଡ ସମୟରେ ଭାରତ ଗତ ଦୁଇ ବର୍ଷ ମଧ୍ୟରେ 80 କୋଟି ଗରିବ ଲୋକଙ୍କୁ ମାଗଣା ଖାଦ୍ୟ ଶସ୍ୟ ସୁନିଶ୍ଚିତ କରିଛି। ଆଜି ଭାରତରେ ପ୍ରତି ମାସରେ ହାରାହାରି 5000 ପେଟେଣ୍ଟ ଦାଖଲ କରାଯାଉଛି। ପ୍ରତି ମାସରେ ହାରାହାରି 500 ରୁ ଅଧିକ ଆଧୁନିକ ରେଳ କୋଚ ଉତ୍ପାଦନ କରାଯାଉଛି। ଆଜି ହାରାହାରି ଭାରତ 'ନଳରୁ ଜଳ' ଯୋଜନା ଅଧୀନରେ ପ୍ରତି ମାସରେ 18 ଲକ୍ଷ ପରିବାରକୁ ସଂଯୋଗ କରିପାରୁଛି।

ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନ ଏକ ଆଇଡିଆ ସ୍ତରରେ ଥିଲା, ଏକ ଶବ୍ଦ ଯାହା ଅଧିକାଂଶ ଲୋକ ଜାଣି ନ ଥିଲେ। କିନ୍ତୁ ଗତ କିଛିବର୍ଷର ଉଦ୍ୟମ ଯୋଗୁଁ ଆଜି ଭାରତ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ହୋଇପାରିଛି। କେବଳ ଏତିକି ନୁହେଁ, ଦେଶରେ ପ୍ରତି ଦଶ ଦିନରେ ଏକ ୟୁନିକର୍ନ ସୃଷ୍ଟି ହେଉଛି। ଭାରତ ଆଜି ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ୍ ଫୋନ୍ ଉତ୍ପାଦନକାରୀ। ଭାରତର ବାୟୋଟେକ୍ ଅର୍ଥନୀତି 8 ଗୁଣ ବୃଦ୍ଧି ପାଇ ଆଜି 6 ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ପ୍ରାକୃତିକ ଚାଷ ଭଳି ଶବ୍ଦଗୁଡ଼ିକ ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି, କିନ୍ତୁ ଭାରତରେ ଏହା ବାସ୍ତବ ରୂପ ନେଉଛି। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ବିଶ୍ୱ ଉଦ୍ୟମ ସହ ଭାରତ ତାଳ ଦେଉଛି ତାହା ନୁହେଁ, ବରଂ ଭାରତର ଯୁବକ ଇଲେକ୍ଟ୍ରିକ୍ ଯାନ, ଜଳବାୟୁ ପ୍ରଯୁକ୍ତି ବିଦ୍ୟାରେ ନିଜକୁ ବିନିଯୋଗ କରୁଛନ୍ତି। ପରିବେଶ ଅନୁକୂଳ ଆଚରଣ ଏବଂ

# ସ୍ୱାଧୀନତା ସଂଗ୍ରାମ: ବିସ୍ମୃତ ନାୟକଙ୍କ ବାବଦରେ ସୂଚନା ସଂଗ୍ରହ ଏବଂ ଭିଡିଆର ନିର୍ମାଣ

ଆମର ସ୍ୱାଧୀନତା ଆନ୍ଦୋଳନର ଅଜ୍ଞାତ ନାୟକମାନଙ୍କୁ ମନେ ପକାଇବା ଏବଂ ସେମାନଙ୍କ ବାବଦରେ ଯୁବକମାନଙ୍କୁ ସଚେତନ କରାଇବା ପାଇଁ ଏହା ଏକ ପ୍ରୟାସ। ଏମାନେ ସେହି ମହାନ ନାୟକ, ଯେଉଁମାନଙ୍କ ଅବଦାନ ସ୍ୱାଧୀନତା ଆନ୍ଦୋଳନରେ ଅତୁଳନୀୟ ରହିଥିଲା ହେଲେ ଆଜିର ପିଢ଼ି ସେମାନଙ୍କ ଅଜ୍ଞାତ ଥିଲା। ଡିଜିଟାଲ୍ ଜିଲ୍ଲା ସଂଗ୍ରହାଳୟ (DDR) ହେଉଛି ଲୋକ ଏବଂ ସ୍ଥାନଗୁଡିକର କାହାଣୀ ଖୋଜିବା ଏବଂ ଡକ୍ୟୁମେଣ୍ଟ୍ କରିବା ପାଇଁ ଏକ ପ୍ରୟାସ, ଯେଉଁମାନେ ସ୍ୱାଧୀନତା ସଂଗ୍ରାମକୁ ଦେଖିଥିଲେ ଏବଂ ସହାୟତା କରିଥିଲେ।





## ବନ୍ଦେ ଭାରତମ୍- ନୃତ୍ୟ ମହୋତ୍ସବ।

ସଂସ୍କୃତି ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ଜାତୀୟ ସ୍ତରରେ ଦୁଇମାସ ଧରି ପ୍ରତିଯୋଗିତା ଚଳାଇ 480 ନୃତ୍ୟଶିଳ୍ପୀ ଚୟନ କରିଥିଲେ, ଯେଉଁମାନେ ଗଣତନ୍ତ୍ର ଦିବସ 2022 ରେ ଉପସ୍ଥାପନ କରିଥିଲେ।

## ସ୍ୱାଧୀନତାର 75 ବର୍ଷରେ 'ପ୍ରତିଘରେ ତ୍ରିରଙ୍ଗା'

ସ୍ୱାଧୀନତାର 75 ବର୍ଷ ପୂରଣ ହେଉଥିବାରୁ ଦେଶର ପ୍ରତ୍ୟେକ ନାଗରିକଙ୍କ ମନରେ ଦେଶପ୍ରେମ ତଥା ଜାତୀୟ ଗୌରବ ଜାଗ୍ରତ କରିବା ପାଇଁ 'ପ୍ରତିଘରେ ତ୍ରିରଙ୍ଗା' ଅଭିଯାନ 11 ଅଗଷ୍ଟରୁ 17 ଅଗଷ୍ଟ 2022 ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ତାଙ୍କ ଦେଶପ୍ରେମର ଭାବନା ପ୍ରକାଶ କରିବାର ସୁଯୋଗ ପାଇବେ। ସରକାର ଅମୃତ ପର୍ବ ବର୍ଷର ଡିସେମ୍ବର 30, 2021 ଦିନ ଭାରତୀୟ ପତାକା ସଂହିତା, 2002 ରେ ସଂଶୋଧନ କରିଛନ୍ତି, ଯେଉଁଥିରେ ପଲିଷ୍ଟର ବା ମସିନ୍ ତିଆରି କପଡ଼ାରେ ରାଷ୍ଟ୍ରୀୟ ଧ୍ୱଜ ତିଆରି ପାଇଁ ଅନୁମତି ଦିଆଯାଇଛି।

## ଆନ୍ଦୋଳନ ଉପରେ ପଡ୍‌କାଷ୍ଟ ସିରିଜ୍

ଏହି ପଡ୍‌କାଷ୍ଟ ଶୃଙ୍ଖଳା ସେହି ବ୍ୟକ୍ତି ବା ଆନ୍ଦୋଳନ ବାବଦରେ ଉଲ୍ଲେଖ କରିଛି, ଯେଉଁମାନେ ଭାରତର ସ୍ୱାଧୀନତା ସଂଗ୍ରାମରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ସେଥିରୁ ଅନେକଙ୍କୁ ପାରମ୍ପରିକଭାବେ ଚଳି ଆସୁଥିବା ସ୍ୱାଧୀନତା ସଂଗ୍ରାମର କାହାଣୀରେ ଜାଗା ମିଳି ନଥିଲା।

## ସ୍ୱତନ୍ତ୍ର ସ୍ୱର

ଅନ୍ୟାୟ ବିରୁଦ୍ଧରେ ତଥାମନ ଓ ହୃଦୟରେ ଦେଶପ୍ରେମ ସୃଷ୍ଟି କରିବା ପାଇଁ ଲେଖାଯାଉଥିବା ଗୀତ ଓ କବିତା ଉପରେ ବ୍ରିଟିଶ ସରକାର ପ୍ରତିବନ୍ଧକ ଲଗାଇଥିଲେ। ଏହିପରି କବିତା ଏବଂ ଗୀତଗୁଡ଼ିକ https://amritmahotsav.nic.in/ swatantra-swar.htm ରେ ପଢ଼ିପାରିବେ।



## ଆତ୍ମନିର୍ଭର ଭାରତର ଲକ୍ଷ୍ୟ ପୂରଣ ହେବ

ଯେତେବେଳେ ଭାରତ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଅର୍ଥାତ୍ 100ତମ ସ୍ୱାଧୀନତା ଦିବସ ପାଳନ କରିବ, ସେତେବେଳେ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ପୂରଣ ହେବ। ଏଥିପାଇଁ ଅଟଳ ହୋଇ କାର୍ଯ୍ୟ କରିବାକୁ ପଡ଼ିବ। ଯେତେବେଳେ ଭାରତ ଆତ୍ମନିର୍ଭରଶୀଳ ହେବ, ଏହା ବିଶ୍ୱକୁ ଏକ ନୂଆ ଦିଗ ଦେଖାଇବ। ଭାରତର ସଫଳତା କେବଳ ଆମର ନୁହେଁ, ସମଗ୍ର ବିଶ୍ୱ, ସମଗ୍ର ମାନବିକତାକୁ ଭରସା ଦେବାକୁ ଯାଉଛି, ଆତ୍ମନିର୍ଭର ଆମର ବିକାଶ ଯାତ୍ରା ସମଗ୍ର ବିଶ୍ୱର ବିକାଶ ଯାତ୍ରାକୁ ଉତ୍ସାହିତ କରିବାକୁ ଯାଉଛି |

## ଶକ୍ତି କ୍ଷେତ୍ରରେ ଭାରତ ହେବ ଆତ୍ମନିର୍ଭରଶୀଳ

ସ୍ୱାଧୀନତାର 100 ବର୍ଷ ପୂରଣ ହେବା ପରେ ଭାରତ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବ, ଏହାର ସଡ଼କ ମାନଚିତ୍ରରେ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଦେଶରେ ବୈଦ୍ୟୁତିକ ଯାନ, ଗ୍ୟାସ ଭିତ୍ତିକ ଅର୍ଥନୀତି, ସିଏନ୍‌ଜି ଏବଂ ପିଏନ୍‌ଜିର ନେଟୱାର୍କ ବୃଦ୍ଧି, ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ପେଟ୍ରୋଲରେ 20 ପ୍ରତିଶତ ଇଥାନଲ ମିଶ୍ରଣ ହାସଲ କରିବା, 2030 ସୁଦ୍ଧା ରେଳବାଇର ଶତପ୍ରତିଶତ ବିଦ୍ୟୁତିକରଣ ସହିତ ଶୂନ କାର୍ବନ ନିର୍ଗମନ ହାସଲ କରିବା ଲକ୍ଷ୍ୟ ହେଉଛି ସେହି ଶୃଙ୍ଖଳାର ଅଂଶବିଶେଷ । ଅକ୍ଷୟ ଶକ୍ତି କ୍ଷେତ୍ରରେରେ ଭାରତ 450 ଗିଗାୱାଟ ଲକ୍ଷ୍ୟ ଧାର୍ଯ୍ୟ କରିଛି, ଯେଉଁଥିରୁ 100 ଗିଗାୱାଟ ସମୟ ପୂର୍ବରୁ ହାସଲ କରାଯାଇଛି। ୱାନ୍ ସନ୍-ୱାନ୍ ଗ୍ରୀଡ୍ ବିଚାର ସହିତ ଆନ୍ତର୍ଜାତୀୟ ସୌର ଆଲାଇନ୍ସରେ ଭାରତ ଏକ ଅଗ୍ରଣୀ ଦେଶ ହୋଇଛି। ସେହିଭଳି ଗ୍ରୀନ୍ ହାଇଡ୍ରୋଜେନ୍ ନ୍ୟାସନାଲ ମିଶନ୍ କେବଳ ଘୋଷଣା କରାଯାଇ ନାହିଁ ବରଂ ସେହି ଦିଗରେ କାର୍ଯ୍ୟ ନି ଆରମ୍ଭ ହୋଇସାରିଛି।

## ମୋର ଗାଁ, ମୋର ଐତିହ୍ୟ

ମୋ ଗାଁ ମୋ ଐତିହ୍ୟ ହେଉଛି 'ନ୍ୟାସନାଲ୍ ମିଶନ୍ ଅନ୍ କଲ୍‌ଚରାଲ ମ୍ୟାପିଂ' (ଏନ୍‌ଏମ୍‌ସିଏମ୍) ର ଏକ ଅଂଶ ବିଶେଷ। ଏହାର ଉଦ୍ଦେଶ୍ୟ ହେଉଛି ସମଗ୍ର ଦେଶରେ ସାଂସ୍କୃତିକ ସମ୍ପତ୍ତି ଏବଂ ସମ୍ବଳ ଖୋଜିବା ଏବଂ ତାହାକୁ ରେକର୍ଡ କରିବା। 6.5 ଲକ୍ଷ ଗ୍ରାମକୁ ନେଇ ଏହି ପଦକ୍ଷେପ ଭାରତୀୟ ସାଂସ୍କୃତିକ କୌଶଳ ଓ ପରମ୍ପରାକୁ ସଂରକ୍ଷଣ ତଥା ପ୍ରୋତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ। ଏହା ସ୍ଥାନୀୟ କଳାକାର ଏବଂ ସେମାନଙ୍କର ସଂରକ୍ଷିତ କୌଶଳ ଏବଂ ଐତିହ୍ୟର ସୁରକ୍ଷା କରିବ। ଏହାର ମୌଳିକ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ମନୋନୀତ ଗ୍ରାମ ପାଇଁ ଏକ 'ଆଭାସୀ ସଂଗ୍ରହାଳୟ' ସୃଷ୍ଟି କରିବା।

## ଜ୍ୟୋତି ଦ୍ୱାରା ପ୍ରାୟ 27 ଲକ୍ଷ ଲୋକଙ୍କ ଡିଜିଟାଲ୍ ଶ୍ରଦ୍ଧାଞ୍ଜଳି

ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନଦ୍ୱାରା ଆମେ ସ୍ୱାଧୀନତା ପାଇଲୁ, ଯେଉଁମାନେ ଆମର ଭବିଷ୍ୟତ ଗଠନ ପାଇଁ ସେମାନଙ୍କର ଖୁସି, ସମ୍ପତ୍ତି ସବୁକିଛି ବିପଦରେ ପକାଇଦେଇଥିଲେ। ଏକ କୃତଜ୍ଞ ରାଷ୍ଟ୍ର ସ୍ୱାଧୀନତାର ଅମୃତ ଅବସରରେ ସେମାନଙ୍କ ସାହସ ଏବଂ ବଳିଦାନକୁ ପ୍ରଣାମ କରେ । ଏଥିପାଇଁ ଡିଜିଟାଲ ଜ୍ୟୋତି ଦ୍ୱାରା ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏଥିଲାଗି ଶ୍ରଦ୍ଧାଞ୍ଜଳି ଦେଉଥିବା ବ୍ୟକ୍ତିଙ୍କ ଫଟୋ, ବର୍ଣ୍ଣନା ଏବଂ ବାର୍ତ୍ତା ରେକର୍ଡ କରାଯାଇଥିଲା। ଏହି ଡିଜିଟାଲ୍ ଜ୍ୟୋତି ସେଣ୍ଟ୍ରାଲ୍ ପାର୍କ, କନ୍‌ଟ୍ ପ୍ଲେସରେ ଜଳୁଛି । ଏହି ମାଧ୍ୟମ ମାଧ୍ୟମରେ ପ୍ରାୟ 27 ଲକ୍ଷ ଲୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ସବୁଠାରୁ ଅଧିକ ସଂଖ୍ୟାରେ ଜାତୀୟ ପତାକା ଉତ୍ତୋଳନ କରିବାରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ

ଏପ୍ରିଲ୍ 23, 2022କୁ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ବିହାରର ଜଗଦୀଶପୁରସ୍ଥିତ ଦୁଲୁର ମୈଦାନରେ ବୀର କୁନୱର ସିଂ ବିଜୟୋତ୍ସବ କାର୍ଯ୍ୟକ୍ରମରେ 78 ହଜାର 220ଟି ଜାତୀୟ ପତାକା ଅର୍ଥାତ୍ ତ୍ରିରଙ୍ଗାକୁ ଏକାଠିକରି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ପ୍ରବେଶ କରିଛି। ପୂର୍ବରୁ ପାକିସ୍ତାନରେ ଏପରି ଏକ ରେକର୍ଡ ସ୍ଥାପନ ହୋଇଥିଲା। 2004ରେ ସେତେବେଳେ ଏକ ସମୟରେ 56 ହଜାର ପାକିସ୍ତାନୀ ପତାକା ଉତ୍ତୋଳନ କରାଯାଇଥିଲା।

ଜୀବନଶୈଳୀ ସାଧାରଣ ଲୋକଙ୍କ ଜୀବନର ଏକ ଅଂଶ ପାଲଟିଛି। ଆଜି ଭାରତର ପ୍ରତ୍ୟେକ ଗ୍ରାମ ଖୋଲା ନିଷ୍କାସନରୁ ମୁକ୍ତ, ପ୍ରତ୍ୟେକ ଗ୍ରାମରେ ବିଦ୍ୟୁତ୍ ପହଞ୍ଚିଛି, ପ୍ରାୟ ପ୍ରତ୍ୟେକ ଗାଁ ରାସ୍ତାଦ୍ୱାରା ସଂଯୁକ୍ତ, 99 ପ୍ରତିଶତରୁ ଅଧିକ ରୋଷେଇ ଘରେ ସ୍ୱଚ୍ଛ ରନ୍ଧନ ଇନ୍ଧନ ଅଛି, ପ୍ରତ୍ୟେକ ପରିବାର ବ୍ୟାଙ୍କିଙ୍ଗ୍ ସିଷ୍ଟମ ସହିତ ସଂଯୁକ୍ତ ହୋଇଛନ୍ତି। ପ୍ରତ୍ୟେକ ଗରିବ ଲୋକଙ୍କ ପାଇଁ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ ରହିଛି।

ଅମୃତ କାଳରେ ନ୍ୟୁ ଇଣ୍ଡିଆର ଲକ୍ଷ୍ୟ ହେଉଛି ଏହାର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନକୁ ପୂରଣ କରିବା। ନୂତନ ଭାରତକୁ ସେମାନଙ୍କର ସ୍ୱପ୍ନର ଭାରତ କରିବାକୁ ହେବ। ଏକ ଭାରତ - ଯେଉଁଥିରେ ଗରିବ, କୃଷକ, ଶ୍ରମିକ, ପଛୁଆ, ଆଦିବାସୀ ସମସ୍ତଙ୍କ ପାଇଁ ସମାନ ସୁଯୋଗ ଥିବ। ବିଗତ ଆଠ ବର୍ଷ ମଧ୍ୟରେ ଦେଶ ମଧ୍ୟ ଏହି ସଂକଳ୍ପ ପୂରଣ ପାଇଁ ନୀତି ଆପଣାଇଛି ଏବଂ ପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ କରୁଛି। ଅମୃତ କାଳରେ ଭାରତର ଚିନ୍ତାଧାରା ହେଉଛି ଅନ୍ତର୍ଭୁକ୍ତି ବିକାଶ। ଅର୍ଥାତ୍ କୋଟି କୋଟି ଲୋକଙ୍କ ଆକାଂକ୍ଷାକୁ ପୂରା କରିବା ଲାଗି ନିୟୋଜିତ। ଭାରତ ଆଜି ଅନେକ ସମ୍ଭାବନାରେ ପରିପୂର୍ଣ୍ଣ। ଏକ ଶକ୍ତିଶାଳୀ-ସ୍ଥିର-



## ସୋମନାଥ ମନ୍ଦିର

ପିଏମ୍ ମୋଦୀଙ୍କ ଅଧକ୍ଷତାରେ ଥିବା ସୋମନାଥ ଟ୍ରଷ୍ଟ ସୋମନାଥ ମନ୍ଦିରର ପୁନରୁଦ୍ଧାର କରିଛନ୍ତି। ଏଥିରେ ଏକ ପ୍ରଦର୍ଶନୀ କେନ୍ଦ୍ର, ସବୁଦ୍ର ଦର୍ଶନ ପଥ ଏବଂ ମା' ପାର୍ବତୀଙ୍କ ମନ୍ଦିର ନିର୍ମାଣ ସାମିଲ୍ ରହିଛି।



## ବାବା ବୈଦ୍ୟନାଥ ମନ୍ଦିର

ମନ୍ଦିର ଯାଏ ଶ୍ରଦ୍ଧାଳୁଙ୍କ ଯିବା ଆସିବା ପାଇଁ ଏକ ବିମାନବନ୍ଦର ନିର୍ମାଣ କରାଯାଇଛି, ଯାହାର ଲୋକାର୍ପଣ ଜୁଲାଇ 12ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହୋଇଥିଲା।

**"ଆଜି ଯେତେବେଳେ ଆମ ଦେଶ ଅମୃତ ସଙ୍କଳ୍ପକୁ ନେଇ ଆଗକୁ ଯାଉଛି, ଆମେ ନିଜ କର୍ତ୍ତବ୍ୟରେ, ନିଜ ପରିଶ୍ରମରେ କେଉଁଠିବି କୌଣସି ଅଭାବୁ ରଖିବା ଉଚିତ ନୁହେଁ। ଏକ ରାଷ୍ଟ୍ରଭାବେ ଆମରି ଏକତା ଆମର ପ୍ରାଥମିକତା ହେବା ଜରୁରୀ।**

**-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ନିର୍ଣ୍ଣାୟକ ସରକାରଙ୍କ ନେତୃତ୍ୱରେ ଏହା ମଧ ନୂତନ ସ୍ୱପ୍ନ ଦେଖୁଛି, ନୂତନ ସଂକଳ୍ପ ନେଇଛି ଏବଂ ସଂକଳ୍ପଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ପାଇଁ କଠିନ ପରିଶ୍ରମ କରୁଛି। ଏହାର ନୀତି ମଧ ସ୍ପଷ୍ଟ ଏବଂ ଆଗାମୀ 25 ବର୍ଷ ପାଇଁ ଆତ୍ମନିର୍ଭରଶୀଳ ହେବାଲାଗି ରୋଡ୍ ମ୍ୟାପ୍ ମଧ ପ୍ରସ୍ତୁତ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭାଷାରେ, "2047 ମସିହାରେ ଯେତେବେଳେ ଦେଶ ସ୍ୱାଧୀନତାର 100 ବର୍ଷ ପୂର୍ତ୍ତି ପାଳନ କରିବ, ସେତେବେଳେ ଆମେ ଦେଶକୁ ଯେଉଁଠାରେ ପହଞ୍ଚାଇବାକୁ ଚାହୁଁଛୁ ସେହି ସ୍ୱପ୍ନକୁ ପୂରା କରିବାକୁ ସାରା ଦେଶ ସାଙ୍ଗରେ ଚାଲୁଥିବା

## କେଦାରନାଥ ଧାମ

ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା କେଦାରନାଥ ମନ୍ଦିରର ପୁଣିଥରେ ପୁନର୍ବିନ୍ୟାସ କରାଯାଉଛି। ଏହିକ୍ରମରେ କେଦାରନାଥ ଧାମର ସୁରକ୍ଷା ଲାଗି ତିନି ସ୍ତରୀୟ ସୁରକ୍ଷା କାନ୍ଥ, ମନ୍ଦିରଯାଏ ପହଞ୍ଚିବାଲାଗି ସୁବ୍ୟବସ୍ଥିତ ରାସ୍ତା, ଆସ୍ଥା ପଥ, ମନ୍ଦାକିନି ପୋଖରି ନିର୍ମାଣ, ହେଲିପ୍ୟାଡ ନିର୍ମାଣ ସହିତ ବିଭିନ୍ନ କାମ ପୂରା କରାଯାଉଛି, ସେହିକ୍ରମରେ ଅନେକ କାମ ମଧ ଜାରି ରହିଛି।

## ଚାରିଧାମ ରାଜମାର୍ଗ

ସବୁ ପାଗକୁ ଅନୁକୂଳ ହେବା ଭଳି ସୁରକ୍ଷିତ ରାଷ୍ଟ୍ରୀୟ ରାଜମାର୍ଗ ପ୍ରକଳ୍ପ ଯାହା ଗଙ୍ଗୋତ୍ରୀ, ଯମନୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥକୁ ଯୋଡ଼ିବ। ଏହି ରାଜମାର୍ଗ ଦ୍ୱାରା ଭକ୍ତଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସହଜ ହୋପାରିବ।

## ମହାକାଳ କରିଡର, ଉଜ୍ଜୈନ

ଉଜ୍ଜୈନସ୍ଥିତ ମହାରକାଳ ମନ୍ଦିରର ବିସ୍ତାରୀକରଣ ଠୁ ନେଇ 750 କୋଟି ଟଙ୍କା ଆନୁମାନିକ ଖର୍ଚ୍ଚ ଦ୍ୱାରା ହେବାକୁ ତିବା ପ୍ରକଳ୍ପପାଇଁ କାମ ଚାଲିଛି। ସୌନ୍ଦର୍ଯ୍ୟକରଣ ସହ ମନ୍ଦିର ପରିସରର କ୍ଷେତ୍ରଫଳ ପ୍ରାୟ ଆଠଗୁଣା ବଢ଼ିବ।

# ବିକଶିତ, ସଂରକ୍ଷିତ ଏବଂ ପୁନଃସ୍ଥାପିତ ହେଉଛି ଦେଶରେ ଆଧ୍ୟାତ୍ମିକ ଐତିହ୍ୟ



## ରାମ ମନ୍ଦିର ଅଯୋଧ୍ୟା

492 ବର୍ଷ ଧରି ବିବାଦରେଘେରରେ ରହିବା ପରେ ଆଜି ଅଯୋଧ୍ୟାର ରାମ ଜନ୍ମଭୂମିରେ ଭବ୍ୟ ଶ୍ରୀ ରାମ ନ୍ଦିରର ନିର୍ମାଣ କାର୍ଯ୍ୟ ଚାଲୁଛି, ଯେଉଁଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଶୀଳାନ୍ୟାସ କରିଛନ୍ତି।



## କାଶି ବିଶ୍ୱନାଥ କରିଡର

କାଶି ବିଶ୍ୱନାଥ କରିଡର ବିକାଶ କାର୍ଯ୍ୟ ଶେଷ ହୋଇଛି। 2017 ଯାଏ ମନ୍ଦିରକୁ ଯିବା ପାଇଁ ବହୁତ ସଂକୀର୍ଣ୍ଣ ରାସ୍ତା ଥିଲା, ହେଲେ ଏବେ କାଶୀ ହୋଇଛି ଦିବ୍ୟ ଓ ଭବ୍ୟ।

## ପୂର୍ଣ୍ଣତା ଯାଏ ପହଞ୍ଚିଛି ଯୋଜନା

ସ୍ୱାଧୀନତାର ସ୍ୱର୍ଣ୍ଣିମକାଳରେ ପୂର୍ଣ୍ଣତା ଯାଏ ଯିବାକୁ ହେବ। ଶତପ୍ରତିଶତ ଗା:କୁ ରାସ୍ତା, ସବୁ ପରିବାରଙ୍କ ବ୍ୟାଙ୍କ୍ ଆକାଉଣ୍ଟ, ସବୁ ଯୋଗ୍ୟ ହିତାଧିକାରୀଙ୍କ ପାଖଷର ଆୟୁଷ୍ମାନ ଭାରତ କାର୍ଡ, ଶତପ୍ରତିଶତ ଲୋକଙ୍କ ପାଖରେ ଗ୍ୟାସ, ବିଜୁଳି ସଂଯୋଗ ପ୍ରଭୃତି ହେବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଗୋଟିଏ କାର୍ଯ୍ୟକ୍ରମରେ କହିଛନ୍ତି, ଅମୃତକାଳର ଏହା ସମୟ। ଏହା ଶୋଇ ରହି ସ୍ୱପ୍ନ ଦେଖିବା ପାଇଁ ନୁହେଁ ବରଂ ସଦା ଜାଗ୍ରତ ରହି ସଂକଳ୍ପ ପୂରା କରିବାର ସମୟ। ଆସନ୍ତା ପଚିଶ ବର୍ଷ ପରିଶ୍ରମର ପରାକାଷ୍ଠା, ତ୍ୟାଗର ତପସ୍ୟାର ପଚିଶ ବର୍ଷ ଅଟେ। ଶହ ଶହ ବର୍ଷ ଦାସତ୍ୱରେ ଆମ ସମାଜ ଯାହା ହରାଇଛିଳ ଏହି ପଚିଶ ବର୍ଷ ସମୟରେ ତାହାକୁ ହାସଲ କରିବାକୁ ହେବ। ସେଥିପାଇଁ ସ୍ୱାଧୀନତାର ଏହି ଅମୃତ ମହୋତ୍ସବରେ ଆମର ଧ୍ୟାନ ଭବିଷ୍ୟତ ଉପରେ କେନ୍ଦ୍ରୀଭୂତ ହେବା ଆବଶ୍ୟକ।

ନୂତନ ନିଷ୍ପତ୍ତି, ନୂତନ ଚିନ୍ତାଧାରା, ଆତ୍ମନିର୍ଭରଶୀଳ ଭାରତ ସଂକଳ୍ପ ପ୍ରଭୃତି ଏହି ପ୍ରୟାସ ଗୁଡ଼ିକୁ ବାସ୍ତବ ରୂପ ଦେଉଛନ୍ତି। ଏହା ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଏହା ମଧ୍ୟ ଏକ ପ୍ରୟାସ, ଭାରତକୁ ସେହି ଶିଖରରେ ପହଞ୍ଚାଇବାର ଏକ ପ୍ରୟାସ, ଯାହାର ଇଚ୍ଛା ରଖି ଅନେକ ବୀର ଫାଶିଖୁଣ୍ଟରେ ହସି ହସି ଝୁଲିଥିଲେ, ଆଜୀବନ ଜେଲ୍‌ର ଜଳାକୋଠରୀରେ ବତାଇଥିଲେ"।

ନିଶ୍ଚିତ ଭାବରେ, ଯେତେବେଳେ କୌଣସି ଦେଶର ସମସ୍ତ ନାଗରିକ, ସବ୍‌କା ପ୍ରୟାସ ଭାବନାରେ, ଜନଭାଗିଦାରୀ ଭାବନାରେ, ରାଷ୍ଟ୍ରୀୟ ସଂକଳ୍ପକୁ ସିଦ୍ଧ କରିବା ପାଇଁ ଏକାଠି ହୁଅନ୍ତି, ସେତେବେଳେ ବିଶ୍ୱର ବଡ଼ ବଡ଼ ଶକ୍ତିଙ୍କ ସହାୟତା ମିଳିଥାଏ। ଆଜି ବିଶ୍ୱର। ବଡ଼

## ଶ୍ରୀ ମହାକାଳୀ ମାତାଜୀ ମନ୍ଦିର, ପାବାଗଡ଼

ପ୍ରାୟ 500 ବର୍ଷ ପୂର୍ବେ, ଆକ୍ରମଣକାରୀଙ୍କ ଦ୍ୱାରା ଏ ମନ୍ଦିରର  ଶିଖର ଏବଂ ପତାକା ଭାଙ୍ଗି ଦିଆଯାଇଥିଲା। ପାବାଗଡ଼ ପାହାଡ ଉପରେ ଅବସ୍ଥିତ ଏହି ମନ୍ଦିରର ଶୀଖରକୁ ପୁନଃସ୍ଥାପନ କରାଯାଇଛି।  ନିକଟରେ ମନ୍ଦିର ଉପରେ ପତାକା ଉତ୍ତୋଳନ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ସ୍ୱାଧୀନତାର 75 ବର୍ଷ ମଧ୍ୟରେ ମଧ୍ୟ ମହାକାଳୀ ମନ୍ଦିର ଉପରେ ପତାକା ଉଡ଼ାଯାଇ ନଥିଲା।  ମନ୍ଦିରରେ ଉଡୁଥିବା ପତାକା କେବଳ ଆମର ଆଧ୍ୟାତ୍ମିକତାର ପ୍ରତୀକ ନୁହେଁ, ଏହା ମଧ୍ୟ କହିଥାଏ ଯେ ଶତାବ୍ଦୀ ବିତିଯାଏ, ଯୁଗ ବିତିଯାଏ, କିନ୍ତୁ ଆମର ବିଶ୍ୱାସ ଅଅତୁଟ ରହେ।

## ଜାତୀୟ ସଂଗୀତର 1.5 କୋଟି ଭିଡିଓ ଅପଲୋଡ୍


ସ୍ୱାଧୀନତାର ଅମୃତ ମହୋତ୍ସବରେ ଭାରତ ସମେତ ବିଶ୍ୱରେ ରହୁଥିବା 1.5 କୋଟି ଭାରତୀୟ ଜାତୀୟ ସଂଗୀତରେ ଭିଡିଓ  ତିଆରି କରି ଆଜାଦୀ କା ଅମୃତ ଫେଷ୍ଟିଭାଲ ୱେବସାଇଟରେ ଅପଲୋଡ୍ କରିଛନ୍ତି। ସେହିପରିରଙ୍ଗୋଲି ତିଆରି କରିବା, ଦେଶପ୍ରେମ ଗୀତ ଲେଖିବା ପାଇଁ ପ୍ରତିଯୋଗିତାରେ 5.5 ଲକ୍ଷ ଏଣ୍ଟ୍ରି ହୋଇଥିଲା।

## ବିଦେଶରେ 6 ହଜାରରୁ ଅଧିକ ଅମୃତ ମହୋତ୍ସବ କାର୍ଯ୍ୟକ୍ରମ

ବିଦେଶରେ ଥିବା ଭାରତୀୟ ମିଶନଗୁଡିକ ସ୍ୱାଧୀନତାର ଅମୃତ ମହୋତ୍ସବ ଅଧୀନରେ 6 ହଜାରରୁ ଅଧିକ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଏଥିରେ ବିଦେଶୀ ଭାରତୀୟ, ଭାରତର ବନ୍ଧୁ ଏବଂ ସ୍ଥାନୀୟ ପ୍ରଶାସନର ଅଂଶଗ୍ରହଣ ହୋଇଥିଲା।|

## ଅମୃତ ମହୋତ୍ସବରେ 75 ଐତିହାସିକ ସ୍ଥାନ ସମ୍ମୁଖରେ ଯୋଗ ପ୍ରଦର୍ଶନ

ଅଷ୍ଟମ ଆନ୍ତର୍ଜାତୀୟ ଯୋଗ ଦିବସରେ ଦେଶର 75ଟି ଐତିହାସିକ ସ୍ଥାନରେ ଯୋଗ ପ୍ରଦର୍ଶନ କରାଯାଇଛି। ଅମୃତ ମହୋତ୍ସବ ବର୍ଷରେ ଜନସାଧାରଣଙ୍କ ଅଂଶଗ୍ରହଣ ବୃଦ୍ଧି ତଥା ସେମାନଙ୍କୁ ଯୋଡ଼ିବା ପାଇଁ ଏହା ଏକ ପଦକ୍ଷେପ । ମହୀଶୂରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ କେନ୍ଦ୍ର ମନ୍ତ୍ରୀମାନେ ଏହି ଅବସରରେ ଯୋଗ ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ।



ଶକ୍ତିମାନେ ଭାରତ ସହ କାନ୍ଧରେ କାନ୍ଧ ମିଳାଇ ଚାଲିବାକୁ ଚାହାନ୍ତି। ନିଜ ଦେଶବାସୀଙ୍କ ସଂକଳ୍ପ ଶକ୍ତି ଦ୍ୱାରା ଆଜି ଭାରତ ନିରନ୍ତର ଭାବେ ପ୍ରଗତିର ରାସ୍ତାରେ ଆଗକୁ ଚାଲିବାରେ ଲାଗିଛି। ଜନଗଣଙ୍କ ସଙ୍କଳ୍ପ ଏବଂ ଭାଗିଦାରୀ  ଆଜି ଜନ ଆନ୍ଦୋଳନରେ ପରିଣତ ହୋଇଛି। ଆଗାମୀ ପିଢ଼ି ପାଇଁ ନୂଆ ଭାରତ ନୂଆ ଇତିହାସ ସୃଷ୍ଟି ପାଇଁ କାମ କରୁଛି। ବିଗତ ଦଶନ୍ଧିରେ ଦେଶର ପ୍ରତିଟି ଜନତା ନିଜ କାମ ଦ୍ୱାରା ଭାରତର ସଶକ୍ତ ଛବି ଦେଶ ଦୁନିଆକୁ ଦେଖାଇଛନ୍ତି। ଏହି କାରଣରୁ ସ୍ୱାଧୀନତାର ଅମୃତକାଳ ଅର୍ଥାତ୍ ଆସନ୍ତା 25 ବର୍ଷ ପାଇଁ ଆଶା ଆହୁରି ବଢ଼ିଛି କାରଣ ଆଜି ଭାରତର ପ୍ରତିଟି ନାଗରିକ ସ୍ୱୟଂ ଗୋଟିଏ ଗୋଟିଏ ସଫଳତାର କାହାଣୀ ପାଲଟିଛି। ●

# ଅଗଷ୍ଟ କ୍ରାନ୍ତି...

**ଦୀର୍ଘ ସମୟର ପରାଧୀନତାକୁ ହଟାଇବା ପାଇଁ ଭାରତ ଅନେକ ସଂଘର୍ଷ କରିଛି ଓ ଶେଷରେ ସ୍ୱାଧୀନତା ପ୍ରାପ୍ତ କରିଛି। ଏହି ସଂଘର୍ଷ ପଥରେ ଅଗଷ୍ଟ ମାସ ସ୍ୱତନ୍ତ୍ର ମହତ୍ତ୍ୱ ରକ୍ଷାକରେ। କାରଣ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ମୂଳଦୂଆ କୁହାଯାଉଥିବା ତିନୋଟି ଗୁରୁତ୍ୱପୂର୍ଣ୍ଣ ଜନଆନ୍ଦୋଳନ ଏହି ମାସରେ ଆରମ୍ଭ ହୋଇଥିଲା। ପୁଣି ଯେତେବେଳେ ଦେଶ ସ୍ୱାଧୀନତାର 75 ତମ ବର୍ଷ ପାଳନ କରୁଛି, ସେହି ସମୟରେ ଆମକୁ କ୍ରାନ୍ତିର ମାସ କୁହାଯାଉଥିବା ଅଗଷ୍ଟରେ ସଂଗଠିତ ଏହି ଆନ୍ଦୋଳନଗୁଡ଼ିକ ସମ୍ପର୍କରେ ଅଧିକ ଜାଣିବା ଜରୁରୀ ହୋଇପଡ଼େ...**



## ଭାରତ ଛାଡ଼- କର ବା ମର... ଆନ୍ଦୋଳନକୁ 80 ବର୍ଷ

ସ୍ୱାଧୀନତା ଆନ୍ଦୋଳନ ଇତିହାସକୁ ପଢ଼ିବାବେଳେ 8 ଅଗଷ୍ଟ ବିଶେଷ  ମହତ୍ତ୍ୱ ରକ୍ଷା କରେ। 1942 ମସିହା ଅଗଷ୍ଟ  8-9 ମଧ୍ୟରାତ୍ରୀରେ ଇଂରେଜଙ୍କ ବିରୁଦ୍ଧରେ  ଭାରତ ଛାଡ଼ ଆନ୍ଦୋଳନ ଡାକରା ଦେଇଥିଲେ। ଏହି ଆନ୍ଦୋଳନରେ ଇଂରେଜ ଭାରତ ଛାଡ଼ ସହ କର ବା ମର ଆହ୍ୱାନ ଦିଆଯାଇଥିଲା ଯାହା ଭାରତର ଜନଗଣଙ୍କ ଡାକରାରେ ପରିଣତ ହୋଇଥିଲା। ଏବେକାର ନେତୃତ୍ୱ 'କରିବୁ ଏବଂ କରିକି ରହିବୁ' ମନ୍ତ୍ରକୁ ଜନ ଆନ୍ଦୋଳନର ମଜବୁତ ମୂଳଦୁଆ ଭାବେ ଗ୍ରହଣ କରିଛନ୍ତି। 'ଭାରତଛାଡ଼' ଆନ୍ଦୋଳନ ଅବଶ୍ୟ ଭାରତକୁ ସ୍ୱାଧୀନତା ଦେଇ ନଥିଲା କିନ୍ତୁ ଏହାର ସୁଦୂର ପ୍ରସାରୀ ପ୍ରଭାବ ପଡ଼ିଥିଲା ଇଂରେଜ ଶାସନ ଉପରେ। ସେଇଥି ପାଇଁ ଏହାକୁ ଭାରତର ସ୍ୱାଧୀନତା ପାଇଁ ହୋଇଥିବା ଆନ୍ଦୋଳନଗୁଡ଼ିକ ଭିତରେ ଅନ୍ତିମ ମହାପ୍ରୟାସ ଭାବେ ଗ୍ରହଣ କରାଯାଏ। ଏହା ସବୁଠାରୁ ବିଶାଳ ଓ ପ୍ରଭାବଶାଳୀ ଜନ ଆନ୍ଦୋଳନ ଥିଲା।

## ଅସହଯୋଗ ଆନ୍ଦୋଳନ

ଉପନିବେଶବାଦ ବିରୋଧରେ ମହାତ୍ମା ଗାନ୍ଧୀ ଦେଶବାସୀଙ୍କୁ ନିବେଦନ କରିଥିଲେ ଏବଂ ଇଂରେଜ ଶାସନକୁ ସହଯୋଗ ନକରିବାକୁ ଦାବି କରିଥିଲେ। 1 ଅଗଷ୍ଟ 1920ରେ ଆନୁଷ୍ଠାନିକ ଭାବେ ଏହି ଆନ୍ଦୋଳନ ଆରମ୍ଭ କରି ମହାତ୍ମା ଗାନ୍ଧୀ ସ୍କୁଲ, କଲେଜ ଏବଂ କୋର୍ଟ ବର୍ଜନ ସହ ଟିକସ ନ ଦେବାକୁ କହିଥିଲେ। ଯଦି ଅସହଯୋଗକୁ ସଠିକ୍ ଭାବରେ ପାଳନ କରାଯାଏ, ତେବେ ଭାରତ ଏକ ବର୍ଷ ମଧ୍ୟରେ ସ୍ୱରାଜ ହାସଲ କରିପାରିବ।  ପୂରା ଆନ୍ଦୋଳନରେ ବ୍ରିଟିଶମାନଙ୍କ ଅତ୍ୟାଚାର ବିରୁଦ୍ଧରେ କେବଳ ଅହିଂସା ଉପାୟ ଗ୍ରହଣ କରାଯାଇଥିଲା।

ଅସହଯୋଗ ଆନ୍ଦୋଳନ ସ୍କୁଲ-କଲେଜ ଏବଂ କୋର୍ଟ ଉପରେ ସର୍ବାଧିକ ପ୍ରଭାବ ପକାଇଥିଲା। ଶ୍ରମିକମାନେ କାମ ବନ୍ଦ କରିଦେଲେ। ଏକ ସରକାରୀ ରିପୋର୍ଟ ଅନୁଯାୟୀ, 1921 ମସିହାରେ 396 ଟି ଧର୍ମଘଟ ହୋଇଥିଲା ଯେଉଁଥିରେ 6 ଲକ୍ଷ ଶ୍ରମିକ ଅଂଶଗ୍ରହଣ କରିଥିଲେ ଏବଂ 70 ଲକ୍ଷ କାର୍ଯ୍ୟ ଦିବସ ବର୍ଜନ ହୋଇଥିଲା।

## ସ୍ୱଦେଶୀ ଆନ୍ଦୋଳନ

ବଙ୍ଗ ବିଭାଜନ ଘୋଷଣା ପରେ 7 ଅଗଷ୍ଟ 1905 ରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଭାରତୀୟମାନେ ସରକାରୀ ସେବା, ବିଦ୍ୟାଳୟ, କୋର୍ଟ ଏବଂ ବିଦେଶୀ ସାମଗ୍ରୀକୁ ବର୍ଜନ କରି ସ୍ୱଦେଶୀ ଦ୍ରବ୍ୟର ପ୍ରଚାର କରିବାକୁ ନିଷ୍ପତ୍ତି ନେଇଥିଲେ। ଅର୍ଥାତ୍ ଏହା ଏକ ରାଜନୈତିକ ଆନ୍ଦୋଳନ ତଥା ବ୍ରିଟିଶମାନଙ୍କ ଉପରେ ଆର୍ଥିକ କ୍ଷତି ପହଞ୍ଚାଇବା ପାଇଁ ଏକ ଆନ୍ଦୋଳନ ଥିଲା। ସ୍ୱଦେଶୀ ଆନ୍ଦୋଳନ ମୁଖ୍ୟତ ତିନି ନେତାଙ୍କୁ ଜନ୍ମ ଦେଇଥିଲା। ସେମାନେ ହେଲେ ବାଲ ଗଙ୍ଗାଧର ତିଲକ, ବିପିନ ଚନ୍ଦ୍ର ପାଲ ଏବଂ ଲାଲା ଲଜପତ ରାୟ। ଏହି ତିନି ଜଣ ଲାଲ, ପାଲ ଏବଂ ବାଲ ନାମରେ ଜଣାଶୁଣା।

1905-1908 ମସିହା ମଧ୍ୟରେ ଏହି ଆନ୍ଦୋଳନ ହେବା ଦ୍ୱାରା ବିଦେଶୀ ଆମଦାନୀରେ ଉଲ୍ଲେଖନୀୟ ହ୍ରାସ ଘଟିଥିଲା । ଏହାଦ୍ୱାରା ଦେଶରେ ସ୍ୱଦେଶୀ ଟେକ୍ସଟାଇଲ୍ ମିଲ୍, ସାବୁନ୍ ଏବଂ ଦିଆସିଲି କାରଖାନା, ଟାନେରୀ କାରଖାନା, ବ୍ୟାଙ୍କ, ବୀମା କମ୍ପାନୀ, ଦୋକାନ ଇତ୍ୟାଦି ପ୍ରତିଷ୍ଠା ହୋଇଥିଲା। ଏହା ଭାରତୀୟ କୁଟୀର ଶିଳ୍ପକୁ ମଧ୍ୟ ପୁନର୍ଜୀବିତ କରିଥିଲା।

## କ୍ୟାବିନେଟ୍ ନିଷ୍ପତ୍ତି

# ଭିତ୍ତିଭୂମି, ଶିକ୍ଷା ସହ ସ୍ୱାସ୍ଥ୍ୟ ପାଇଁ ପ୍ରିକସନ୍ ଡୋଜ୍

**ଭିତ୍ତିଭୂମି, ଶିକ୍ଷା ଏବଂ ଦେଶର ନାଗରିକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ଦେବା ଲାଗି ସରକାର ପ୍ରତିବଦ୍ଧ ରହିଛନ୍ତି। ଏହି ପ୍ରତିବଦ୍ଧତାକୁ ଆଧାର କରି କେନ୍ଦ୍ର ସରକାରଙ୍କ ମନ୍ତ୍ରିମଣ୍ଡଳ ତରଙ୍ଗା ହିଲ- ଅମ୍ବାଜି-ଆବୁରୋଡ୍ ନୂଆ ରେଳ ଲାଇନ୍ ନିର୍ମାଣ, ରାଷ୍ଟ୍ରୀୟ ରେଳ ଓ ପରିବହନ ସଂସ୍ଥାନକୁ ଡିମ୍ଡ୍ ବିଶ୍ୱବିଦ୍ୟାଳୟରୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଅପ୍‌ଗ୍ରେଡେସନ୍ ପାଇଁ ମଞ୍ଜୁରୀ ଦେଇଛନ୍ତି। ସେହିପରି 18 ବର୍ଷରୁ ଅଧିକ ବୟସ୍କ ସମସ୍ତ ନାଗରିକଙ୍କୁ 75 ଦିନ ଯାଏ ମାଗଣାରେ ପ୍ରିକସନ୍ ଡୋଜ୍ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ତରଙ୍ଗା ହିଲ-ଅମ୍ବାଜି-ଆବୁରୋଡ୍ ନୂଆ ରେଳଲାଇନ୍ ନିର୍ମାଣ ଦ୍ୱାରା ଗୁଜରାଟ ଓ ରାଜସ୍ଥାନରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବା ସହ ଆନୁସଙ୍ଗିକ ଭିତ୍ତିଭୂମି ସୁଦୃଢ଼ ହେବ...।**



- **ନିଷ୍ପତ୍ତି: 18 ବର୍ଷରୁ ଅଧିକ ବୟସର ସମସ୍ତ ନାଗରିକଙ୍କୁ କୋଭିଡ ଟିକା ମାଗଣାରେ ପ୍ରଦାନ କରିବାକୁ କେନ୍ଦ୍ରୀୟ କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି**

- **ପ୍ରଭାବ:** ସ୍ୱାଧୀନତାର ଅମୃତକାଳରେ, କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଜୁଲାଇ 15, 2022 ଠାରୁ ଆଗାମୀ 75 ଦିନ ପାଇଁ ଦେଶରେ 18 ବର୍ଷରୁ ଅଧିକ ସମସ୍ତ ନାଗରିକଙ୍କୁ ସରକାରୀ ଟିକାକରଣ କେନ୍ଦ୍ରରେ ମାଗଣାରେ କୋଭିଡ୍ ଟିକା ପ୍ରଦାନ କରାଯିବ। ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଫ୍ରଣ୍ଟଲାଇନ କର୍ମଚାରୀ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ଥିଲା। ଏବେ 75 ଦିନ ପାଇଁ ଟିକାକରଣ ମାଗଣା ହେବାଦ୍ୱାରା ସମସ୍ତ ବର୍ଗ ମାଗଣାରେ ଟିକା ପାଇପାରିବେ।

- **ନିଷ୍ପତ୍ତି: ଗୁଜରାଟର ବଡ଼ୋଦରାଠାରେ ଥିବା ଜାତୀୟ ରେଳ ଏବଂ ପରିବହନ ପ୍ରତିଷ୍ଠାନକୁ ଡିମ୍ଡ୍ ବିଶ୍ୱବିଦ୍ୟାଳୟରୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।**

- **ପ୍ରଭାବ:** କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇ ଏହି ବିଶ୍ୱବିଦ୍ୟାଳୟର କ୍ଷମତା ଆହୁରି ବୃଦ୍ଧି ପାଇବ। ପରିବହନ କ୍ଷେତ୍ରରେ ଶିକ୍ଷା, ତାଲିମ, ଦକ୍ଷତା ଏବଂ ଅନୁସନ୍ଧାନ ସହିତ ଅଧିକ ନୂତନ ପାଠ୍ୟକ୍ରମ ଆରମ୍ଭ ହୋଇପାରିବ, ଯାହା କେବଳ ଗୁଜୁରାଟର ଲୋକଙ୍କୁ ନୁହେଁ, ସାରା ଦେଶର ଯୁବକମାନଙ୍କ ପାଇଁ ଲାଭଦାୟକ ହେବ।

- **ନିଷ୍ପତ୍ତି: ତରଙ୍ଗା ହିଲ୍-ଅମ୍ବାଜୀ-ଆବୁ ରୋଡ୍ ନୂତନ ରେଳ ଲାଇନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। 2798 କୋଟି ମୂଲ୍ୟ ବ୍ୟୟରେ 4 ବର୍ଷ ଭିତରେ ଏହା ନିର୍ମାଣ ହେବ।**

- **ପ୍ରଭାବ:** ଏହି 116.65 କିଲୋମିଟର ଲମ୍ବା ରେଳ ଲାଇନ ସ୍ଥାନୀୟ ମୋବିଲିଟି, ଉତ୍ପାଦ ପରିବହନ, ଆତ୍ମନିଯୁକ୍ତି, ପର୍ଯ୍ୟଟନ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ସୁଦୃଢ଼ କରି। ରାଜସ୍ଥାନ ଏବଂ ଗୁଜୁରାଟର ଲୋକମାନେ ଉନ୍ନତ ରେଳ ସଂଯୋଗ ପାଇବେ, ଧାର୍ମିକ ପର୍ଯ୍ୟଟନ ବୃଦ୍ଧି ପାଇବ। 51 ଟି ଶକ୍ତିପୀଠ ମଧ୍ୟରେ ଏକ ପ୍ରସିଦ୍ଧ ତୀର୍ଥ କେନ୍ଦ୍ର ଅମ୍ବାଜୀରେ ପହଞ୍ଚିବା ସହଜ ହେବ।

- ଏହି ପ୍ରକଳ୍ପ 2026-27 ସୁଦ୍ଧା ସମାପ୍ତ ହେବ। ଏହି ପ୍ରକଳ୍ପ ନିର୍ମାଣ ସମୟରେ ପ୍ରାୟ 40 ଲକ୍ଷ ମ୍ୟାଡେଜ୍ ସହ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ। ତରଙ୍ଗା ପାହାଡ ଉପରେ ଥିବା ଅଜିତନାଥ ଜୈନ ମନ୍ଦିର (24 ପବିତ୍ର ଜୈନ ତୀର୍ଥଙ୍କରଙ୍କ ମଧ୍ୟରୁ ଗୋଟିଏ) ପରିଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ମଧ୍ୟ ଏଥିରୁ ଉପକୃତ ହେବେ। ●



## ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ...

# ଅତୀତ ଏବଂ ଭବିଷ୍ୟତ ପାଇଁ ସମ୍ପର୍କର ସେତୁ

ନିଜ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଏହାକୁ ଭବିଷ୍ୟତର ପିଢ଼ି ପାଖରେ ପହଞ୍ଚାଇବା ସମସ୍ତଙ୍କ ଦାୟିତ୍ୱ ହୋଇଥାଏ। ଏଥିଲାଗି ଭାରତ ସର୍ବଦା ଚେଷ୍ଟିତ ରହି ଆସିଛି। ଅତୀତର ଇତିହାସକୁ ପଢ଼ିବା ଏବଂ ଐତିହ୍ୟକୁ ସୁରକ୍ଷିତ ରଖି ନୂଆ ଭାରତ ବର୍ତ୍ତମାନର ପିଢ଼ି ଆଗରେ ଆମ ଗୌରବଶାଳୀ 75 ବର୍ଷର ଇତିହାସକୁ ଦେଖିବା ଏବଂ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ କରିବା ଲାଗି ଅବସର ସୃଷ୍ଟି କରୁଛି। ବିକାଶ ସାଙ୍ଗରେ ଏତିହ୍ୟର ସୁରକ୍ଷକୁ ପଣ କରିଥିବା ନ୍ୟୁ ଇଣ୍ଡିଆ ବିଗତ ଆଠ ବର୍ଷରେ ନା କେବଳ 100ରୁ ଅଧିକ ସଂଗ୍ରହାଳୟ ନିର୍ମାଣ ବା ପୁଃନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଛି, 50ଟି ରାଷ୍ଟ୍ରକୁ ସମର୍ପିତ ମଧ୍ୟ କରାଯାଇଛି।  ଏହି କ୍ରମରେ 14 ଏପ୍ରିଲ, 2022ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଏକ ଭବ୍ୟ ପ୍ରେରଣା ସାଜିବା ସହ ଏକ ମହାନ ଜ୍ଞାନ କେନ୍ଦ୍ର ଭାବେ ସ୍ଥାପିତ ହୋଇଛି।




“

**ଏହି ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଆମକୁ ନିରନ୍ତର ପ୍ରେରଣା ଯୋଗାଇବ। ଏହି ସଂଗ୍ରହାଳୟ ଆମ ଭିତରେ, ଭାରତ ପାଇଁ ବଡ଼ ସଂକଳ୍ପର ଅଙ୍କୁରୋଦ୍‌ଗମ ପାଇଁ ଶକ୍ତି ରଖିଛି। ଏହି ସଂଗ୍ରହାଳୟ ଭାରତ ପାଇଁ ଯୁବ ପିଢ଼ିକୁ କିଛି କରିବା ଲାଗି ପ୍ରେରଣା ଦେଉଛି।**

**ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ବିଗତ 75 ବର୍ଷ ମଧ୍ୟରେ ଦେଶ ଅନେକ ଗୌରବମୟ ମୁହୂର୍ତ୍ତର ସାକ୍ଷୀ ହୋଇଛି। ଇତିହାସର ଝରକାରେ ଏହି ମୁହୂର୍ତ୍ତଗୁଡ଼ିକର କୌଣସି ତୁଳନା ନାହିଁ। ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟରେ ଆପଣ ଏହିପରି ଅନେକ ମୁହୂର୍ତ୍ତର ଝଲକ ମଧ୍ୟ ପାଇବେ। ସ୍ୱାଧୀନ ଭାରତର ବିକାଶ ପଥରେ ପ୍ରତିଟି ନିର୍ବାଚିତ ସରକାରଙ୍କ ସ୍ମରଣୀୟ ଅବଦାନକୁ ଗୋଟି ଗୋଟିକରି ସାମ୍ନାକୁ ଆଣିଛି ଏହି ମ୍ୟୁଜିୟମ୍। ଏହି ପ୍ରକ୍ରିୟାରେ ନ୍ୟୁଏଜ୍ ଟେକ୍ନୋଲୋଜିକୁ ପ୍ରେରାଗ କରାଯାଇଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମର ଯେକୌଣସି ଦର୍ଶକ ମ୍ୟୁଜିୟମର ବିଷୟବସ୍ତୁ ସଙ୍ଗେ ତଲ୍ଲୀନ ହେବାର ସୁଯୋଗ ସୃଷ୍ଟି ହୋଇଛି। ଟେକ୍ନୋଲୋଜି ମାଧ୍ୟମରେ ସେ ସମୟର ନେତୃତ୍ୱ, ସେ ସମୟର ଆହ୍ୱାନ ଏବଂ ଏହାକୁ ମୁକାବିଲା କରିବାରେ ତାଙ୍କ କୌଶଳକୁ ଭବିଷ୍ୟତର ପିଢ଼ି ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ ହୋଇଛି। ସେଇଥିପାଇଁ ତ ଏହା ଲୋକଙ୍କ ପାଖରେ ଗ୍ରହଣୀୟ ହୋଇଛି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ସମେତ ଏହି ମ୍ୟୁଜିୟମ ଖୋଲିବାର ମାତ୍ର ଦୁଇମାସ ମଧ୍ୟରେ 50 ହଜାରରୁ ଅଧିକ ଦର୍ଶକ ଏଠାରେ ପହଞ୍ଚିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 24 ଏପ୍ରିଲ 2022ରେ 'ମନ କୀ ବାତ' କାର୍ଯ୍ୟକ୍ରମରେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟରେ ଏପରି ଅନେକ ତଥ୍ୟ ରହିଛି ଯାହା ଅଧିକାଂଶ ଲୋକଙ୍କୁ ଜଣା ନାହିଁ। ଏପରିକି ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମେ 18 ତାରିଖ ଦିନ ପଡ଼ିଥିବା ସଂଗ୍ରହାଳୟ ଦିବସ ଅବସରରେ ଦେଶର ଯୁବକମାନଙ୍କୁ ସେମାନଙ୍କ ବନ୍ଧୁଙ୍କ ସହ ଅତିକମ୍‌ରେ ନିକଟସ୍ଥ ଯେ କୌଣସି ଗୋଟିଏ ମ୍ୟୁଜିୟମ୍ ପରିଦର୍ଶନ କରିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷାରେ, ଯେତେବେଳେ ଆମର ଯୁବପିଢ଼ି ଏହି ଜୀବନ୍ତ ପ୍ରତୀକସବୁକୁ ଦେଖନ୍ତି, ସେତେବେଳେ ଏହା ସତ୍ୟର ସତ୍ୟତା ମଧ୍ୟ ପାଇଥାଆନ୍ତି। ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ ବିଭିନ୍ନ ଆହ୍ୱାନ ଭିତରେ ଆମର ପ୍ରଧାନମନ୍ତ୍ରୀମାନେ କିପରି ଦେଶକୁ ଏକ ନୂତନ ପଥ ଦେଇଛନ୍ତି ଏବଂ ଦେଶର ଚାରିଆଡ଼େ ସୁନିଶ୍ଚିତ କରିଛନ୍ତି ତାହାର ବର୍ଣ୍ଣନା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବଦା ଭାରତର ଅତୀତ, ଭାରତର ଐତିହ୍ୟ ର ଠିକଣା ଚିତ୍ରଣ ଓ ସଚେତନତା ବାବଦରେ ଗୁରୁତ୍ୱାରୋପ କରିଥାଆନ୍ତି। ଏହାର ଫଳ ସ୍ୱରୂପ, ବର୍ତ୍ତମାନର ସରକାର ଐତିହ୍ୟର ସଂରକ୍ଷଣ, ବିଦେଶରୁ ଐତିହ୍ୟ ଫେରାଇ ଆଣିବା, ବିଶ୍ୱ ମଞ୍ଚରେ ଗୌରବମୟ ଐତିହ୍ୟ ପ୍ରଦର୍ଶନ ପାଇଁ କାର୍ଯ୍ୟ କରୁଛନ୍ତି। ଏହି ପର୍ଯ୍ୟାୟରେ ସଂଗ୍ରହାଳୟ ନିର୍ମାଣ କରାଯାଉଛି। ଜାଲିଆନୱାଲା ମେମୋରିଆଲ, ଆମ୍ବେଦକର ଜାତୀୟ ମେମୋରିଆଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭାରତୀୟ ଜାତୀୟ ସେନା ସଂଗ୍ରହାଳୟ ଏବଂ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ପ୍ରଭୃତି ଏହାର ଗୋଟିଏ ଗୋଟିଏ ଅଂଶ ବିଶେଷ। ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଭାରତ ଯେଉଁ ଅଗ୍ରଗତି କରିଛି ତାହା ସହ ଭାରତର ବିବିଧତାକୁ ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟରେ ମଧ୍ୟ ଅନୁଭବ କରାଯାଇପାରିବ। ଏହି କାରଣରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ ଭେଙ୍କୟା ନାଇଡୁ ଏବଂ ବହୁ ସଂଖ୍ୟାରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ 50 ହଜାରରୁ ଅଧିକ ପରିଦର୍ଶକ ପ୍ରଥମ ଦୁଇ ମାସ ମଧ୍ୟରେ ସଂଗ୍ରହାଳୟ ଆସିଛନ୍ତି। ଏହି ସଂଗ୍ରହାଳୟରେ କେବଳ ମୂଳ ଚିତ୍ର ଏବଂ ଭିଡିଓ ବ୍ୟବହାର କରାଯାଇଛି, ଯାହା ସଂଗ୍ରହାଳୟରେ କୁହାଯାଇଥିବା କାହାଣୀର ସତ୍ୟତା ପ୍ରତିପାଦନ କରିଥାଏ। ଯଦି ଆପଣ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟ ଦେଖିବାକୁ ଆସି ନାହାଁନ୍ତି, ତେବେ ଏକ ଯୋଜନା ପ୍ରସ୍ତୁତ କରନ୍ତୁ, ଆପଣଙ୍କର ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ସହ ଫଟୋ ଉଠାନ୍ତୁ ଆଉ ତାଙ୍କ ସହିତ ଚାଲିବାର ମଧ୍ୟ ଭିଡିଓ ଉଠାଇ ସ୍ମୃତି ଆକାରରେ ସାଇତି ରଖନ୍ତୁ।



## ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ

- ନୂଆଦିଲ୍ଲୀରେ ତିନମୂର୍ତ୍ତି ଭବନ ପରିସରରେ ନିର୍ମିତ ଲକ ଆଇକନିକ୍ ବିଲ୍ଡିଂରେ ଏହି ଆଧୁନିକ ସଂଗ୍ରହାଳୟ ସ୍ଥାପନା କରାଯାଇଛି, ଯାହା ଭାରତର ଅନ୍ୟ ଆଧୁନିକ ସଂଗ୍ରହାଳୟଗୁଡ଼ିକ ମଧ୍ୟରୁ ଅନ୍ୟତମ।
- ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ପାଇଁ 15,600 ବର୍ଗ ମିଟରରୁ ଅଧିକ ଆୟତନର ଦୁଇଟି ବ୍ଲକ୍‌କୁ ଏକାଠି କରାଯାଇଛି। ସେଠାରେ 43ଟି ଗ୍ୟାଲେରୀ ଅଛି, ଯେଉଁଠାରେ ପ୍ରତ୍ୟେକ ପ୍ରଧାନମନ୍ତ୍ରୀଙ୍କ ଅବଦାନର ବର୍ଣ୍ଣନାତ୍ମକ ରେକର୍ଡ ଅଛି। ଏକକାଳୀନ ପ୍ରାୟ 4000 ହଜାର ଲୋକଙ୍କ ଭ୍ରମଣ ପାଇଁ ଏଠାରେ ବ୍ୟବସ୍ଥା କରାଯାଇଛି।
- ପ୍ରମୁଖ ଘଟଣା, 18ଶ' ଶତାବ୍ଦୀରେ ଦେଶର ସମୃଦ୍ଧି ଏବଂ ଏହାର ପରବର୍ତ୍ତୀ ବ୍ରିଟିଶ ଶାସକ, ସମ୍ବିଧାନ ତିଆରି ପ୍ରକ୍ରିୟା, ଏହାର ଚ୍ୟାଲେଞ୍ଜ ତଥା ପଣ୍ଡିତ ଜବାହରଲାଲ ନେହେରୁଙ୍କଠାରୁ ଆରମ୍ଭ କରି ଡକ୍ଟର ମନମୋହନ ସିଂଙ୍କ ପର୍ଯ୍ୟନ୍ତ 14 ଜଣ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ମଧ୍ୟରେ ହାସଲ କରାଯାଇବା ପ୍ରମୁଖ କାର୍ଯ୍ୟଗୁଡ଼ିକୁ ଏଠାରେ ଉପସ୍ଥାପନ କରାଯାଇଛି।


# ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ ମିଳିବ ଏପରି ଅନୁଭବ

ଉନ୍ନତ ଡିଜିଟାଲ ଭିତ୍ତିଭୂମି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ମିଶ୍ରଣ ଦ୍ୱାରା ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ବିକଶିତ ହୋଇଛି, ଆପଣ ଏଠାରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବୁଝିବା ସହଜ ହେବ। ଏହା ଏକ ମହାନ ଅନୁଭବ ଦେବ।



### ପିଏମ୍‌ଙ୍କ ସହ ଫଟୋ ପାଇଁ ପୋଜ୍

ଏଠାରେ ଆପଣ ଆପଣଙ୍କ ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ସହିତ ଅଗମେଣ୍ଟେଡ୍ ରିଅଲିଟିରେ ଫଟୋ ଉଠାଇବାର ସୁଯୋଗ ପାଇବ।



### ସଂସଦ ସାମ୍ନାରେ ୱାକ୍ ୱିଥ ପିଏମ

ଏଠାରେ ଆପଣ ପ୍ରଧାନମନ୍ତ୍ରୀଙ୍କ ସହ ସଂସଦ ସାମ୍ନାରେ ଅଗମେଣ୍ଟେଡ୍ ରିଅଲିଟିରେ ଚାଲିବାର ସୁଯୋଗ ପାଇବେ, ଯାହାର ଭିଡିଓ ଆପଣ ମଧ୍ୟ ନେଇପାରିବେ।

### ୟୁନିଟି ୱାଲ




ବିବିଧତା ମଧ୍ୟରେ ଏକତା ହେଉଛି ଆମର ଶକ୍ତି । ଏହାକୁ ପ୍ରଦର୍ଶନ କରିବା ଏବଂ ଆମର ଏକତାକୁ ପାଳନ କରିବା ପାଇଁ ଏକତା ପ୍ରାଚୀର ନିକଟରେ ଥିବା ଦେଶବାସୀଙ୍କ ସହ କାନ୍ଧ କାନ୍ଧରେ ଛିଡ଼ା ହୁଅନ୍ତୁ ।



## ବିରକ୍ତ ହେବେ ନାହିଁ, ଘଣ୍ଟା ଘଣ୍ଟା ରହିବେ:

ପିଲାବେଳେ ଆପଣ ନିଶ୍ଚୟ ପିତାମାତାଙ୍କସହ କିମ୍ବା ସ୍କୁଲରୁ ସଂଗ୍ରହାଳୟକୁ ଯାଇଥିବେ। ହେଲେ ସେଠାରେ ଅଧିକ ସମୟ ବିତାଇବା କଷ୍ଟକର ହୋଇପଡ଼ିଥିବ। । କିନ୍ତୁ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଏ କ୍ଷେତ୍ରରେ ଯଥେଷ୍ଟ ଅଲଗା। ଏକ ପ୍ରଭାବଶାଳୀ ଢଙ୍ଗରେ ଏହାକୁ ନିର୍ମାଣ କରାଯାଇଛି। ସଂଗ୍ରହାଳୟ ପରିଦର୍ଶନ କରୁଥିବା ଶିଶୁ ଏବଂ ଯୁବକମାନେ ଏହାକୁ ଉପଭୋଗ କରିବ। ଅପ୍ରୀତିକର ଅନୁଭବ କରିବେ ନାହିଁ।

- ସଂଗ୍ରହାଳୟର ଲୋଗୋ ଦେଶ ଏବଂ ଗଣତନ୍ତ୍ରର ପ୍ରତୀକ ଧର୍ମଚକ୍ର ଧରିଥିବା ଭାରତର ଲୋକଙ୍କ ପ୍ରତିନିଧିତ୍ୱ କରେ। ସଂଗ୍ରହାଳୟ ପାଇଁ କୌଣସି ଗଛ କଟାଯାଇ ନାହିଁ କିମ୍ବା ଅପସାରଣ କରାଯାଇ ନାହିଁ, ଶକ୍ତି ସଂରକ୍ଷଣର ଏକ ସ୍ଥାୟୀ ପଦ୍ଧତି ବ୍ୟବହାର କରାଯାଇଛି।



### ପ୍ରିୟ ପିଏମ୍‌ଙ୍କ ସ୍ୱାକ୍ଷରିତ ପତ୍ର

ଆପଣଙ୍କ ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ସ୍ୱାକ୍ଷରିତ ଏକ ଶୁଭେଚ୍ଛାମୂଳକ ପତ୍ର ଆପଣଙ୍କ ନାଁରେ ପାଇପାରିବେ।



### ଭବିଷ୍ୟତ ଭାରତ ଦେଖନ୍ତୁ

ଏକ ଭର୍ଚୁଆଲ୍ ହେଲିକପ୍ଟରର ପୋଡରେ ବସିଥିବା ବେଳେ ଦେଶର ଉଚ୍ଚତମ ବ୍ରିଜ୍, ଟନେଲ୍ ଏବଂ ସୌର ପାର୍କ ସହିତ ଦେଶର ରୋମାଞ୍ଚକ ଭବିଷ ଯାତ୍ରାକୁ 180 ଡିଗ୍ରୀ ପ୍ରୋଜେକସନରେ ଅନୁଭବ କରିପାରିବ |

### ଟାଇମ୍ ମସିନ୍

ଏକ କଷ୍ଟମ୍-ନିର୍ମିତ ଟାଇମ୍ ମସିନ୍ ମାଧ୍ୟମରେ ଅତୀତକୁ ପୁନଃ ଜୀବନ୍ତ କରନ୍ତୁ

### ପ୍ରଧାନମନ୍ତ୍ରୀଙ୍କ ସ୍ମରଣୀୟ ଭାଷଣ ଶୁଣନ୍ତୁ

ଆପଣ ଏଠାରେ ଲାଲ୍‌କିଲ୍ଲାରୁ ବିଭିନ୍ନ ପ୍ରଧାନମନ୍ତ୍ରୀ ଦେଇଥିବା ସ୍ମରଣୀୟ ଭାଷଣକୁ ଭାଷଣ ଶୁଣିପାରିବେ

### କିଡ୍ସ ଜୋନ୍

ଏଠାରେ ଇମର୍ସିଭ୍ ସ୍କ୍ରିନ୍ ମାଧ୍ୟମରେ ଇସ୍ରୋର ମିଶନ୍ ମଙ୍ଗଳଯାନ ଏବଂ ଅନ୍ୟ ମିଶନକୁ ଅନୁଭବ କରନ୍ତୁ। ଆପଣଙ୍କର ସୃଷ୍ଟି ହୋଇଥିବା ଚିତ୍ରଗୁଡ଼ିକ ଏକ ଡିଜିଟାଲ୍ ସ୍କ୍ରିନରେ ଲାଇଭ୍ ଯିବାକୁ ଦେଖନ୍ତୁ।

# ତଥ୍ୟ ଯାହା ପ୍ରଧାନମନ୍ତ୍ରୀଙ୍କ ବିଷୟରେ ଜ୍ଞାନ ବଢ଼ାଇଥାଏ

**ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ ଶାସନ-ପ୍ରଶାସନ, ଆହ୍ୱାନକୁ ମୁକାବିଲା କରିବାର ପ୍ରକ୍ରିୟା ବିଷୟରେ ତ ସୂଚନା ରହିଛି, ଏହା ସହ ପ୍ରଧାନମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ଜୀବନ ସହ ଜଡ଼ିତ ସୂଚନା ବି ରହିଛି, ବିଶେଷ ପ୍ରସଙ୍ଗକୁ ମଧ୍ ଧ୍ୟାନ ଦିଆଯାଇଛି।**

- ଲାଲ ବାହାଦୁର ଶାସ୍ତ୍ରୀ ତାଙ୍କ ଶ୍ୱଶୁରଙ୍କଘରର ଏକ ଚରଖାକୁ ତାଙ୍କ ବିବାହରେ ଉପହାର ରୂପେ ଗ୍ରହଣ କରିଥିଲେ। ସେହି ଚରଖା ସଂଗ୍ରହାଳୟରେ ରଖାଯାଇଛି। ଏହା ସହ ଡାକଘରେ ଥିବା ତାଙ୍କ ସଞ୍ଚୟ ଖାତା ବି ରହିଛି ଯାହା ତାଙ୍କ ସରଳତା ଓ ସଚ୍ଚୋଟପଣିଆକୁ ବୟାନ କରେ।
- ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେବା ପୂର୍ବରୁ ମୋରଜୀ ଦେଶାଇ ଗୁଜରାଟର ଡେପୁଟି କଲେକ୍ଟର ଭାବରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ।
- ଚୌଧରୀ ଚରଣ ସିଂ ଜମିଦାରୀ ପ୍ରଥା ରଦ୍ଦ ପାଇଁ ଗଭୀର ଭାବରେ ଆଗ୍ରହୀ ଥିଲେ। ସଂଗ୍ରହାଳୟରେ ଜମିଦାରୀ ରଦ୍ଦ ଉପରେ ସେ ଲେଖିଥିବା ଗୁରୁତ୍ୱପୂର୍ଣ୍ଣ ପୁସ୍ତକକୁ ସାମିଲ୍ କରାଯାଇଛି।
- ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ବିଷୟରେ ଅନେକେ ଜାଣନ୍ତି ନାହିଁ ଯେ ସେ କନ୍ୟାକୁମାରୀରୁ ଦିଲ୍ଲୀ ପର୍ଯ୍ୟନ୍ତ 'ଭାରତ ଯାତ୍ରା' ନାମରେ ଏକ ପଦଯାତ୍ରା କରିଥିଲେ। ଜାନୁୟାରୀ 6 ରୁ 25 ଜୁନ୍ 1983 ପର୍ଯ୍ୟନ୍ତ ଏହି ଯାତ୍ରାରେ ସେ ପ୍ରାୟ 4,260 କିଲୋମିଟର ଚାଲିଥିଲେ।

# ଏହି ସଂଗ୍ରହାଳୟଗୁଡ଼ିକୁ ମଧ୍ ଦେଖନ୍ତୁ


- **ଭାରତୀୟ ସଂଗ୍ରହାଳୟ:** କୋଲକାତାରେ 1814 ମସିହାରେ ସ୍ଥାପିତ ଏହି ସଂଗ୍ରହାଳୟ କେବଳ ଭାରତରେ ନୁହେଁ ବରଂ ଏସିଆ ପ୍ରଶାନ୍ତ କ୍ଷେତ୍ରର ସର୍ବ ପୁରାତନ ତଥା ସର୍ବବୃହତ ସଂଗ୍ରହାଳୟଭାବେ ପରିଚିତ। ପୁରାତନ, ଅସ୍ତ୍ରଶସ୍ତ୍ର ଏବଂ ଅଳଙ୍କାର, ଜୀବାଶ୍ମ, କଙ୍କାଳ, ପୁରାତନ ସଂରକ୍ଷିତ ଶବ ଏବଂ ମୋଗଲ ଚିତ୍ରଗୁଡ଼ିକର ଏକ ବିରଳ ସଂଗ୍ରହ ସହିତ ଏହାର ଏକ ଅନନ୍ୟ ମୁଦ୍ରା ସଂଗ୍ରହ ଅଛି।
- **ଜାତୀୟ ରେଳ ସଂଗ୍ରହାଳୟ**, ନୂଆଦିଲ୍ଲୀରେ ଅବସ୍ଥିତ। ଯେଉଁଠାରେ ଭାରତୀୟ ରେଳର 140 ବର୍ଷର ଐତିହ୍ୟ ଦେଖିବା ଏବଂ ବୁଝିବାକୁ ସୁଯୋଗ ମିଳେ। ଏଠାରେ ଜଣେ ମହାରାଜାଙ୍କ ରୋଲିଂ ସାଲୁନ୍ ସହ ଫେରିକୁଇନ୍, ବାଷ୍ପୀୟଇଞ୍ଜିନ୍, କୋଇଲା ଚାଳିତ ଯାନର ମଡେଲ୍ ଦେଖିପାରିବେ । ଏହି ସଂଗ୍ରହାଳୟରେ ଦୁନିଆର ସର୍ବ ପୁରାତନ ଚାଲୁଥିବା ଟ୍ରେନ୍ ମଧ୍ ରହିଛି, ଯାହାର ଇଞ୍ଜିନ 1855 ରେ ନିର୍ମିତ ହୋଇଥିଲା।
- **ଆରବିଆଇ ମୁଦ୍ରା ସଂଗ୍ରହାଳୟ, ମୁମ୍ବାଇ:** ମୁଦ୍ରା, ଟଙ୍କାର ବିକାଶ କାହାଣୀ ଏହି ସଂଗ୍ରହାଳୟରେ ଦେଖିବାକୁ ମିଳେ, ଷଷ୍ଠ ଶତାବ୍ଦୀର ମୁଦ୍ରାଠାରୁ ଆଜି ପର୍ଯ୍ୟନ୍ତ ଇ-ମୁଦ୍ରା ପର୍ଯ୍ୟନ୍ତ ସବୁକିଛି ଏଠାରେ ଅଛି ।
- **ବିରାସତ୍-ଇ-ଖାଲସା:** ଶିଖ୍ ଧର୍ମ ସଂଗ୍ରହାଳୟ ସହିତ ଜଡ଼ିତ, ଯାହା ପଞ୍ଜାବର ଆନନ୍ଦପୁର ସାହିବରେ ଅବସ୍ଥିତ। ଶିଖ୍ ଇତିହାସର 500 ବର୍ଷ ଏବଂ ଖାଲସାର 300 ତମ ବାର୍ଷିକୀ ପାଳନ ଅବସରରେ ଏହି ସଂଗ୍ରହାଳୟ ନିର୍ମାଣ କରାଯାଇଥିଲା। ଏହା ଦଶମ ତଥା ଶେଷ ଗୁରୁ ଗୋବିନ୍ଦ ସିଂଙ୍କ ଶାସ୍ତ୍ର ଉପରେ ଆଧାରିତ ଏବଂ ଏସିଆର ସର୍ବାଧିକ ପରିଦର୍ଶିତ ସଂଗ୍ରହାଳୟ ଭାବରେ ରେକର୍ଡ ହୋଇଛି।
- **ପତଙ୍ଗ ସଂଗ୍ରହାଳୟ, ଅହମ୍ମଦାବାଦ:** ଏହି ପତଙ୍ଗ ସଂଗ୍ରହାଳୟ ହେଉଛି ଦେଶର ପ୍ରଥମ ଏବଂ ଏକମାତ୍ର ପତଙ୍ଗ ସଂଗ୍ରହାଳୟ। ଏହା ବିଶ୍ୱରେ ଦ୍ୱିତୀୟ ମାନ୍ୟତା ପାଇଛି। 26 ଫେବୃଆରୀ 1975ରେ ଏହି ସଂଗ୍ରହାଳୟ ଖୋଲା ହୋଇଥିଲା ଏବଂ ଶଙ୍କର କେନ୍ଦ୍ର ଭାବରେ ଜଣାଶୁଣା ଏହି ସଂଗ୍ରହାଳୟ, 22 ରୁ 16 ଫୁଟର ସବୁଠାରୁ ବଡ଼ ପତଙ୍ଗ ବ୍ୟତୀତ କେବଳ ପତଙ୍ଗ ଇତିହାସ ବିଷୟରେ ସୂଚନା ଏବଂ ବିଶ୍ୱର ବିରଳ ପତଙ୍ଗଗୁଡ଼ିକୁ ମଧ୍ ଦେଖିପାରେ |
- **ଭାରତୀୟ ସିନେମାର ଜାତୀୟ ସଂଗ୍ରହାଳୟ:** ଏହି ସଂଗ୍ରହାଳୟ ମୁମ୍ବାଇର ଗୁଲଶନ ମହଲ ଭବନରେ ଅବସ୍ଥିତ। ଏହି ସଂଗ୍ରହାଳୟକୁ ଜାନୁଆରୀ 19, 2019 ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍ଘାଟନ କରିଥିଲେ। ସଂଗ୍ରହାଳୟ ବିଭିନ୍ନ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ସଂଗ୍ରାମ କାହାଣୀ ଏବଂ ଭାରତୀୟ ମନୋରଞ୍ଜନ ଶିଳ୍ପର ଇତିହାସ ବିଷୟରେ ଏକ ଅନ୍ତର୍ନିହିତ ଜ୍ଞାନ ପ୍ରଦାନ କରେ।

- ଜାତୀୟ ଯୁଦ୍ଧ ମେମୋରିଆଲ୍ ନୂଆଦିଲ୍ଲୀରେ ଅବସ୍ଥିତ। ସର୍ବୋଚ୍ଚ ବଳିଦାନ ଦେଇଥିବା ସୈନିକମାନଙ୍କ ସ୍ମୃତିରେ ଏହା ନିର୍ମାଣ କରାଯାଇଛି। ବର୍ତ୍ତମାନ ଅମର ଯବାନ ଜ୍ୟୋତି ମଧ୍ ଏହିଠାରେ ପ୍ରଜ୍ୱଳିତ।
- ନୂଆଦିଲ୍ଲୀରେ ଜାତୀୟ ପୋଲିସ୍ ମେମୋରିଆଲ୍ ରହିଛି। ପୋଲିସ ଏବଂ ପାରାମିଲିଟାରୀ ଫୋର୍ସକୁ ଉତ୍ସର୍ଗୀକୃତ ଜାତୀୟ ମେମୋରିଆଲ 21 ଅକ୍ଟୋବର, 2018 ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶ ପାଇଁ ଉତ୍ସର୍ଗ କରାଯାଇଥିଲା। ସ୍ୱାଧୀନତାର ଏତେ ଦଶନ୍ଧି ପରେ ଦେଶରେ କୌଣସି ଜାତୀୟ ପୋଲିସ ମେମୋରିଆଲ ନଥିଲା।
- ଜାଲିଆନୱାଲା ବାଗ ମେମୋରିଆଲ୍: ବର୍ତ୍ତମାନର ସରକାର କମ୍ପ୍ଲେକ୍ସ ଏବଂ ମେମୋରିଆଲ୍ ଗ୍ୟାଲେରୀର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି।
- ବିପ୍ଲୋବି ଭରତ ଗ୍ୟାଲେରୀ କୋଲକାତାରେ ଅଛି। ଆଧୁନିକ ଟେକ୍ନୋଲୋଜି ମାଧ୍ୟମରେ ଏଠାରେ ବିପ୍ଳବର ପ୍ରତୀକ ଆକର୍ଷଣୀୟ କରାଯାଉଛି। ଇତିହାସର ପୃଷ୍ଠାରୁ ଆଜାଦ ହିନ୍ଦ ଫୌଜର ଅବଦାନ ଜାଣିବାକୁ ଏଠାରେ ଏକ ପ୍ରୟାସ କରାଯାଇଛି।
- ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରହାଳୟ ଶୃଙ୍ଖଳାରେ ବିର୍ସା ମୁଣ୍ଡା ଆଦିବାସୀ ସ୍ୱତନ୍ତ୍ରତା ସେନାନୀ ସଂଗ୍ରହାଳୟ, ଝାଡ଼ଖଣ୍ଡରେ ସ୍ଥାପନ କରାଯାଇଛି। ଗୁଜୁରାଟର ନର୍ମଦା ଜିଲ୍ଲାରେ ଦେଶର ଜାତୀୟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ନିର୍ମାଣ ହେଉଛି, ଯେଉଁଥିରେ 16ଟି ଗ୍ୟାଲେରୀରେ ସମଗ୍ର ଭାରତର ଆଦିବାସୀ ସ୍ୱାଧୀନତା ଆନ୍ଦୋଳନ ଏ ନେତାଙ୍କ ବିଷୟ ଉଲ୍ଲେଖ ରହିବ। ଷ୍ଟାଚ୍ୟୁ ଅଫ୍ ୟୁନିଟି ଠାରୁ ଏହି ସଂଗ୍ରହାଳୟ ପ୍ରାୟ 6 କିଲୋମିଟର ଦୂରରେ ଅବସ୍ଥିତ।

- ଭାରତରେ ପୋଷାକ ଐତିହ୍ୟ ପାଇଁ ଅହମ୍ମଦାବାଦରେ କାଲିକୋ ଟେକ୍ସଟାଇଲ୍ ସଂଗ୍ରହାଳୟ ରହିଛି। 1949 ରେ ପ୍ରତିଷ୍ଠିତ ଏହି ସଂଗ୍ରହାଳୟ କେବଳ ମୋଗଲ ସମୟରେ ନିର୍ମିତ ପୋଷାକ ପ୍ରଦର୍ଶନ କରେ ନାହିଁ, ବରଂ ଦେଶର ବିଭିନ୍ନ ସ୍ଥାନରେ ବୟନ ଶିଳ୍ପର ଅଗ୍ରଗତି ବିଷୟରେ ସୂଚନା ଦେଇଥାଏ ।

# ନୂଆ ଶିକ୍ଷା, ନୂତନ ନୀତି, ଏକ ନୂତନ ଭାରତର ନିର୍ମାଣ

ଯେପରି ଶିଶୁର ଜୀବନ ପାଇଁ ମା' କ୍ଷୀର ସବୁକିଛି ହୋଇଥାଏ, ଠିକ୍ ସେହିପରି ଶିକ୍ଷା- ଜଣେ ବ୍ୟକ୍ତି ପାଇଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଅର୍ଥପୂର୍ଣ୍ଣ ଜୀବନଯାପନ ପାଇଁ ଏକ ଅତ୍ୟାବଶ୍ୟକ ଉପାଦାନ ହୋଇଥାଏ। କିନ୍ତୁ ଶିକ୍ଷାର ଉଦ୍ଦେଶ୍ୟ କେବଳ ଡିଗ୍ରୀଧାରୀ ଯୁବକମାନଙ୍କୁ ପ୍ରସ୍ତୁତ କରିବା ନୁହେଁ, ବରଂ ଦେଶକୁ ଆଗକୁ ନେବା ପାଇଁ ଆବଶ୍ୟକ ମାନବ ସମ୍ବଳ ସୃଷ୍ଟି କରିବା। ଏହା ହେଉଛି ନୂତନ ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ। 29 ଜୁଲାଇରେ, ଏହି ଶିକ୍ଷାନୀତିର 2 ବର୍ଷ ସମାପ୍ତ ହୋଇଛି। ଏହି ଦୁଇ ବର୍ଷ ଭିତରେ, ବିଦ୍ୟାଳୟ ଶିକ୍ଷା ଠାରୁ ଆରମ୍ଭ କରିକୌଶଳ ବିକାଶ ଯାଏ ଅନେକ ନୂଆ ପଦକ୍ଷେପ ନିଆଯାଇଛି। ଏବେ ଉଚ୍ଚଶିକ୍ଷା କ୍ଷେତ୍ରରେ ଅନୁଶୀଳନ ସହ ଆଗକୁ ବଢ଼ିବାରେ ଅଛି। ଏହି ଲକ୍ଷ୍ୟ କେମିତି ହାସଲ ହୋଇପାରିବ, ସେ ନେଇ ଆବଶ୍ୟକ ଆଲୋଚନା ଲାଗି ଶିକ୍ଷା କ୍ଷେତ୍ର ସହ ଯୋଡ଼ି ହୋଇଥିବା 300ରୁ ଅଧିକ ବିଶିଷ୍ଟ ବ୍ୟକ୍ତି 7 ରୁ 9 ଜୁଲାଇ ପର୍ଯ୍ୟନ୍ତ ଧର୍ମ, ଆଧ୍ୟାତ୍ମିକତା ଏବଂ ଜ୍ଞାନର ନଗରୀ ବାରାଣସୀଠାରେ ସର୍ବ ଭାରତୀୟ ଶିଖା ସମବେଶ ରେ ଯୋଗ ଦେଇ ନିଜ ମନ୍ତବ୍ୟ ରଖିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 7 ଜୁଲାଇରୁ ଏହି ମନ୍ଥନର ଶୁଭାରମ୍ଭ କରିଥିଲେ..



ଆମ ଦେଶରେ କେବେ ପ୍ରତିଭାର ଅଭାବ ରହି ନାହିଁ। କିନ୍ତୁ ଦୁର୍ଭାଗ୍ୟ ଯେ ପରାଧୀନତା ସମୟରେ କେବଳ ଏବଂ କେବଳ ନିଯୁକ୍ତି ପାଇଁ ଶିକ୍ଷାଦାନ କରାଯାଉଥିଲା। ସେତେବେଳେ ଇଂରେଜମାନଙ୍କର ଲକ୍ଷ୍ୟ ଥିଲା ନିଜ ପାଇଁ ଏକ ସେବକ ଶ୍ରେଣୀ ସୃଷ୍ଟି କରିବା, ଯେଉଁମାନେ ତାଙ୍କ ଭାଷା ବୁଝିପାରିବେ ଏବଂ ସରକାରୀ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିବେ। ସ୍ୱାଧୀନତା ପରେ, ଏଥିରେ ସାମାନ୍ୟ ପରିବର୍ତ୍ତନ ଆସିଥିଲା, କିନ୍ତୁ ବହୁତ କିଛି ପରିବର୍ତ୍ତନ ସେମିତି ରହିଗଲା। ଅର୍ଥାତ୍ ଯେଉଁ ପରିଣାମ ମିଳିବ କଥା ତାହା ହୋଇପାରିଲା ନାହିଁ। 2020ରେ ନୂତନ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଏହା ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଆରମ୍ଭ ହେଲା। ଏକ ନୀତିରେ ଶିକ୍ଷାକୁ କେବଳ ଚାକିରି ପାଇବା ସୀମିତ ନରଖି ଯୁବପିଢ଼ିଙ୍କ ଭବିଷ୍ୟତ ଗଠନରେ ସାହାଯ୍ୟ କରିବାରେ ନିୟୋଜିତ କରାଗଲା। 7 ଜୁଲାଇରେ ଅଖିଳ ଭାରତୀୟ ଶିକ୍ଷା ସମ୍ମିଳନୀରେ ଏହି ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, "ଜାତୀୟ ଶିକ୍ଷା ନୀତିର ମୌଳିକ ପ୍ରାଥମିକତା ହେଉଛି ଶିକ୍ଷାକୁ ସଂକୀର୍ଣ୍ଣ ମନୋଭାବପୂର୍ଣ୍ଣ ବ୍ୟବସ୍ଥାରୁ ବାହାର କରି ତାହାକୁ ଏକବିଂଶ ଶତାବ୍ଦୀର ଆଧୁନିକ ଚିନ୍ତାଧାରା ସହିତ ଯୋଡ଼ିବା। "

### ପିଏମ ମୋଦୀଙ୍କ ଭାଷଣର 6 ପ୍ରମୁଖ ବିନ୍ଦୁ

1. ଆମେ କେବଳ ଡିଗ୍ରୀଧାରୀ ଯୁବକ ତିଆରି କରିବା ଉଚିତ୍ ନୁହେଁ, ବରଂ ଦେଶକୁ ଆଗକୁ ନେବା ପାଇଁ ଯେଉଁ ମାନବ ସମ୍ବଳ ଆବଶ୍ୟକ ସେହି ଅନୁସାରେ ଦେଶରେ ଶିକ୍ଷା ଦାନ କରିବା ଉଚିତ। ଏହି ସଂକଳ୍ପ ଆମ ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନଙ୍କଦ୍ୱାରା ପରିଚାଳିତ ହେବ:

2. ଆଜି ଭାରତ ହେଉଛି ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ଯରୁ ଗୋଟିଏ। ଆଜି ଆମେ ଦୁନିଆର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍। ସ୍ପେସ୍ ଟେକ୍ନୋଲୋଜି ପରି କ୍ଷେତ୍ରରେ, ଯେଉଁଠାରେ ପୂର୍ବରୁ କେବଳ ସରକାର ସବୁକିଛି କରୁଥିଲେ, ବର୍ତ୍ତମାନ ଘରୋଇ ଖେଳାଳିଙ୍କ ମାଧ୍ୟମରେ ଯୁବକମାନଙ୍କ ପାଇଁ ଏକ ନୂତନ ଜଗତ ସୃଷ୍ଟି ହେଉଛି। ଦେଶର ଝିଅମାନଙ୍କ ପାଇଁ, ଯେଉଁ କ୍ଷେତ୍ରଗୁଡିକ ବନ୍ଦ ହୋଇ ରହୁଥିଲା, ଆଜି ସେହି କ୍ଷେତ୍ରଗୁଡିକରେ ଝିଅମାନେ ନିଜ ପ୍ରତିଭାର ଉଦାହରଣ ଉପସ୍ଥାପନ କରୁଛନ୍ତି।

# ଦିବ୍ୟ, ଭବ୍ୟ ଏବଂ ନବ୍ୟ କାଶୀ

*ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମଥର ପାଇଁ କାଶୀରୁ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାଲାଗି ପହଞ୍ଚିଥିଲେ, ସେତେବେଳେ ସେ ତାଙ୍କ ସହ ଗୁଜରାଟର ବିକାଶ ମଡେଲ ଆଣିଥିଲେ। କିନ୍ତୁ ସେ ଆଧ୍ୟାତ୍ମିକ, ଧାର୍ମିକ ତଥା ସାଂସ୍କୃତିକ ସହର କାଶୀରେ ବିକାଶର ଏକ ନୂତନ ମଡେଲ ଉପସ୍ଥାପନ କରିଥିଲେ, ଯାହାକୁ 'କାଶୀ ମଡେଲ' କୁହାଯାଏ। ପରମ୍ପରା ଏବଂ ଆଧୁନିକତାର ସର୍ବୋତ୍ତମ ମିଶ୍ରଣ ଏହି ମଡେଲରେ ଦେଖାଯାଏ। ଦେଶର ମଙ୍ଗ ଧରିଲା ପରେ ଯେତେବେଳେ ବି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ସଂସଦୀୟ କ୍ଷେତ୍ରକୁ ଆସନ୍ତି, ସେତେବେଳେ ସେ କୋଟି କୋଟି ଟଙ୍କା ଉପହାର ନେଇ ଆସନ୍ତି। 7 ଜୁଲାଇରେ, ସେ ପୁଣିଥରେ କାଶୀକୁ ପ୍ରଦାନ କରିଛନ୍ତି 1800 କୋଟି ଉପହାର ।*

କାଶୀ ସମଗ୍ର ଦେଶକୁ ଏପରି ଚିତ୍ର ଦେଖାଇଛି, ଯେଉଁଥିରେ ଐତିହ୍ୟ ସହିତ ବିକାଶ ଅନ୍ତର୍ନିହିତ। ଏଠାରେ ହଜାରହଜାର କୋଟି ଟଙ୍କା ମୂଲ୍ୟର ଯୋଜନା ଏବଂ ପ୍ରକଳ୍ପ ସମାପ୍ତ ହୋଇଛି ଏବଂ ଅନେକ କାର୍ଯ୍ୟ ଚାଲିଛି। ଜୁଲାଇ 7ରେ ପ୍ରାୟ 1,800 କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ କାଶୀରେ ଆଧୁନିକ ଭିତ୍ତିଭୂମି ବିସ୍ତାର ହେଉଛି। ଶିକ୍ଷା, କୌଶଳ, ପରିବେଶ, ସ୍ୱଚ୍ଛତା, ବ୍ୟବସାୟ ପାଇ; ଯେତେବେଳେ ପ୍ରୋତ୍ସାହନ ମିଳେ, ନୂଆ ସଂସ୍ଥାନ ଗଢ଼ି ଉଠେ, ଆସ୍ଥା ଓ ଆଧ୍ୟାତ୍ମ ସହ ଯୋଡ଼ା ପବିତ୍ର ସ୍ଥାନଗୁଡ଼ିକର ଦିବ୍ୟତାକୁ ଆଧୁନିକ ଭବ୍ୟତା ସହ ଯୋଡ଼ା ଯାଏ, ତେବେ ବିକାଶ ପ୍ରଗତିଶୀଳ ହୋଇଥାଏ। ଯେତେବେଳେ ଗରିବଙ୍କୁ ଘର, ବିଜୁଳି, ପାଣିଳ ଶୌଚାଳୟ, ଭଳି ସୁବିଧା ମିଳେ, ରାସ୍ତାକଡ଼ ବ୍ୟବସାୟୀ ହୁଅନ୍ତୁ ବା ହସ୍ତଶିଳ୍ପ ବ୍ରବସାୟୀଙ୍କୁ ଲାଭ ମିଳେ ସେତେବେଳେ ବିକାଶ ସମ୍ବେଦନଶୀଳ ହୋଇଥାଏ।

## 1800 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ

- 590 କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପ ଉଦ୍ଘାଟନ କରାଯାଇଥିଲା, ଏଥିରେ ବାରାଣସୀ ସ୍ମାର୍ଟ ସିଟି ଏବଂ ସହରୀ ପ୍ରକଳ୍ପ ଅଧୀନରେ ଅନେକ ପଦକ୍ଷେପ ଅନ୍ତର୍ଭୁକ୍ତ।
- ବାବତପୁର-କାପସେଥୀ-ଭଦୋହି ରାସ୍ତାରେ ଚାରି ଲେନ ବିଶିଷ୍ଟ ଓଭର ବ୍ରିଜ ନିର୍ମାଣ, 7 ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ଏବଂ ଧରାସୁନା-ସିନ୍ଧୁରା ରାସ୍ତାର ପ୍ରଶସ୍ତିକରଣ ସହିତ ବିଭିନ୍ନ ସଡ଼କ ପ୍ରକଳ୍ପ ମଧ ଉଦ୍ଘାଟନ କରାଯାଇଥିଲା।
- ସ୍ୱେରେଜ୍ ଏବଂ ଜଳ ଯୋଗାଣର ବିକାଶ ପାଇଁ ଜଡ଼ିତ ଅନେକ ପ୍ରକଳ୍ପର ଉଦ୍ଘାଟନ।
- ପ୍ରଧାନମନ୍ତ୍ରୀ 1200 କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପର ମୂଳଦୁଆ ପକାଇଛନ୍ତି। ଏଥିରେ ଅନେକ ସଡ଼କ ପ୍ରକଳ୍ପ, ସମ୍ପ୍ରସାରଣ କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପଗୁଡ଼ିକ ସହର ଏବଂ ଗ୍ରାମାଞ୍ଚଳ ରାସ୍ତାରେ ଯାତାୟାତ ଭାର ହ୍ରାସ କରିବାରେ ବହୁଦୂର ଯିବ।
- ଏହି ଅଞ୍ଚଳରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାପାଇଁ ପ୍ରଧାନମନ୍ତ୍ରୀ ବିଶ୍ୱ ବ୍ୟାଙ୍କ ସହାୟତାପ୍ରାପ୍ତ ଉତ୍ତରପ୍ରଦେଶ ଗରିବ ସମର୍ଥକ ପର୍ଯ୍ୟଟନ ବିକାଶ ପ୍ରକଳ୍ପ ଅଧୀନରେ ଅନେକ ପ୍ରକଳ୍ପ ପାଇଁ ମୂଳଦୁଆ ପକାଇଲେ।
- ପ୍ରଧାନମନ୍ତ୍ରୀ ମୋଦୀ ମଧ ସିଗରାସ୍ଥିତ ସ୍ପୋର୍ଟସ୍ ଷ୍ଟାଡିୟମର ପୁନଃନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟର ମୂଳଦୁଆ ପକାଇଥିଲେ।

## ବାରାଣସୀକୁ ମିଳିଲା ଅକ୍ଷୟ ପାତ୍ର ରୋଷେଇର ଉପହାର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ବାରାସୀ ଗସ୍ତ ସମୟରେ ଅକ୍ଷୟ ପାତ୍ର ରୋଷେଇ ବ୍ୟବସ୍ଥାକୁ ମଧ ଉଦ୍‌ଘାଟନ କରିଥିଲେ। ଏହା ହେଉଛି ଦେଶର 62 ତମ ଅକ୍ଷୟ ପାତ୍ର ରୋଷେଇ ଘର ଏବଂ ଉତ୍ତରପ୍ରଦେଶରେ ଚତୁର୍ଥ। ଅକ୍ଷୟ ପାତ୍ର ଏକ ସ୍ୱୟଂ ସହାୟକ ସଂସ୍ଥ, ଏହା ୟୁପି ସମେତ ଦେଶର 12 ଟି ରାଜ୍ୟରେ ସ୍କୁଲ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇଥାଏ। ଭାରତର ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ କେନ୍ଦ୍ର ସରକାରଙ୍କ ସବୁଠାରୁ ବଡ଼ ସହଯୋଗୀ ହେଉଛି ଅକ୍ଷୟ ପାତ୍ର। ସରକାରୀ-ଘରୋଇ ସହଯୋଗ ହେଉଛି ଏହି ପ୍ରକଳ୍ପର ମୂଳଦୁଆ। ଏହି ସଂସ୍ଥା ଦେଶର 14,702 ବିଦ୍ୟାଳୟରେ ପ୍ରାୟ 17 ଲକ୍ଷ ଛାତ୍ରଛାତ୍ରୀଙ୍କୁ ମାଗଣା ଭୋଜନ ଯୋଗାଇଥାଏ। ଆଜି ବାରାଣସୀରେ ଅକ୍ଷୟ ପାତ୍ର ରୋଷେଇର 62 ତମ କେନ୍ଦ୍ର ଖୋଲିଛି। ଏହି ଅକ୍ଷୟ ପାତ୍ର ରୋଷେଇ ଘରେ ଏକ ଲକ୍ଷ ଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରାନ୍ଧାଯାଇପାରିବ।

3. ନୂତନ ଶିକ୍ଷାନୀତିର ସମ୍ପୂର୍ଣ୍ଣ ଧ୍ୟାନ ପିଲାମାନଙ୍କୁ ସେମାନଙ୍କର ପ୍ରତିଭା ଏବଂ ପସନ୍ଦ ଅନୁଯାୟୀ ଦକ୍ଷ କରିବା ଉପରେ ଆଧାରିତ। ଆମର ଯୁବକମାନେ ଦକ୍ଷ, ଆତ୍ମବିଶ୍ୱାସରେ ସମ୍ପନ୍ନ ହେବା ଉଚିତ୍, ଶିକ୍ଷା ନୀତି ଏଥିପାଇଁ ଭୂମି ପ୍ରସ୍ତୁତ କରୁଛି।
4. ନୂତନ ଜାତୀୟ ଶିକ୍ଷା ନୀତି ପାଇଁ ଦେଶର ଶିକ୍ଷା କ୍ଷେତ୍ରରେ ବୃହତ ଭିତ୍ତିଭୂମି ସୃଷ୍ଟି ଲାଗି କାର୍ଯ୍ୟ କରାଯାଇଛି। ଆଜି ଦେଶରେ ବହୁ ସଂଖ୍ୟକ ନୂତନ କଲେଜ ଖୋଲୁଛି, ନୂତନ ବିଶ୍ୱବିଦ୍ୟାଳୟ ଖୋଲୁଛି, ନୂତନ ଆଇଆଇଟି ଏବଂ ଆଇଆଇଏମ୍ ପ୍ରତିଷ୍ଠା କରାଯାଉଛି।
5. ଜାତୀୟ ଶିକ୍ଷା ନୀତି ବର୍ତ୍ତମାନ ମାତୃଭାଷାରେ ଅଧ୍ୟୟନ ପାଇଁ ବାଟ ଖୋଲିଛି। ଏହିକ୍ରମରେ ସଂସ୍କୃତପରି ପ୍ରାଚୀନ ଭାରତୀୟ ଭାଷାଗୁଡ଼ିକ ମଧ ପ୍ରୋତ୍ସାହିତ ହେଉଛି।
6. ଆଗାମୀ ସମୟରେ ଭାରତ ବିଶ୍ୱର ସର୍ବଭାରତୀୟ ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହୋଇପାରେ। ଏଥିପାଇଁ ଆମକୁ ଆମର ଶିକ୍ଷା ବ୍ୟବସ୍ଥାକୁ ଆନ୍ତର୍ଜାତୀୟ ସ୍ତରରେ ପ୍ରସ୍ତୁତ କରିବାକୁ ପଡିବ। ଦେଶ ମଧ ଏହି ଦିଗରେ ନିରନ୍ତର ଉଦ୍ୟମ କରୁଛି। ●

# ଅନ୍ତର୍ଭୁକ୍ତି: ବଞ୍ଚିତ ବର୍ଗଙ୍କ ନିକଟରେ ପହଞ୍ଚିବା ଲାଗି ବିକାଶର ରାସ୍ତା




**ଭାରତୀୟ ଇତିହାସରେ ଅନ୍ତର୍ଭୁକ୍ତି ବିକାଶ କିଛି ନୂଆ କଥା ନୁହେଁ। ପ୍ରାଚୀନ ଧର୍ମଗ୍ରନ୍ଥଗୁଡ଼ିକରେ ସମସ୍ତଙ୍କୁ ସାଙ୍ଗରେ ନେଇ ଏକାଠି ଚାଲିବାର ଭାବନା ବ୍ୟକ୍ତ ହୋଇଛି। 'ସର୍ବେ ଭବନ୍ତୁ ସୁଖିନଃ'ରେ ଏହି କଥା ବେଶ୍ ପରିସ୍ଫୁଟିତ। ଭାରତରେ ଏହି ଆଧାରରେ ଅନେକଥର ଆର୍ଥିକରୁ ସାମାଜିକ ସ୍ତରରେ ସଂସ୍କାର ପ୍ରୟାସ ହୋଇଛି। କିନ୍ତୁ ଏଥିରେ ଥିବା ବିଭେଦକୁ ସୁଧାରିବା ପାଇଁ ସରକାର ଏବେ ପୂର୍ଣ୍ଣ ପ୍ରୟାସ କରୁଛନ୍ତି। ଏଥିରେ ରାଷ୍ଟ୍ରହିତ ଓ ଜନହିତକୁ ଯୋଡ଼ାଯାଇଛି। ନୂଆ ଭାରତରେ ଏହି ଅନ୍ତର୍ଭୁକ୍ତିକୁ ପୁଣିଥରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫ ଜୁଲାଇ ଦିନ ଅରୁଣ ଜେଟ୍‌ଲୀ ସ୍ମୃତିସଭାରେ ଦୋହରାଇଥିଲେ।**

ଅନ୍ତର୍ଭୂକ୍ତି ବିକାଶର ଅର୍ଥ ଏମିତି ଏକ ବିକାଶ ପ୍ରକ୍ରିୟାକୁ ଇଙ୍ଗିତ କରେ ଯେଉଁଠାରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ ରହିଥାଏ। ସରକାରୀ ଯୋଜନାର ଲାଭ ସମାଜର ଶେଷ ଭାଗରେ ପହଞ୍ଚେ। ସବୁ ବର୍ଗକୁ ମୌଳିକ ସୁବିଧା ଯୋଗାଇବା, ଅର୍ଥାତ୍ ଗୃହ, ଖାଦ୍ୟ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ତଥା ସମ୍ମାନଜନକ ଜୀବନଯାପନ ପାଇଁ ଜୀବିକାର ମାଧ୍ୟମ ସୃଷ୍ଟି କରିବା ଉପରେ ଅନ୍ତର୍ଭୂକ୍ତ ବିକାଶ ଗୁରୁତ୍ୱ ଦିଏ। ଏସବୁ ସହିତ ଅନ୍ତର୍ଭୂକ୍ତି ବିକାଶ ପାଇଁ ପରିବେଶ ସଂରକ୍ଷଣ ତଥା ଯତ୍ନ ମଧ୍ୟ ଆବଶ୍ୟକ, କାରଣ ପରିବେଶ ମୂଲ୍ୟରେ ହେଉଥିବା ବିକାଶ କେବେ ସ୍ଥାୟୀ କିମ୍ବା ଅନ୍ତର୍ଭୁକ୍ତି ହୋଇ ନପାରେ।

ଅନ୍ତର୍ଭୂକ୍ତି ବିନା, ପ୍ରକୃତ ବିକାଶ ସମ୍ଭବ ନୁହେଁ ଏବଂ ବିକାଶ ବିନା ଅନ୍ତର୍ଭୂକ୍ତିର ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ। ଅମୃତବର୍ଷ ସମୟରେ ଯେତେବେଳେ ସ୍ୱାଧୀନତାର 100ତମ ବର୍ଷରେ ଭାରତ କିପରି ହେବ ସେ ନେଇ ଦେଶ ପ୍ରସ୍ତୁତ ହେଉଛି, ସେତେବେଳେ ଅନ୍ତର୍ଭୂକ୍ତି ବିକାଶ ପ୍ରସଙ୍ଗ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଅରୁଣ ଜେଟଲୀ ସ୍ମାରକୀ ବକ୍ତୃତାରେ " ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ବିକାଶ ଏବଂ ବିକାଶ ମାଧ୍ୟମରେ ଅନ୍ତର୍ଭୁକ୍ତିକରଣ' ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ଆଠ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ସଂକଳ୍ପର ଚିତ୍ରକୁ ଲୋକଙ୍କ ସାମ୍ନାରେ ରଖିଥିଲେ। ସେ କହିଥିଲେ, "ଗତ ଆଠ ବର୍ଷ

# ଅନ୍ତର୍ଭୁକ୍ତି ଦ୍ୱାରା ଏମିତି ବିକାଶ ରାସ୍ତାରେ ଚାଲୁଛି ଭାରତ

## 45 କୋଟିରୁ ଅଧିକ ଜନ ଧାନ ଖାତା

ଗତ ଆଠ ବର୍ଷ ମଧ୍ୟରେ ଭାରତ 45 କୋଟିରୁ ଅଧିକ ଜନ ଧାନ ବ୍ୟାଙ୍କ ଆକାଉଣ୍ଟ ଖୋଲିଛି। ଏହି ସଂଖ୍ୟା ଜାପାନ, ଜର୍ମାନୀ, ବ୍ରିଟେନ, ଇଟାଲୀ, ମେକ୍ସିକୋର ମୋଟ ଜନସଂଖ୍ୟା ସହିତ ସମାନ।

## 209 ନୂତନ ମେଡିକାଲ କଲେଜ

ଆୟୁଷ୍ମାନ ଭାରତ ପରି ସ୍ୱାସ୍ଥ୍ୟ ବୀମା ଯୋଜନା ଦ୍ୱାରା ଦେଶର ଏତେ ବଡ଼ ଜନ ସଂଖ୍ୟାକୁ ମାଗଣା ଚିକିତ୍ସା ସୁବିଧା ଯୋଗାଇବା ସହ ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଧ୍ୟ ଉନ୍ନତ କରାଯାଇଛି। ଗତ 7-8 ବର୍ଷରେ, ପୂର୍ବାପେକ୍ଷା 4 ଗୁଣାରୁ ଅଧିକ ବା ପ୍ରାୟ 209 ଟି ନୂତନ ମେଡିକାଲ୍ କଲେଜ ନିର୍ମାଣ କରାଯାଇଛି। ମେଡିକାଲ କଲେଜଗୁଡ଼ିକରେ ଆସନ ସଂଖ୍ୟା ଦ୍ୱିଗୁଣିତ ହୋଇଛି।

## 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା

ଆୟୁଷ୍ମାନ ଭାରତ ଅଧୀନରେ 50 କୋଟିରୁ ଅଧିକ ଜନସଂଖ୍ୟା ପ୍ରତିବର୍ଷ 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ପାଉଛନ୍ତି। ଗତ 4 ବର୍ଷ ମଧ୍ୟରେ ସାଢ଼େ ତିନି କୋଟିରୁ ଅଧିକ ଲୋକ ଏହି ଯୋଜନା ଅଧୀନରେ ସେମାନଙ୍କର ମାଗଣା ଚିକିତ୍ସା କରାଇଛନ୍ତି। ଦୀର୍ଘ ସମୟ ଧରି ଏହି ଜନ ସଂଖ୍ୟା ସ୍ୱାସ୍ଥ୍ୟ ସୁବିଧାଠାରୁ ଦୂରରେ ଥିଲା।

## ସାରା ଦେଶରେ 3 କୋଟି ପକ୍କା ଘର

ଗତ 8 ବର୍ଷ ମଧ୍ୟରେ ଭାରତରେ ଗରିବ ଲୋକଙ୍କ ପାଇଁ 3 କୋଟି ପକ୍କା ଘର ନିର୍ମାଣ ହୋଇଛି। ଦୁନିଆର ଅନେକ ଦେଶର ଜନସଂଖ୍ୟା ମଧ୍ୟ ଏତେ ଅଧିକ ନୁହେଁ। ରାସ୍ତାରେ ପଡ଼ି ନଷ୍ଟ ହେଉଥିବା ଖାଦ୍ୟ ଫସଲ ବର୍ତ୍ତମାନ କିସାନ ରେଳ ଏବଂ କୃଷି ଉଡାନ ଭଳି ଯୋଜନା ମାଧ୍ୟମରେ ସେହି ଅଞ୍ଚଳରେ ପହଞ୍ଚୁଛି, ଯାହା କୃଷକମାନେ କେବେ କଳ୍ପନା କରୁ ନଥିଲେ।

- ବିଗତ ଆଠବର୍ଷ ମଧ୍ୟରେ ଭାରତ 9 କୋଟିରୁ ଅଧିକ ମହିଳାଙ୍କୁ ମାଗଣା ଗ୍ୟାସ ସଂଯୋଗ ଦେଇଛି। ଏହି ସଂଖ୍ୟା ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ସିଙ୍ଗାପୁର, ନ୍ୟୁଜିଲ୍ୟାଣ୍ଡର ମୋଟ ଜନସଂଖ୍ୟାଠାରୁ ଅଧିକ।
- ଭାରତର ଡିଜିଟାଲ ଇଣ୍ଡିଆ ମିଶନ ପ୍ରାୟ 5 ଲକ୍ଷ ସାଧାରଣ ସେବା କେନ୍ଦ୍ର ମାଧ୍ୟମରେ ଗାଁରେ ରହୁଥିବା ଗରିବ ଲୋକଙ୍କୁ ଇଣ୍ଟରନେଟ ପହଞ୍ଚାଯାଇଛି। ଭାରତର ଭିମ୍-ୟୁପିଆଇ କୋଟି କୋଟି ଗରିବଙ୍କୁ ଡିଜିଟାଲ୍ ପେମେଣ୍ଟ ସୁବିଧା ସହ ସଂଯୋଗ କରାଯାଇପାରିଛି।
- ଭାରତର ସ୍ୱନିଧି ଯୋଜନା ରାସ୍ତାକଡ଼ ବିକ୍ରେତାମାନଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆଣିବା ଲାଗି ସୁଯୋଗ ଦେଇଛି। ଯେ ସମାଜର ଏମିତି ଏକ ଗର୍ବ ଯାହାଙ୍କୁ ଗ୍ୟାରେଣ୍ଟି ଅଭାବରୁ ପୂର୍ବରୁ କେବେ ଏମିତି ସୁବିଧା ପହଞ୍ଚାଯାଇ ନଥିଲା।
- ବିକାଶ କ୍ଷେତ୍ରରେ ପଛୁଆ ଥିବା 100 ଟି ଜିଲ୍ଲା ଚୟନ କରି, ସେଗଡ଼ିକୁ ଅନ୍ୟ ଜିଲ୍ଲାଗୁଡ଼ିକର ସମକକ୍ଷ କରିବା ତଥା ସ୍ୱତନ୍ତ୍ର ଧ୍ୟାନ ଦେବା ଲାଗି ଆକାଂକ୍ଷୀ ଜିଲ୍ଲା ଅଭିଯାନ ଆରମ୍ଭ ହୋଇଛି।
- ଉଡାନ ଯୋଜନା ମାଧ୍ୟମରେ ଦେଶର ଅନେକ ପତିତ ଏୟାରଷ୍ଟ୍ରୀପ୍‌କୁ ପୁନର୍ଜୀବିତ କରାଯାଇଛି। ନୂତନ ବିମାନବନ୍ଦର ନିର୍ମାଣ ସହ ବହୁ ଦୂରଦୂରାନ୍ତର ଟିୟର-୨ ଏବଂ ଟିୟର-3 ସହରରେ ପହଞ୍ଚିଲା। ନିର୍ଦ୍ଧାରିତ ପରିମାଣରେ ସେ ବିମାନରେ ଯାତ୍ରା ର ଏକ ଡିଜାଇନ୍ ପ୍ରସ୍ତୁତ କଲେ ଏବଂ ଏୟାର ଚପଲ ପିନ୍ଧିଥିବା ବ୍ୟକ୍ତି ବର୍ତ୍ତମାନ ବିମାନରେ ବସିପାରିବେ।
- ଭାରତର ନୂତନ ଜାତୀୟ ଶିକ୍ଷା ନୀତି ମାତୃଭାଷାରେ ଅଧ୍ୟୟନ ପାଇଁ ଗୁରୁତ୍ୱ ଦେଉଛି। ଯେଉଁମାନେ ଇଂରାଜୀ ଜାଣନ୍ତି ନାହିଁ, ସେମାନେ ବର୍ତ୍ତମାନ ମାତୃଭାଷାରେ ମଧ୍ୟ ଅଧ୍ୟୟନ କରିପାରିବେ।
- ଜଳଜୀବନ ମିଶନ୍ ଦେଶର ପ୍ରତ୍ୟେକ ଘରକୁ ଟ୍ୟାପ୍ ମାଧ୍ୟମରେ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖିଛି। ମାତ୍ର ତିନି ବର୍ଷ ମଧ୍ୟରେ, ଏହି ମିଶନ ଦ୍ୱାରା 6 କୋଟିରୁ ଅଧିକ ପରିବାରକୁ ଜଳ ସଂଯୋଗ କରାଯାଇଛି। ଏହି ଅନ୍ତର୍ଭୁକ୍ତିକରଣ ଆଜି ଦେଶର ସାଧାରଣ ଲୋକଙ୍କ ଜୀବନକୁ ସହଜ କରିଛି।
- ଦେଶର ଗ୍ରାମାଞ୍ଚଳରେ ଘର ଏବଂ କୋଠାର ମ୍ୟାପିଂ ସ୍ୱାମୀତ୍ୱ ଯୋଜନା ମାଧ୍ୟମରେ ବ୍ୟାପକ ହୋଇପାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଆମେ ଡ୍ରୋନ୍ ସାହାଯ୍ୟରେ ଭାରତର 1.5 ଲକ୍ଷ ଗ୍ରାମରେ ଏହି କାର୍ଯ୍ୟ କରିଛୁ। 80 ଲକ୍ଷରୁ ଅଧିକ ଲୋକଙ୍କ ସମ୍ପତ୍ତି କାର୍ଡ ପ୍ରସ୍ତୁତ କରାଯାଇଛି।
- ଆମ ସରକାର ଏଭଳି ଦେଢ଼ ହଜାର ଆଇନକୁ ରଦ୍ଦ କରିଛନ୍ତି, ଯେଉଁଗୁଡ଼ିକ ଲୋକଙ୍କ ଜୀବନରେ ଅନାବଶ୍ୟକ ଭାବରେ ହସ୍ତକ୍ଷେପ କରି ଆସିଛି। ଏହା ମଧ୍ୟ 30 ହଜାରରୁ ଅଧିକ ଏଭଳି ନିୟମକୁ ହ୍ରାସ କରିଛି, ଯାହା ବ୍ୟବସାୟ କରିବା ସହଜ ଏବଂ ଜୀବନଯାପନରେ ବାଧା ସୃଷ୍ଟି କରୁଛି।

ମଧ୍ୟରେ ଭାରତ ଅନ୍ତର୍ଭୁକ୍ତି ବିକାଶ ପାଇଁ ଯେଉଁ ଧାରା ଆପଣାଇଛି, ଯେଉଁ ସ୍ତରରେ ଏହା ପହଞ୍ଚିଛି ତାହାର ସମକକ୍ଷ ବିଶ୍ୱର କୌଣସି ଦେଶ ନାହିଁ। ବାଧ୍ୟତାମୂଳକ ଭାବେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଆଜିର ଭାରତ ଦୃଢ଼ ବିଶ୍ୱାସ ସହକାରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରୁଛି ଏବଂ ଆସନ୍ତା 25 ବର୍ଷ ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛି। ଆମର ନୀତି ନିର୍ଣ୍ଣୟ ଲୋକଙ୍କ ନାଡ଼ିକୁ ପ୍ରତିନିଧିତ୍ୱ କରୁଛି। ଆମେ ଅଧିକରୁ ଅଧିକ ଲୋକଙ୍କ କଥା ଶୁଣୁଛ ସେମାନଙ୍କର ଆବଶ୍ୟକତା ଏବଂ ସେମାନଙ୍କର ଆକାଂକ୍ଷାକୁ ବୁଝୁ। ସେଥିଲାଗି ଆମେ ନୀତିଗୁଡ଼ିକୁ ଜନପ୍ରିୟ ଭାବନାର ଚାପରେ ଆସିବାକୁ ଦେଇ ନାହୁଁ। ●






**ବୁନ୍ଦେଲଖଣ୍ଡ ଏକ୍ସପ୍ରେସ୍‌ୱେ**

# ବିକାଶର ଏକ୍ସପ୍ରେସ୍‌ୱେରେ ଯୋଡ଼ି ହେଲା ଆଉ ଏକ ଅଧ୍ୟାୟ

**କୌଣସି ବି ଏକ୍ସପ୍ରେସ୍‌ୱେ କେବେଳ ଦୁଇଟି ସ୍ଥାନକୁ ଯୋଡ଼େ ବା ଦୂରତା ହ୍ରାସ କରେ ତା' ନୁହେଁ, ଏହା ଉପରେ ଅନେକ ବିକାଶ କାହାଣୀ ଲେଖାଯାଏ। ଏଣୁ କୌଣସି ଏକ୍ସପ୍ରେସ୍‌ୱେ କେବଳ ଯାନବାହାନର ଗତିକୁ ଦ୍ରୁତ କରି ନଥାଏ ବରଂ ସେ ଅଞ୍ଚଳରେ ବିକାଶର ଗାଡ଼ିକୁ ମଧ୍ୟ ତ୍ୱରାନ୍ୱିତ କରିଥାଏ। ଏଥର ଏମିତି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିକ କରିବାକୁ ଯାଉଛି ବୁନ୍ଦେଲଖଣ୍ଡ ଏକ୍ସପ୍ରେସ୍‌ୱେ। ଏହି ଅଞ୍ଚଳ ଦିନେ ପଡ଼ିଆ ଜମି, ଶୁଖିଲା ପୋଖରି, ମରୁଡ଼ି ପାଇଁ ପରିଚିତ ଥିଲା, ଆଜି କେନ୍- ବେଟ୍‌ୱା ନଦୀ ସଂଯୋଗୀକରଣ ଯୋଜନା ଏହାର ଅନେକ ଦିନର ସ୍ୱପ୍ନକୁ ସାକାର କରିବାକୁ ଯାଉଛି। ପୁଣି ଗତ 16 ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହିଠାରେ ବୁନ୍ଦେଲଖଣ୍ଡ ଏକ୍ସପ୍ରେସ୍‌ୱେକୁ ଉଦ୍‌ଘାଟନ କରି ଏହି ଅଞ୍ଚଳରେ ବିକାଶ ପ୍ରକ୍ରିୟାକୁ ଯଥେଷ୍ଟ ତ୍ୱରାନ୍ୱିତ କରିଛନ୍ତି। ଏହାଦ୍ୱାରା ବୁନ୍ଦେଲଖଣ୍ଡ ଆଜି କୌଣସି ଅପନ୍ତରା ରାଇଜ ନୁହେଁ, ବରଂ ଭାରତର ବିକାଶ ଯାତ୍ରାରେ ଏକ ବଳିଷ୍ଠ ଅଙ୍ଗ ହେବାକୁ ଯାଉଛି...।**

କୁହାଯାଏ, ପ୍ରଭୁ ଶ୍ରୀରାମ ବୁନ୍ଦେଲଖଣ୍ଡ ଦେଇ ବନବାସ ଯାତ୍ରା କରିଥିଲେ। ଯେଉଁ ମାଟି ଅସଂଖ୍ୟ ବୀର ପୁତ୍ରଙ୍କୁ ଜନ୍ମ ଦେଇଛି। ଯେଉଁ ମାଟିରେ ଜନ୍ମ ହୋଇ ଆଲହା-ଉଦଲ, ମହାରାଜ ଛତ୍ରସାଲ, ଲକ୍ଷ୍ମୀବାଈ ଦେଶ ପାଇଁ ଗୌରବ ଆଣିଲେ; ଯେଉଁଠାରେ ଈସୁରୀ ଜନ୍ମ ନେଇଛନ୍ତି, କବି ପଦ୍ମକର, ତୁଳସୀଦାସ, ମୈଥିଳି ଶରଣ ଗୁପ୍ତ, ଡକ୍ଟର ହରିସିଂହ ଗୌର ଜନ୍ମ ନେଇଛନ୍ତି ପୁଣି ଯେଉଁ ମାଟିର ପୁଅ ମେଜର ଧ୍ୟାନ ଚାନ୍ଦଙ୍କ ପରି ହକିର ଯାଦୁକରମାନେ ବିଶ୍ୱରେ ଭାରତର ଗୌରବକୁ ଉଜ୍ଜଳ କରିଥିଲେ, ସେହି ଭୂଇଁ କିନ୍ତୁ ଦୀର୍ଘ ବର୍ଷ ହେଲା ପଛୁଆ ପଡ଼ି ରହିଥିଲା। ଏବେ କିନ୍ତୁ ଏହି ପରିଚୟ ବଦଳୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିବଦ୍ଧତା ଯୋଗୁଁ ଏ ସ୍ଥାନ ଭାରତ ବିକାଶ ଯାତ୍ରାରେ ତାଳ ଦେଇ ଚାଲିବା ଆରମ୍ଭ କରିଛି। ଜଳସେଚନ ପ୍ରକଳ୍ପ, ପ୍ରତିଘରେ ନଳ ଯୋଗେ ପିଇବା ପାଣି, ପ୍ରତିରକ୍ଷା କରିଡର ଏବଂ କେନ-ବେଟୱା ଲିଙ୍କ ପ୍ରଭୃତି ଯୁଗାନ୍ତକାରୀ ପ୍ରକଳ୍ପର ଅନୁମୋଦ ଦ୍ୱାରା ଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁଲାଇ 16ରେ ଜାଲାଉନର କେଥେରି ଗ୍ରାମରେ ବୁନ୍ଦେଲଖଣ୍ଡ ଏକ୍ସପ୍ରେସୱେ ଆକାରରେ ବିକାଶର ଏକ ନୂତନ ଉପହାର ଦେଇଥିଲେ। ବୁନ୍ଦେଲଖଣ୍ଡର ଆଶା ଭାବେ ଉଦ୍ରେକ ହୋଇଥିବା ଏହି 4 ଲେନ୍ ବିଶିଷ୍ଟ ରାସ୍ତା ଚିତ୍ରାକୋଟ (NH 35), ବୃନ୍ଦା, ମହୋବା, ହମିରପୁର, ଜାଲାଉନ୍, ଅରାୟା ଏବଂ ଇଟାୱା ଦେଇ ଯାଉଛି। ଇଟାୱାରେ ଥିବା ଏକ୍ସପ୍ରେସୱେ କୁଡ୍ରେଲ ନିକଟ ଲକ୍ଷ୍ନୌ- ଆଗ୍ରା ଏକ୍ସପ୍ରେସୱେ ସହିତ ସଂଯୁକ୍ତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 29 ଫେବୃଆରୀ 2020ରେ ଏହି ଏକ୍ସପ୍ରେସୱେର ମୂଳଦୁଆ ପକାଇଥିଲେ। 28 ମାସର ରେକର୍ଡ ସମୟ ମଧ୍ୟରେ ଶେଷ ହୋଇଥିବା ଏହି ଏକ୍ସପ୍ରେସୱେକୁ ଉଦ୍ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, "ବୁନ୍ଦେଲଖଣ୍ଡ ଏକ୍ସପ୍ରେସୱେଦ୍ୱାରା ଚିତ୍ରକୂଟରୁ ଦିଲ୍ଲୀ ପର୍ଯ୍ୟନ୍ତ ଦୂରତା ପ୍ରାୟ 3-4 ଘଣ୍ଟା ହ୍ରାସ ପାଇଛି, କିନ୍ତୁ ଏହାର ଲାଭ ଏହାଠୁ ଅନେକ ଗୁଣ ଅଧିକ। ଏହି ଏକ୍ସପ୍ରେସୱେ କେବଳ ଏଠାରେ ଯାନବାହାନକୁ ଗତି ଦେବ ନାହିଁ, ବରଂ ଏହା ସମଗ୍ର ବୁନ୍ଦେଲଖଣ୍ଡରେ ଶିଳ୍ପ ପ୍ରଗତିକୁ ମଧ୍ୟ ଉତ୍ସାହିତ କରିବ।

# ଦେଶର ସବୁଠା ରୁଅଧିକ 13 ଟି ଏକ୍ସପ୍ରେସୱେ ଥିବା ରାଜ୍ୟ- ଉତ୍ତରପ୍ରଦେଶ




## ଯୋଗାଯୋଗରେ ସୁଧାର ସାଙ୍ଗକୁ ଆର୍ଥିକ ବିକାଶକୁ ପ୍ରୋତ୍ସାହନ

- 296 କିଲୋମିଟରର ଚାରି ଲେନ ବିଶିଷ୍ଟ ବୁନ୍ଦେଲଖଣ୍ଡ ଏକ୍ସପ୍ରେସୱେ ପ୍ରାୟ 14,850 କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଫେବୃଆରୀ 2020ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ମୂଳଦୁଆ ପକାଇଥିଲେ। ଆସନ୍ତା ଦିନରେ ଏହାକୁ ଛଅ ଲେନ୍ ବିଶିଷତଟ ସମ୍ପ୍ରସାରିତ କରାଯାଇପାରେ।

- 36 ମାସର ଲକ୍ଷ୍ୟ ପୂର୍ବରୁ 28 ମାସରେ ଏକ୍ସପ୍ରେସୱେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା। ଏକ୍ସପ୍ରେସୱେ ପାଖରେ ଥିବା ବୃନ୍ଦା ଏବଂ ଜାଲାଉନ୍ ଜିଲ୍ଲାରେ ଶିଳ୍ପ କରିଡର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି।

### ସଞ୍ଚାଳିତ ଏକ୍ସପ୍ରେସ-ୱେ 1225 କିମି

- ପୂର୍ବାଞ୍ଚଳର ଛବି ପରିବର୍ତ୍ତନକାରୀ ପୂର୍ବାଞ୍ଚଳ ଏକ୍ସପ୍ରେସୱେ ହେଉଛି ରାଜ୍ୟର ଦୀର୍ଘତମ ଏକ୍ସପ୍ରେସୱେ, ଏହାର ଲମ୍ବ 341 କିଲୋମିଟର। ● ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେ 302 କିମି ● ଯମୁନା ଏକ୍ସପ୍ରେସୱେ 165 କି.ମି. ● ଦିଲ୍ଲୀ-ମିରଟ ଏକ୍ସପ୍ରେସୱେ 96 କିଲୋମିଟର ● ନୋଏଡା-ଗ୍ରେଟର ନୋଏଡା ଏକ୍ସପ୍ରେସୱେ 25 କି.ମି.

### 1974 କିଲୋମିଟର ଏକ୍ସପ୍ରେସୱେ ନିର୍ମାଣାଧୀନ

- ଗୋରଖପୁର ଲିଙ୍କ୍ ଏକ୍ସପ୍ରେସୱେ 91 କିମି ● ଗଙ୍ଗା ଏକ୍ସପ୍ରେସୱେ 594 କିମି ● ଲକ୍ଷ୍ନୌ- କାନପୁର ଏକ୍ସପ୍ରେସୱେ 63 କିମି ● ଗାଜିଆବାଦ-କାନପୁର ଏକ୍ସପ୍ରେସୱେ 380 କିମି ● ଗୋରଖପୁର-ସିଲିଗୁଡ଼ି ଏକ୍ସପ୍ରେସୱେ 519 କିମି ● ଦିଲ୍ଲୀ-ଡେରାଡୁନ ଏକ୍ସପ୍ରେସ୍ୱେ 210 କି.ମି. ● ଗାଜିପୁର- ମାଝିଘାର ଏକ୍ସପ୍ରେସ୍ୱେ 117 କିଲୋମିଟର

## ବୁନ୍ଦେଲଖଣ୍ଡ ଏକ୍ସପ୍ରେସୱେ ଆଧୁନିକ ସୁବିଧାରେ ସଜ୍ଜିତ

- ଏହି ଏକ୍ସପ୍ରେସୱେର ଉଭୟ ପାର୍ଶ୍ୱରେ 110 ମିଟର ଚଉଡା ରାସ୍ତା ନିର୍ମାଣ କରାଯାଇଛି ଯେଉଁଠାରେ ସୌର ଶକ୍ତି ଉପଲବ୍ଧ ହେବ। ଏହି ଏକ୍ସପ୍ରେସୱେରେ ପ୍ରବେଶ ଏବଂ ପ୍ରସ୍ଥାନ ପାଇଁ 13 ଟି ସ୍ଥାନରେ ଇଣ୍ଟରଚେଞ୍ଜ ବ୍ୟବସ୍ଥା ରହିଛି।

- ଏକ୍ସପ୍ରେସୱେର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ 4 ଟି ରେଲଓଭର ବ୍ରିଜ୍, 19 ଟି ଫ୍ଲାଏ ଓଭର, 224 ଅଣ୍ଡରପାସ୍ ନିର୍ମାଣ କରାଯାଇଛି। 4 ଟି ସ୍ଥାନରେ ପେଟ୍ରୋଲ ପମ୍ପ ଏବଂ 4 ଟି ସ୍ଥାନରେ ସର୍ବସାଧାରଣ ସୁବିଧା କେନ୍ଦ୍ର ବିକାଶ କରାଯାଉଛି । ଏହା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ସର୍ଭିସ୍ ରୋଡ୍ ମଧ୍ୟ ନିର୍ମାଣ କରାଯାଇଛି।

- ଏକ୍ସପ୍ରେସୱେ ଚାରିପାଖରେ ଘୋର ବୃକ୍ଷରୋପଣ କରାଯିବ ଏବଂ ନିବେଶ ପାର୍କ ଏବଂ କାରଖାନା ନିର୍ମାଣ କରାଯିବ। ବୁନ୍ଦେଲଖଣ୍ଡ ଏକ୍ସପ୍ରେସୱେ ସମଗ୍ର ୟୁପି ଏବଂ ସମଗ୍ର ଦେଶର ଆକାଂକ୍ଷାକୁ ତ୍ୱରାନ୍ୱିତ କରିବ। ଏକ୍ସପ୍ରେସୱେରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ଯାତାୟାତ ବ୍ୟବସ୍ଥାରେ ବଡ଼ ସହରର କବ୍ଜା ଚିନ୍ତାଧାରା ବଦଳିଲା

ସମୟ ଥିଲା ଯେତେବେଳେ ବିଶ୍ୱାସ କରାଯାଉଥିଲା ଯେ ଆଧୁନିକ ପରିବହନରେ କେବଳ ବଡ଼ ସହରଗୁଡ଼ିକର ପ୍ରଥମ ଅଧିକାର ଅଛି, ଯେମିତି ମୁମ୍ବାଇ, ଚେନ୍ନାଇ, କୋଲକାତା, ବାଙ୍ଗାଲୋର, ହାଇଦ୍ରାବାଦ କିମ୍ବା ଦିଲ୍ଲୀ ଯାହାକିଛି ସୁବିଧା ରହିବ ତାହା ଅନ୍ୟ କେଉଁଠି ହୋଇପାରିବନି। କିନ୍ତୁ ବର୍ତ୍ତମାନ ଗତ ଆଠ ବର୍ଷ ମଧ୍ୟରେ ସରକାର ଏହି ଚିନ୍ତାଧାରାକୁ ମଧ୍ୟ ବଦଳାଇଛନ୍ତି। ଉତ୍ତରପ୍ରଦେଶରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳେ। ବୁନ୍ଦେଲଖଣ୍ଡ ଏକ୍ସପ୍ରେସୱେ ଚିତ୍ରାକୋଟ, ବୃନ୍ଦା, ହମିରପୁର, ମହୋବା, ଜାଲାଉନ୍, ଅରାୟା ଏବଂ ଇଟାୱା ଦେଇ ଯାଉଥିବାବେଳେ ପୂର୍ବାଞ୍ଚଳ ଏକ୍ସପ୍ରେସୱେ ଲକ୍ଷ୍ନୌ ଦେଇ ବାରବାଙ୍କି, ଆମେଥୀ, ସୁଲତାନପୁର, ଅଯୋଧ୍ୟା, ଆମ୍ବେଦକରନଗର, ଆଜମଗଡ, ମାଉ ଏବଂ ଗାଜିପୁର ଦେଇ ଯାଉଛି। ଗୋରଖପୁର ଲିଙ୍କ୍ ଏକ୍ସପ୍ରେସୱେ ଆମ୍ବେଦକର ନଗର, ସନ୍ଥ କବୀରନଗର ଏବଂ ଆଜମଗଡ଼କୁ ସଂଯୋଗ କରେ। ନବ ନିର୍ମିତ ଗଙ୍ଗା ଏକ୍ସପ୍ରେସୱେ ମିରଟ, ହାପୁର, ବୁଲନ୍ଦଶର, ଆମ୍ରୋହା, ବାଦାଉନ୍, ଶାହାଜାହାନପୁର, ହାର୍ଡୋଇ, ଉନ୍ନାଓ, ରାୟବରେଲି, ପ୍ରତାପଗଡ଼ ଏବଂ ପ୍ରୟାଗରାଜକୁ ସଂଯୋଗ କରିବ।

ଏହି ଏକ୍ସପ୍ରେସୱେର ଉଭୟ ପାର୍ଶ୍ୱରେ ଅନେକ ଶିଳ୍ପ ସ୍ଥାପନ ହେବାକୁ ଯାଉଛି, ଷ୍ଟୋରେଜ୍ ସୁବିଧା, ଶୀତଳ ଭଣ୍ଡାର ସୁବିଧା ଏଠାରେ ନିର୍ମାଣ ହେବାକୁ ଯାଉଛି। ବୁନ୍ଦେଲଖଣ୍ଡ ଏକ୍ସପ୍ରେସୱେ ଯୋଗୁଁ ଏହି କ୍ଷେତ୍ରରେ କୃଷି ଭିତ୍ତିକ ଶିଳ୍ପ ସ୍ଥାପନ କରିବା ଅତି ସହଜ ହେବ। ଚାଷଜମିରୁ ନୂତନ ବଜାରକୁ ପରିବହନ କରିବା ସହଜ ହେବ। ବୁନ୍ଦେଲଖଣ୍ଡରେ ନିର୍ମିତ ପ୍ରତିରକ୍ଷା କରିଡର ପାଇଁ ଏହା ମଧ୍ୟ ବହୁତ ସାହାଯ୍ୟ କରିବ। ଏହି ଏକ୍ସପ୍ରେସୱେ ବୁନ୍ଦେଲଖଣ୍ଡର ପ୍ରତ୍ୟେକ କୋଣକୁ ବିକାଶ, ଆତ୍ମନିଯୁକ୍ତି ଏବଂ ନୂତନ ସୁଯୋଗ ସହିତ ସଂଯୋଗ କରିବାକୁ ଯାଉଛି। ●




# କୌଶଳରୁ ରୋଜଗାର ଆଡ଼କୁ...

**ସ୍ୱଳ୍ପ ଶିକ୍ଷା ପରେ ଜଣେ ଯୁବକଙ୍କୁ କୌଣସି ଜାଗାରେ ନିଯୁକ୍ତି ମିଳିବା କଷ୍ଟକର ହୋଇଥାଏ। ହେଲେ କିଛି ବୈଷୟିକ ଦକ୍ଷତା ବା ତାଲିମ୍‌ଦ୍ୱାରା ତାଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି ପାଏ। ଏହାଦ୍ୱାରା ତାଙ୍କୁ ପରିବାର ପୋଷଣ କରିବା ସହଜ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଗତବର୍ଷ 7 ଅଗଷ୍ଟ ଦିନ 'ପିଏମ୍ ଦକ୍ଷ' ନାମକ ଏକ ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ପଛୁଆବର୍ଗ, ଅନୁସୂଚିତ ଜାତି, ସ୍ୱଚ୍ଛତା କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଲାଗି ବିଭିନ୍ନ ଆବଶ୍ୟକ ତାଲିମ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି, ଯାହାଦ୍ୱାରା ସେମାନେ ଆତ୍ମନିର୍ଭର ହୋଇପାରିବେ। ଏହି ଯୋଜନାଦ୍ୱାରା ବିଗତ ପାଞ୍ଚ ବର୍ଷରେ 2.7 ଲକ୍ଷ ଯୁବାଙ୍କୁ ଫାଇଦା ପହଞ୍ଚିଛି।**

କୌଶଳ ବିକାଶ ,ଆଜିକା ସମୟରେ ସବୁଠାରୁ ଜରୁରୀ ବିଷୟ ଭାବେ ପରିଗଣିତ। ଯୁବକଙ୍କ ପାଇଁ ଶିକ୍ଷା ସାଙ୍ଗରେ କୌଶଳ ବିକାଶ ବିଷୟକୁ ଧ୍ୟାନରେ ରଖି କୌଶଳ ବିକାଶ ମିଶନ ଏବଂ ରାଷ୍ଟ୍ରୀୟ ଶିକ୍ଷା ନୀତି ଆରମ୍ଭ କରାଯାଇଥିଛି। କିନ୍ତୁ ସମାଜର ଏମିତି ଏକ ଗୋଷ୍ଠୀର କୌଶ ବିକାଶ ପାଇଁ କେବେ ଧ୍ୟାନ ଦିଆଯାଇ ନଥିଲା। ପ୍ରଧାନମନ୍ତ୍ରୀ ଦକ୍ଷ ଯୋଜନା ଏହି ବର୍ଗର ଆର୍ଥିକ ବିକାଶ ସ୍ୱପ୍ନକୁ ସାକାର କରିବା ଲାଗି ବ୍ୟବସ୍ଥା କରାଯାଇଛି। ଏହିକ୍ରମରେ ଏହି ବର୍ଗର କୌଶଳ ବିକାଶ କାର୍ଯ୍ୟକ୍ରମକୁ ଚାରୋଟି ବର୍ଗରେ ବିଭକ୍ତ କରାଯାଇଛି।

**ପ୍ରଥମ:** ଅପସ୍କିଲିଂ, ରିସ୍କିଲିଂ ଦ୍ୱାରା ଗ୍ରାମୀଣ କାରିଗର, ସଫେଇ କର୍ମଚାରୀଙ୍କ ଅର୍ଥନୀତିକ ଏବଂ ଡିଜିଟାଲ୍ ସାକ୍ଷରତା ପ୍ରଦାନ କରିବା। ଏହାଛଡ଼ା ତାଙ୍କୁ ମାଟି ପାତ୍ର, ଲୁଗୁବୁଣା, କାଠକାମ, ଘରକାମ ଆଦିବ ବାବଦରେ ପ୍ରଶିକ୍ଷଣ ଦେବା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ 32 ରୁ 80 ଘଣ୍ଟା ଭିତରେ ରହିବ।

**ଦ୍ୱିତୀୟ:** ସ୍ୱଳ୍ପକାଳୀନ ପ୍ରଶିକ୍ଷଣ ବ୍ୟବସ୍ଥାରେ ସିଲେଇ ଶିକ୍ଷା, ଆସବାବ ନିର୍ମାଣ, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ସ୍ୱରୋଜଗାର ପାଇଁ 200 ଘଣ୍ଟାରୁ 600 ଘଣ୍ଟା ଏବଂ 6 ମାସର ପ୍ରଶିକ୍ଷଣ ବ୍ୟବସ୍ଥା।

**ତୃତୀୟ:** ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁସୂଚିତ ଜାତି ଏବଂ


# ପିଏମ୍ ଦକ୍ଷ ଯୋଜନା ଅଧୀନରେ ନିଆଯାଇଥିବା ପଦକ୍ଷେପ

- ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡ. ବୀରେନ୍ଦ୍ର କୁମାର 7 ଅଗଷ୍ଟ 2021ରେ 'ପିଏମ୍ ଦକ୍ଷ' ପୋର୍ଟାଲ୍ ଏବଂ ପିଏମ୍ ଦକ୍ଷ ମୋବାଇଲ ଆପ୍ ଆରମ୍ଭ କରିଥିଲେ।
- ପ୍ରଧାନମନ୍ତ୍ରୀ ଦକ୍ଷ ପୋର୍ଟାଲ୍ ପ୍ରଧାନମନ୍ତ୍ରୀ ଦକ୍ଷତା ଓ କୌଶଳସମ୍ପନ୍ନ ହିତାଧିକାରୀ (ପ୍ରଧାନମନ୍ତ୍ରୀ ଦକ୍ଷ) ଯୋଜନା ଅଧୀନରେ ମାଗଣାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ଲାଗି ଅନ୍‌ଲାଇନ୍ ପଞ୍ଜିକରଣ ପାଇଁ ସୁବିଧା ପ୍ରଦାନ କରିବ।
- ଏହା ମାଧ୍ୟମରେ 18 ରୁ 45 ବର୍ଷ ବୟସର ଅଳିଆ ଉଠାଉଥିବା ବ୍ୟକ୍ତିଙ୍କ ସହ ଏସ୍‌ସି, ଓବିସି, ଓବିସି, ଡିଏନ୍‌ଟି, ସ୍ୱଚ୍ଛତା କର୍ମଚାରୀ ଭାବେ ନିଯୁକ୍ତ ଆଶାୟୀଙ୍କଠୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି।
- ଅପ୍‌ସ୍କିଲିଂ, ରିସ୍କିଲିଂ, ସ୍ୱଳ୍ପ ଅବଧି ତାଲିମ, ଦୀର୍ଘାବଧି ତାଲିମ, ଏବଂ ଏଣ୍ଟରପ୍ରିନରଶିପ୍ ବିକାଶ କାର୍ଯ୍ୟକ୍ରମ (ଇଡିପି) ପ୍ରଭୃତି ଦକ୍ଷତା ଭିତ୍ତିକ ତାଲିମ କାର୍ଯ୍ୟକ୍ରମ ସେମାନଙ୍କ କୌଶଳ ବୃଦ୍ଧି ପାଇଁ ପ୍ରଣୟନ କରାଯାଇଛି। ଇଚ୍ଛୁକ ପ୍ରାର୍ଥୀମାନେ ଏ ସମ୍ବନ୍ଧରେ ଅଧିକ ସୂଚନା ପାଇଁ pmdaksh.dosje.gov.in ପୋର୍ଟାଲ୍‌କୁ କ୍ଲିକ୍ କରିପାରିବେ। ନହେଲେ ସେମାନେ ଗୁଗୁଲ୍ ପ୍ଲେ ଷ୍ଟୋରରୁ "PM-DAKSH" ଆପ୍ଲିକେସନ୍ ଡାଉନ୍‌ଲୋଡ୍ କରିପାରିବେ।
- ପ୍ରଧାନମନ୍ତ୍ରୀ ଦକ୍ଷ ଯୋଜନାକୁ ଅଧିକ ପ୍ରସାର ତଥା ପ୍ରଚାର ପାଇଁ ବିଭିନ୍ନ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ, ଜିଲ୍ଲାପାଳ ଓ ଉନ୍ନୟନ କମିଶନ ମାନଙ୍କୁ ଚିଠି ଲେଖାଯାଇଛି।
- ପିଏମ୍ ଦକ୍ଷ ଯୋଜନାର କାର୍ଯ୍ୟକାରୀତା ପାଇଁ 2022--23 ବଜେଟ୍‌ରେ 84.00 କୋଟି ଟଙ୍କା ଆବଣ୍ଟନ କରାଯାଇଛି।
- ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ଦ୍ୱାରା ଲୋକସଭାକୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ସେହି 2020-21 ଏବଂ 2021-22 ବଜେଟରେ ଯଥାକ୍ରମେ 64.79 କୋଟି ଟଙ୍କା ଏବଂ 74.48 କୋଟି ଟଙ୍କା ପିଏମ୍ ଦକ୍ଷତା କାର୍ଯ୍ୟକ୍ରମ ପାଇଁ ଆବଣ୍ଟିତ କରାଯାଇଛି।

## ପିଏମ୍-ଦକ୍ଷ ପୋର୍ଟାଲ୍: ଗୋଟିଏ ସ୍ଥାନରେ ଉପଲବ୍ଧ ସମସ୍ତ ସୂଚନା

- ଅନୁସୂଚିତ ଜାତି, ପଛୁଆ ବର୍ଗ ଏବଂ ସଫେଇ କର୍ମଚାରୀଙ୍କ ଲାଗି ସମସ୍ତ ସୂଚନା ଗୋଟିଏ ପ୍ଲାଟ୍‌ଫର୍ମ 'ପିଏମ୍ ଦକ୍ଷ' ୱେବସାଇଟ୍‌ରେ ଉପଲବ୍ଧ।
- କେବଳ ସେତିକି ନୁହେଁ, ଏହି ପୋର୍ଟାଲ୍‌ରେ ଦିଆଯାଇଥିବା ଲିଙ୍କ୍‌ରେ ଏବେ ଗୋଟିଏ ମାତ୍ର କ୍ଲିକ୍ କରି ଆଗ୍ରହୀ ବ୍ୟକ୍ତି ତାଙ୍କ ଆଖପାଖରେ ଘଟୁଥିବା ବିଭିନ୍ନ ଯୋଜନା ବାବଦରେ ଜାଣିପାରିବେ ଏବଂ ଏଥିପାଇଁ ଆବେଦନ କରିପାରିବେ। ବ୍ୟକ୍ତିଗତ ସୂଚନା ବାବଦରେ ଜରୁରୀ ଡକ୍ୟୁମେଣ୍ଟ ଅପ୍‌ଲୋଡ୍ କରିବାର ସୁବିଧା ଏଠାରେ ରହିଛି।
- ତାଲିମ ସମୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତିକୁ ମଧ୍ୟ ଆଖି ଓ ମୁହଁ ସ୍କାନିଂ କରି ଜଣାଯାଇପାରିବ।
- ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଫଟୋ ଓ ଭିଡିଓ ମାଧ୍ୟମରେ ମନିଟରିଂ ସୁବିଧା।
- ଏହି ଯୋଜନା ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ତିନୋଟି ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି। ସେଗୁଡ଼ିକ ହେଲା ନ୍ୟାସନାଲ୍ ସିଡ୍ୟୁଲ୍ଡ କାଷ୍ଟ ଫିନାନ୍ସ ଆଣ୍ଡ ଡେଭେଲପ୍‌ମେଣ୍ଟ କର୍ପୋରେସନ୍, ନ୍ୟାସନାଲ୍ ବ୍ୟାକ୍‌ୱାର୍ଡ୍ କ୍ଲାସ୍ ଫିନାନ୍ସ ଆଣ୍ଡ ଡେଭେଲପ୍‌ମେଣ୍ଟ କର୍ପୋରେସନ୍, ନ୍ୟାସନାଲ୍ ସଫେଇ କର୍ମଚାରୀ ଫିନାନ୍ସ ଆଣ୍ଡ ଡେଭେଲପ୍‌ମେଣ୍ଟ କର୍ପୋରେସନ୍।

## ପିଏମ୍ ଦକ୍ଷ ଯୋଜନାରୁ ମିଳୁଥିବା ଫାଇଦା



**କାରିଗର:** ଏହି କାର୍ଯ୍ୟକ୍ରମରୁ ତାଲିମ ପାଇ ନିଜ ଆମଦାନୀକୁ ବଢ଼ାଇ ପାରିବେ।



**ମହିଳା:** ଆତ୍ମ ନିଯୁକ୍ତି କ୍ଷେତ୍ରରେ ଯାଇପାରିବେ। ଏହାଦ୍ୱାରା ସେ ଅଧିକ ସଶକ୍ତ ହୋଇପାରିବେ।



**ନିର୍ଦ୍ଧାରିତ ଗୋଷ୍ଠୀର ଯୁବାବର୍ଗ:** ସେମାନେ ଲମ୍ବା ସମୟଭିତ୍ତିକ ତାଲିମ ପାଇପାରିବେ। ଏହାସହ ସୁଯୋଗ ଥିବା ନିଯୁକ୍ତି କ୍ଷେତ୍ର ପାଇଁ ଯୋଗ୍ୟ ହୋଇପାରିବେ, ଯାହାର ଆଧାରରେ ସେମାନେ ପରବର୍ତ୍ତୀ ସମୟରେ ଭଲ ଚାକିରି ପାଇପାରିବେ।

ଅନ୍ୟ ପଛୁଆ ବର୍ଗର ସେହି ଯୁବକଙ୍କୁ କୌଶଳ ତାଲିମ ପ୍ରଦାନ କରାଯାଉଛି ଯାହାଙ୍କ ପାଖରେ ଉଦ୍ୟମିତା ମନୋବୃତ୍ତି ରହିଛି। ଏହି ବର୍ଗରେ ତାଲିମ 80 ରୁ 90 ଘଣ୍ଟା ତଥା 10ରୁ 15 ଦିନ ବ୍ୟାପି ହୋଇଥାଏ।

**ଚତୁର୍ଥ:** ଦୀର୍ଘକାଳୀନ କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷଣ ସେହି କ୍ଷେତ୍ରଗୁଡ଼ିକରେ ଦିଆଯାଇଥାଏ ଯାହାଙ୍କ ବଜାରରେ ଅଧିକ ଡିମାଣ୍ଡ ଥାଏ। ଯେମିତି ଉତ୍ପାଦନ ଶିଳ୍ପ, ପ୍ଲାଷ୍ଟିକ ଉଦ୍ୟୋଗିକ, ପରିଧାନ ଉଦ୍ୟୋଗ, ସ୍ୱାସ୍ଥ୍ୟ ଦେଖାଶୁଣା ଉଦ୍ୟୋଗ ପ୍ରଭୃତି। ଏହି କାର୍ଯ୍ୟକ୍ରମ ଅବଧି ପାଞ୍ଚ ମାସ ହୋଇଥାଏ ବା ଅଧିକରେ ଏକ ବର୍ଷ (1000 ଘଣ୍ଟାର) ହୋଇଥାଏ।

ଯୋଜନା ଦ୍ୱାରା ପ୍ରଶିକ୍ଷିଣ ପାଉଥିବା ଯୁବକଙ୍କୁ ଷ୍ଟାଇପେଣ୍ଡ ମିଳିଥାଏ। ଏହିକ୍ରମରେ ରିସ୍କିଲିଂ ଏବଂ ଅପ୍ ସ୍କିଲିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିକ୍ଷାନବୀଙ୍କ ଉପସ୍ଥାନ ଅଶି ପ୍ରତିଶତରୁ ଅଧିକ ରହିଲେ ସେମାନଙ୍କୁ 2500 ଟଙ୍କା ଷ୍ଟାଇପେଣ୍ଡ ଦିଆଯାଇଥାଏ। ଅଳ୍ପ ଅବଧି ବିଶିଷ୍ଟ କାର୍ଯ୍ୟକ୍ରମରେ ଶିକ୍ଷା ନବୀଶଙ୍କ ଉପସ୍ଥାନ 80% ହେଲେ ତାଙ୍କୁ ଦୈନିକ 100 ଟଙ୍କା ଉଭୟ ଶର୍ଟ ଏବଂ ଲଙ୍ଗଟର୍ମ ତାଲିମ କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଥାଏ। ଉଭୟ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ବର୍ଗର ପିଲାଙ୍କୁ ମାସିକ 1500 ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ କରଯାଥାଏ ●



# ମୋ ବନ୍ଧୁ, ଶିଞ୍ଜୋ ଆବେ...

**ଭାରତର ନାଗରିକ ସମ୍ମାନ 'ପଦ୍ମବିଭୂଷଣ' ଉପାଧିରେସମ୍ମାନିତ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଅକାଳ ବିୟୋଗ ଦ୍ୱାରା ବିଶ୍ୱ ଜଣେ ରାଜନୀତିଜ୍ଞ ଏବଂ ଉତ୍କୃଷ୍ଟ ବିଶ୍ୱନେତାଙ୍କୁ ହରାଇଛି। ଜାପାନ ସହ ପୂରା ବିଶ୍ୱର ବିକାଶ ପାଇଁ ସେ ସମର୍ପିତ ଥିଲେ। ଭାରତ ସରକାର ଶିଞ୍ଜୋ ଆବେଙ୍କ ପ୍ରତି ଗଭୀର ସମ୍ମାନ ଦର୍ଶାଇ ତାଙ୍କ ପରଲୋକର ଠିକ୍ ପରଦିନ ଅର୍ଥାତ୍ ଜୁଲାଇ ୨ ତାରିଖକୁ ରାଷ୍ଟ୍ରୀୟ ଶୋକ  ଘୋଷଣା କରିଥିଲେ। ଶିଞ୍ଜୋ ଆବେଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବନ୍ଧୁତା, ତାଙ୍କୁ ଗୁଜରାଟ ମୁଖ୍ୟମନ୍ତ୍ରୀତ୍ୱ ସମୟରୁ ଚଳି ଆସିଛି, ଆଉ ତାହା ସମୟ କ୍ରମରେ ଅଧିକ ଗଭୀର ହୋଇଥିଲା। ନିଜ ବନ୍ଧୁ ଶିଞ୍ଜୋ ଆବେଙ୍କ ନିଧନରେ ପ୍ରଧାନମନ୍ତ୍ରୀ ମୋଦୀ ଭାବଗର୍ଭକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଲେଖିଥିବା ବ୍ଲଗ୍...।**

ଶିଞ୍ଜୋ ଆବେ କେବଳ ଜାପାନର ଜଣେ ମହାନ ବ୍ୟକ୍ତି ନଥିଲେ, ବରଂ ସେ ଥିଲେ ଜଣେ ବିଶାଳ ବ୍ୟକ୍ତିତ୍ୱଧାରୀ ମହାନ ବିଶ୍ୱନେତା। ସେ ଥିଲେ ଭାରତ-ଜାପାନ ବନ୍ଧୁତାର ମୁଖ୍ୟ ନାୟକ । ଦୁଃଖର ବିଷୟ ଆଜି ସେ ଆମ ଗହଣରେ ନାହାନ୍ତି । ଜାପାନ ସମେତ ସାରା ବିଶ୍ୱଅକାଳରେ ଜଣେ ଦୂରଦୃଷ୍ଟିସମ୍ପନ୍ନ ମହାନ ନେତାଙ୍କୁ ହରାଇଛି, ଆଉ ମୁଁ ମୋ ପ୍ରିୟ ବନ୍ଧୁଙ୍କୁ ସବୁଦିନ ପାଇଁ ହରାଇ ଦେଇଛି... ।

ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଜାପାନ ଗସ୍ତରେ ଯାଇଥିବା ସମୟରେ, ପ୍ରଥମ ଥର ପାଇଁ ମୁଁ ତାଙ୍କୁ ୨୦୦୭ରେ ଭେଟିଥିଲି । ପ୍ରଥମ ବୈଠକରୁ ଆମର ବନ୍ଧୁତା କାର୍ଯ୍ୟାଳୟର ପରିସୀମା ବାହାରେ ଏବଂ ସରକାରୀ ପ୍ରୋଟୋକଲର ବନ୍ଧନ ଠାରୁ ମୁକ୍ତ ଥିଲା ।

ତାଙ୍କ ସହ ବିତାଇଥିବା ପ୍ରତ୍ୟେକ ସ୍ମରଣୀୟ ମୁହୂର୍ତ୍ତ ମୋର ମନେ ରହିଛି। କ୍ୟୋଟୋରେ 'ତୋଜି ଟେମ୍ପଲ' ଗସ୍ତ ହେଉ, ଅଥବା ଶିଙ୍କାସେନରେ ଆମେ ଉଭୟ ମିଶି ବୁଲେଟ ଟ୍ରେନରେ ଯାତ୍ରା କରିବା, ପୁଣି ଅହମ୍ମଦାବାଦର ସାବରମତୀ ଆଶ୍ରମକୁ ଗସ୍ତ, କାଶୀରେ ଗଙ୍ଗା ଆଳତୀର ଆଧ୍ୟାତ୍ମିକ ପରିବେଶ କିମ୍ବା ପୁଣି ଟୋକିଓରେ 'ଚା' ପାନ ସହ ଲମ୍ବା ବୈଠକ', ବାସ୍ତବରେ ତାଙ୍କ ସହ ମୋର ସ୍ମରଣୀୟ ସାକ୍ଷାତର ତାଲିକା ଖୁବ୍ ସୁଦୀର୍ଘ । ମାଉଣ୍ଟ ଫୁଜିର

ପାଦଦେଶରେ ଅବସ୍ଥିତ ସୁରମ୍ୟ ୟାମାନାଶୀ ପ୍ରିଫେକ୍ଟରରେ ତାଙ୍କ ଘରକୁ ଯିବା ଲାଗି ଏକାକୀ ମୋତେ ହିଁ ସୁଯୋଗ ମିଳିଥିଲା । ମୁଁ ଏହି ସମ୍ମାନକୁ ସବୁବେଳେ ନିଜ ହୃଦୟରେ ସାଇତି ରଖିବି। ଶିଞ୍ଜୋ ଆବେଙ୍କ ସହିତ ମୋର ସମ୍ପର୍କ କେବଳ ଔପଚାରିକ ନଥିଲା । ଏପରିକି ୨୦୦୭ରୁ ୨୦୧୨ ମଧ୍ୟରେ ଏବଂ ନିକଟରେ ୨୦୨୦ରେ ଯେତେବେଳେ ସେ ପ୍ରଧାନମନ୍ତ୍ରୀ ନଥିଲେ, ସେତେବେଳେ ମଧ୍ୟ ଆମର ବ୍ୟକ୍ତିଗତ ସମ୍ପର୍କ ସବୁଦିନ ଭଳି ମଜବୁତ ହୋଇ ରହିଥିଲା ।

ଆବେ ସାନଙ୍କ ସହିତ ପ୍ରତ୍ୟେକ ସାକ୍ଷାତ ବାସ୍ତବରେ ଅତ୍ୟନ୍ତ ଜ୍ଞାନବର୍ଦ୍ଧକ ଏବଂ ପ୍ରେରଣାଦାୟୀ ଥିଲା । ତାଙ୍କ ପାଖରେ ନୂଆ ନୂଆ ଜ୍ଞାନର ଭଣ୍ଡାର ଥିଲା। ପ୍ରଶାସନ, ଅର୍ଥବ୍ୟବସ୍ଥା, ସଂସ୍କୃତି, ବିଦେଶ ନୀତି ଏବଂ ଅନ୍ୟ ସବୁ ବିଷୟରେ ତାଙ୍କର ଗଭୀର ଜ୍ଞାନ ରହିଥିଲା ।  ତାଙ୍କର ପରାମର୍ଶ ମୋତେ ଗୁଜରାଟର ଆର୍ଥିକ ବିକାଶକୁ ନେଇ ନୂତନ ଭାବେ ଚିନ୍ତା କରିବା ନିମନ୍ତେ ଅନୁପ୍ରାଣିତ କରିଥିଲା । ଜାପାନ ସହ ଗୁଜରାଟର ସୁଦୃଢ଼ ସହଭାଗିତା ସ୍ଥାପନରେ ତାଙ୍କର ନିରନ୍ତର ସମର୍ଥନ ଉଲ୍ଲେଖନୀୟ ଥିଲା।

ଏହାପରେ, ପ୍ରଧାନମନ୍ତ୍ରୀ ଭାବେ ଭାରତ ଏବଂ ଜାପାନ ମଧ୍ୟରେ ରଣନୈତିକ ସହଭାଗିତାକୁ ସୁଦୃଢ଼ କରିବା ଲାଗି ତାଙ୍କ ସହ କାର୍ଯ୍ୟ କରିବା ପାଇଁ ମୋତେ ସୌଭାଗ୍ୟ ମିଳିଥିଲା । ଏହି ସମୟରେ ଦୁଇ ଦେଶର ସମ୍ପର୍କରେ ଅଭୂତପୂର୍ବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ପୂର୍ବରୁ ଦୁଇ ଦେଶ ମଧ୍ୟରେ ଆପୋସ ସମ୍ପର୍କ କେବଳ ଦ୍ୱିପାକ୍ଷିକ ଆର୍ଥିକ ସହଭାଗିତା ମଧ୍ୟରେ ସୀମିତ ଥିଲା । ମାତ୍ର ଆବେ ସାନ ଏହାକୁ ବ୍ୟାପକ ବିସ୍ତାର ଦେବାକୁ ଆଗେଇ ଆସିଥିଲେ । ଫଳରେ ଦୁଇ ଦେଶ ମଧ୍ୟରେ ରାଷ୍ଟ୍ରୀୟ ହିତ ସହ ଜଡ଼ିତ ପ୍ରସଙ୍ଗରେ ତାଳମେଳ ବଢ଼ିବା ସହିତ ସମ୍ପୂର୍ଣ୍ଣ କ୍ଷେତ୍ରୀୟ ସୁରକ୍ଷାକୁ ନୂଆ ବଳ ମିଳିଲା । ଭାରତ ଏବଂ ଜାପାନ ମଧ୍ୟରେ ଆପୋସ ସମ୍ପର୍କ ସୁଦୃଢ଼ ହେବା କେବଳ ଦୁଇ ଦେଶର ଲୋକମାନଙ୍କ ପାଇଁ ନୁହେଁ ବରଂ ସାରା ବିଶ୍ୱର ହିତ ପାଇଁ ଉଦ୍ଦିଷ୍ଟ । ତାଙ୍କ ଦେଶ ପାଇଁ ଏକ କଷ୍ଟକର କାର୍ଯ୍ୟ ହୋଇଥିଲେ ମଧ୍ୟ ସେ ଭାରତ ସହିତ ବେସାମରିକ ପରମାଣୁ ରାଜିନାମାକୁ ନେଇ ଦୃଢ଼ ସଂକଳ୍ପିତ ଥିଲେ । ଭାରତରେ ହାଇସ୍ପିଡ ରେଳ ଚଳାଚଳ ପାଇଁ ହୋଇଥିବା ରାଜିନାମାରେ ମଧ୍ୟ ସେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ । ନ୍ୟୁ ଇଣ୍ଡିଆ ଦ୍ରୁତ ଗତିରେ ବିକାଶ ପଥରେ ଅଗ୍ରସର ହେଉଥିବା ସମୟରେ ଜାପାନ ପ୍ରତ୍ୟେକ ପଦକ୍ଷେପରେ ଭାରତ ସହ ସାଥୀ ହୋଇ କିଭଳି ଆଗକୁ ବଢ଼ିପାରିବ ତାହା ସେ ସୁନିଶ୍ଚିତ କରିଥିଲେ ।

ଭାରତ-ଜାପାନ ସମ୍ପର୍କକୁ ମଜବୁତ କରିବା ଲାଗି ସେ ଐତିହାସିକ ଯୋଗଦାନ ଦେଇଥିଲେ, ଏଥିପାଇଁ ୨୦୨୧ରେ ତାଙ୍କୁ ପଦ୍ମ ଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ସାରା ବିଶ୍ୱରେ ସଂଘଟିତ ହେଉଥିବା ଜଟିଳ ଏବଂ ବହୁମୁଖି ପରିବର୍ତ୍ତନ ପ୍ରତି ଆବେ ସାନଙ୍କର ଗଭୀର ଧାରଣା ରହିଥିଲା । ତାଙ୍କ ଭିତରେ ଏକ ଅଦ୍ଭୁତ ଦୂରଦୃଷ୍ଟି ରହିଥିଲା, କେବଳ ଏହି କାରଣରୁ ସେ ରାଜନୈତିକ, ସାମାଜିକ, ଆର୍ଥିକ ଏବଂ ଅନ୍ତର୍ଜାତୀୟ ସମ୍ପର୍କ ଉପରେ ବିଶ୍ୱଘଟଣାକ୍ରମର ପ୍ରଭାବ ସମ୍ପର୍କରେ ପୂର୍ବାନୁମାନ କରିପାରୁଥିଲେ । କେଉଁ ବିକଳ୍ପ ଚୟନ କରିବାକୁ ହେବ ସେ ସମ୍ପର୍କରେ ବୁଝାମଣା ହେଉ, ସ୍ପଷ୍ଟ ଓ ସାହସିକ ନିଷ୍ପତ୍ତି ନେବା, ରାଜିନାମା ହେଉ କିମ୍ବା ପୁଣି ନିଜ ଲୋକ ଏବଂ ସାରା ବିଶ୍ୱକୁ ସାଥୀରେ ନେଇ ଚାଲିବାର ବିଷୟରେ, ତାଙ୍କର ବୁଦ୍ଧିମତା ଅନ୍ୟମାନଙ୍କୁ ପ୍ରଭାବିତ କରୁଥିଲା । ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନୀତି – ଆବେନୋମିକ୍ସ- ଜାପାନର ଅର୍ଥବ୍ୟବସ୍ଥାକୁ ପୁଣିଥରେ ସୁଦୃଢ଼ କରିଥିଲା ଏବଂ ଜାପାନର ଲୋକମାନଙ୍କ ମଧ୍ୟରେ ନବୋନ୍ମେଷ ଏବଂ ଉଦ୍ୟମିତା ଭାବନାକୁ ନୂଆ ଉତ୍ସାହ ଦେଇଥିଲା ।

ସେ ଆମ ପାଇଁ ଯେଉଁ ପରମ୍ପରା ଛାଡ଼ି ଯାଇଛନ୍ତି, ସେଥିପାଇଁ ସାରା ବିଶ୍ୱତାଙ୍କ ନିକଟରେ ଋଣୀ ହୋଇ ରହିବ । ସେ ସାରା ବିଶ୍ୱରେ ବଦଳୁଥିବା ପରିସ୍ଥିତିକୁ କେବଳ ଠିକ୍ ସମୟରେ ଚିହ୍ନିପାରିନଥିଲେ ବରଂ ନିଜେ ନେତୃତ୍ୱ ନେଇ ଏହାର ସମାଧାନ ମଧ୍ୟ ପ୍ରଦାନ କରିଥିଲେ । ୨୦୦୭ରେ ଭାରତୀୟ ସଂସଦରେ ଦେଇଥିବା ନିଜ ଉଦବୋଧନରେ ସେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଅଭ୍ୟୁଦୟ ପାଇଁ ଆଧାରଶୀଳା ରଖିଥିଲେ । ଚଳିତ ଶତାବ୍ଦୀରେ ରାଜନୈତିକ, ରଣନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ଏହି କ୍ଷେତ୍ର କିଭଳି ଭାବେ ସାରା ବିଶ୍ୱକୁ ଏକ ନୂଆ ଆକାର ଦେଇପାରିବ ସେ ସମ୍ପର୍କରେ ମଧ୍ୟ ସେ ପରିକଳ୍ପନା କରିଥିଲେ ।

ଏଥିସହିତ ଏହାର ରୂପରେଖ ପ୍ରସ୍ତୁତ କରିବାରେ ମଧ୍ୟ ସେ ଆଗରେ ରହିଥିଲେ । ସେ ଏଥିରେ ସ୍ଥାୟିତ୍ୱ ଏବଂ ସୁରକ୍ଷା ସହିତ ଶାନ୍ତ ଓ ସମୃଦ୍ଧ ଭବିଷ୍ୟତ ପାଇଁ ଏପରି ଏକ ଦୃଷ୍ଟିକୋଣ ଆପଣାଇଥିଲେ, ଯାହା ଉପରେ ତାଙ୍କର ଅତୁଟ ବିଶ୍ୱାସ  ରହିଥିଲା । ଏହା ଏପରି ମୂଲ୍ୟବୋଧ ଉପରେ ଆଧାରିତ ଥିଲା, ଯେଉଁଥିରେ ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ସର୍ବୋପରି ରଖାଯାଇଥିଲା। ଏଥିରେ ଅନ୍ତର୍ଜାତୀୟ ଆଇନ-ନିୟମ ଏବଂ ସମାନତା ସ୍ତରରେ ଶାନ୍ତିପୂର୍ଣ୍ଣ ବିଶ୍ୱସ୍ତରୀୟ ସମ୍ପର୍କ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ଆର୍ଥିକ ଗତିବିଧିକୁ ପ୍ରୋତ୍ସାହନ ଠାରୁ ଆରମ୍ଭ କରି ପ୍ରତ୍ୟେକଙ୍କ ପାଇଁ ସମୃଦ୍ଧିର ଦ୍ୱାର ଖୋଲିବା ନିମନ୍ତେ ଏଥିରେ ଆବଶ୍ୟକ ସୁଯୋଗ ରହିଥିଲା ।


କ୍ୱାଡ ହେଉ କିମ୍ବା ଆସିଆନ ନେତୃତ୍ୱାଧୀନ ମଞ୍ଚ, ଇଣ୍ଡୋ ପେସିଫିକ ଓସନ୍ସ ଇନିସିଏଟି ହେଉ କିମ୍ବା ପୁଣି ଏସିଆ-ଆଫ୍ରିକା ଗ୍ରୋଥ କରିଡର ଅଥବା ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ମେଣ୍ଟ, ତାଙ୍କର ଯୋଗଦାନ ଏସବୁ ସଂଗଠନକୁ ଲାଭ ଦେଇଥିଲା । ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସେ ଘରୋଇ ସମସ୍ୟା ଏବଂ ସାରା ବିଶ୍ୱର ସନ୍ଦେହକୁ ପଛରେ ପକାଇ, ଶାନ୍ତିପୂର୍ଣ୍ଣ ଢଙ୍ଗରେ ପ୍ରତିରକ୍ଷା, ଯୋଗାଯୋଗ, ଭିତ୍ତିଭୂମି ଏବଂ ଦୀର୍ଘସ୍ଥାୟିତ୍ୱ ସମେତ ଜାପାନର ରଣନୈତିକ ସମ୍ପର୍କରେ ଆମୂଳଚୂଳ ପରିବର୍ତ୍ତନ ଆଣିବା ଦିଗରେ କାର୍ଯ୍ୟ କରିଥିଲେ । ତାଙ୍କର ଏହି ପ୍ରୟାସ କାରଣରୁ ଆଜି ସମ୍ପୂର୍ଣ୍ଣ କ୍ଷେତ୍ର ଅଧିକ ଆଶାବାଦୀ ହୋଇପାରିଛି ଏବଂ ବିଶ୍ୱନିଜ ଭବିଷ୍ୟତକୁ ନେଇ ଅଧିକ ଆଶ୍ୱସ୍ତ ହୋଇପାରିଛି ।

ଚଳିତ ବର୍ଷ ମେ ମାସରେ ମୁଁ ଜାପାନ ଗସ୍ତ କରିଥିଲି, ଏହି ସମୟରେ ଆବେ ସାନଙ୍କୁ ଭେଟିବା ପାଇଁ ମୋତେ ସୁଯୋଗ ମିଳିଥିଲା। ସେତେବେଳେ ସେ ଜାପାନ-ଭାରତ ସଂଘର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଥିଲେ । ନିଜ କାମକୁ ନେଇ ସେତେବେଳେ ମଧ୍ୟ ସେ ଉତ୍ସାହିତ ଥିଲେ । ତାଙ୍କର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ପ୍ରତ୍ୟେକଙ୍କୁ ପ୍ରଭାବିତ କରୁଥିଲା । ତାଙ୍କର ବାକ୍‌ପଟୁତା ଅତି ଚମତ୍କାର ଥିଲା। ଭାରତ-ଜପାନ ବନ୍ଧୁତାକୁ ଅଧିକ ମଜବୁତ କରିବା ଲାଗି ତାଙ୍କ ପାଖରେ ଅନେକ ଉପାୟ ରହିଥିଲା । ସେଦିନ ତାଙ୍କୁ ଭେଟି ଫେରିବା ପରେ, ତାହା ଆମର ଶେଷ ସାକ୍ଷାତ ହେବ ବୋଲି ମୁଁ କେବେ ବି ଭାବିନଥିଲି।

ତାଙ୍କର ଆତ୍ମୀୟତା, ବୁଦ୍ଧିମତା, ସହୃଦୟତା, ବ୍ୟକ୍ତିତ୍ୱର ଗମ୍ଭୀରତା, ବନ୍ଧୁତା ଓ ମାର୍ଗଦର୍ଶନ ସବୁଦିନ ମୋ ପାଇଁ ସ୍ମରଣୀୟ ହୋଇ ରହିବ ଏବଂ ସେ ସବୁଦିନ ମୋର ମନେ ରହିବେ ।

ତାଙ୍କ ବିୟୋଗରେ ଆମେ ସମସ୍ତ ଭାରତବାସୀ ଗଭୀର ଭାବେ ମର୍ମାହତ, ଯେମିତି ଆମ ନିଜ ଲୋକ କେହି ଆରପାରିକୁ ଚାଲି ଯାଇଛନ୍ତି । ଖୋଲା ହୃଦୟରେ ସେ ଆମମାନଙ୍କୁ ସ୍ୱାଗତ କରିଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ସେ ନିଜ ଲକ୍ଷ୍ୟରେ ଦୃଢ଼ ରହିଥିଲେ – ଅନେକ ଲୋକଙ୍କୁ ଅନୁପ୍ରାଣିତ କରିଚାଲିଥିଲେ । ଦୁଃଖର ବିଷୟ, ସେ ଆଜି ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କର ଆଦର୍ଶ ସବୁଦିନ ଆମକୁ ଅନୁପ୍ରାଣିତ କରୁଥିବ ।

ମୁଁ ଭାରତବାସୀଙ୍କ ତରଫରୁ ଏବଂ ନିଜ ତରଫରୁ ଜାପାନର ଲୋକମାନଙ୍କୁ, ବିଶେଷ କରି ଶ୍ରୀମତୀ ଅକୀ ଆବେ ଏବଂ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ବ୍ୟକ୍ତ କରୁଛି । ●



**PMO India** @PMOIndia · 2d


दुनिया के लिए 21वीं सदी भारत की सदी है।

और भारत के लिए ये सदी कर्तव्यों की सदी है।

हमें इसी सदी में, अगले 25 सालों में नए भारत के स्वर्णिम लक्ष्य तक पहुँचना है।

इन लक्ष्यों तक हमें हमारे कर्तव्य ही लेकर जाएंगे।

इसलिए, ये 25 साल देश के लिए कर्तव्य पथ पर चलने के साल हैं: PM



**Rajnath Singh** @rajnathsingh ·

प्रधानमंत्री श्री @narendramodi द्वारा आज नए संसद भवन के शीर्ष पर भारत के राष्ट्रीय चिन्ह का अनावरण किया गया। देश का नया संसद भवन, नए और समर्थ भारत की नई पहचान का प्रतीक बन कर उभरेगा। आज का यह कार्यक्रम उसी दिशा में लिया गया एक बड़ा कदम है।



**Amit Shah** @AmitShah ·

प्रत्येक भारतीय और विशेष रूप से गुजरात के लोगों के लिए ये अत्यंत गर्व व हर्ष की बात है कि भारत के पहले UNESCO World Heritage शहर, अहमदाबाद को अब टाइम पत्रिका द्वारा "2022 के विश्व के 50 महानतम स्थानों" की सूची में शामिल किया गया है।

इस उपलब्धि पर मैं सभी को बधाई देता हूँ।

2001 से @narendramodi जी के नेतृत्व में गुजरात में जो विश्वस्तरीय इंफ्रास्ट्रक्चर बनाने की नींव रखी गयी यह उसी का परिणाम है।

अहमदाबाद का साबरमती रिवरफ्रंट हो या साइंस सिटी, मोदी जी ने हमेशा Next-Gen इंफ्रास्ट्रक्चर बनाने और भारत को भविष्य के लिए तैयार करने पर जोर दिया है।



**Nitin Gadkari** @nitin_gadkari

GoI under the visionary leadership of Hon'ble PM Shri @narendramodi Ji is bringing the connectivity gap in the country each day and transforming #NewIndia by building excellent infrastructure capacities. #PragatiKaHighway #GatiShakti



**Ashwini Vaishnaw** @Ashwini...

गुजरात में श्री अंबाजी माताजी शक्तिपीठ और जैन समाज के तीर्थ स्थल तारंगा के श्रद्धालुओं एवं आबू, राजस्थान के पर्यटकों को अब रेल सुविधाओं का लाभ मिलेगा।

इस महत्वपूर्ण निर्णय के लिए पीएम @narendramodi जी का हार्दिक आभार।



**G Kishan Reddy** @kishanred...

Commemorating India's 75 years of Independence & as part of Azadi ka Amrit Kaal, #Cabinet chaired by PM Sh @NarendraModi decided that for next 75 days starting 15th July 2022, citizens above 18 years of age will be given booster doses free of cost #AmritMahotsav #CabinetDecisions

# वैश्विक अनिश्चितताओं में 'आइ2यू2' का एजंडा सकारात्मक : प्रधानमंत्री

## यूएई भारत में एकीकृत फूड पार्क पर 2 अरब डालर निवेश करेगा

जनसत्ता ब्यूरो
नई दिल्ली, 14 जुलाई।

प्रधानमंत्री नरेंद्र मोदी ने गुरुवार को कहा कि बढ़ती वैश्विक अनिश्चितताओं के बीच 'आइ2यू2' समूह व्यावहारिक सहयोग का एक अच्छा मॉडल है, जिसकी पहली ही बैठक में एक 'सकारात्मक एजंडा' स्थापित कर लिया गया।

'आइ2यू2' समूह की पहली शिखर बैठक को डिजिटल माध्यम से संबोधित करते हुए मोदी ने कहा, 'हमने कई क्षेत्रों में संयुक्त परियोजनाओं की पहचान की है और उनमें आगे बढ़ने का खाका भी बनाया है।' इस बैठक के बाद जारी साझा बयान में कहा गया कि संयुक्त अरब अमीरात (यूएई) इस समूह के समझौते के तहत भारत में 'एकीकृत फूड पार्क' की स्थापना के लिए दो अरब डालर का निवेश करेगा। शिखर बैठक में डिजिटल माध्यम से ही अमेरिका के ...

भारत, इजराइल, अमेरिका और यूएई के गठबंधन की पहली शिखर बैठक



बाकी पेज 8 पर

# बिना समावेश के वास्तविक विकास संभव नहीं : मोदी

पीएम ने अरुण जेटली स्मृति व्याख्यान में निजी क्षेत्र को विकास में साझेदार बताया

आने वाले दौर की वैश्विक चुनौतियों को गहराई से समझते थे शिंजो आबे

# मैंने अपने प्यारे दोस्त आबे सान को खोया, दुनिया ने महान नेता






# भारत-रूस में यूक्रेन समेत कई मुद्दों पर वार्ता

जयशंकर ने बाली में रूसी विदेश मंत्री लॉवरोव से मुलाकात की

जी-20 सम्मेलन







# देवघर के प्रोजेक्ट से देश को मिलेगी गति, रांची व पटना की उड़ान जल्द

एयरपोर्ट पर अपने अभिभाषण में बोले मुख्यमंत्री हेमंत सोरेन

## केंद्र व जनता का सहयोग रहा तो देश के अग्रणी राज्य में शुमार होगा झारखंड







**झलकियां**

# आधार के लिए लगाया अंगूठा तो छह साल बाद मिला बच्ची के घर का पता

पीएम ने डिजिटल इंडिया वीक कार्यक्रम में किया घटना का जिक्र



## देवी काली का आशीर्वाद हमेशा देश के साथ : मोदी

RNI No. :
DELODI/2020/78831
AUGUST 01-15, 2022


ନ୍ୟୁ ଇଣ୍ଡିଆ ସମାଚାର
ପାକ୍ଷିକ

RNI Registered No DELODI/2020/78831, Delhi Postal License No DL(S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi - 110 001 on 26-30 advance Fortnightly (Publishing Date 19 JULY, 2022 Pages - 56)

# ବିଭାଜନ ବିଭୀଷିକା ସ୍ମୃତି ଦିବସ

**14 ଅଗଷ୍ଟ**

ଦୁନିଆର ସବୁଠାରୁ ବଡ଼ କଷ୍ଟ ହେଉଛି ନିଜ ଲୋକଙ୍କଠୁ ଅଲଗା ହେବା। ସାତ ଦଶନ୍ଧି ପୂର୍ବେ ସ୍ୱାଧୀନତା ସହ ଆମ ଭିତରେ ପ୍ରବେଶ କରିଥିଲା ଏହି ବିଭାଜନ ବିଭୀଷିକା। ଜଣା ନାହିଁ କେତେ ଲୋକ ନିଜ ଲୋକଙ୍କୁ ହରାଇଲେ ଆଉ ତାଙ୍କଠୁ ବିଚ୍ଛିନ୍ନ ହେଲେ। କୁହାଯାଏ ଯେତେବେଳେ ଭାରତ-ପାକ୍ ଅଲଗା ହେଲା ସେତେବେଳେ ଦୁଇ ପଟୁ ଉଠିଥିବା ହିଂସା ଯୋଗୁ ଅନେକ ଲୋକଙ୍କ ପ୍ରାର ଗଲା ଆଉ ଲକ୍ଷ ଲକ୍ଷ ଲୋକଙ୍କ ମୁଣ୍ଡ ଉପରେ ଛାତ ନଥିଲା। ଏହି ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିବର୍ଷ 14 ଅଗଷ୍ଟକୁ ବିଭାଜନ ବିଭୀଷିକା ସ୍ମୃତି ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ଆଗାମୀ ପିଢ଼ିକୁ ଏହିଦିନ ଭେଦଭାବ, ବିଷାଦ, ଶତ୍ରୁତାଭଳି ବିଷକୁ ନଷ୍ଟ କରି ସାମାଜିକ ସଦ୍‌ଭାବନା, ଏବଂ ମାନବୀୟ ସମ୍ବେଦନତାକୁ ମଜଭୁତ କରିବାକୁ ପ୍ରେରିତ କରାଏ।



> **“‘ବିଭାଜନ ବିଭୀଷିକ ସ୍ମୃତି ଦିବସ’ ଆମକୁ ସାମାଜିକ ଭେଦଭାବ, ଶତ୍ରୁତାକୁ ଭୁଲି ଏକତା, ସାମାଜିକ ସଦ୍‌ଭାବ ଏବଂ ମାନବୀୟ ସମ୍ବେଦନତାକୁ ମଜଭୁତ କରିବାର ଆବଶ୍ୟକତାକୁ ମନେପକାଇଦିଏ। ”**
>
> **- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

**Editor**
**Jaideep Bhatnagar**, Principal Director General, Press Information Bureau, New Delhi

**Published & Printed by:**
**Satyendra Prakash**, Principal Director General, on behalf of Central Bureau of Communication

**Published from:**
**Room No–278, Central Bureau of Communication, 2nd Floor, Soochna Bhawan, New Delhi -110003**

**Printed at** Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1,Faridabad-121003

Odia Vol. 3
Issue 03